# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 6/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 221 | ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ | Bhubaneswar, Sunday, July 6/2025




**ଗିଲ୍‌ଙ୍କ ଶତକ**
ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁବମନ ଗିଲ୍। ୧୪

୧୦ **ସେନା ଅଧିକାରୀ ଭୂମିକାରେ ସଲ୍‌ମାନ**
ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ସଲ୍‌ମାନ ଖାନ୍‌ଙ୍କୁ ସେନା ଅଧିକାରୀ ଭୂମିକାରେ ଦେଖିବାକୁ ମିଳିବ।



# ହିନ୍ଦୀକୁ ବିରୋଧ ଠାକ୍‌ରେ ଭ୍ରାତା ଏକାଠି

ମୁମ୍ବାଇ,୫।୭(ପି.ଟି./ଏଜେନ୍ସି)

## ୨୦ ବର୍ଷ ପରେ ଗୋଟିଏ ମଞ୍ଚରେ

୨୦୦୩ରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ପୁଅ ଉଦ୍ଧବ ଠାକ୍‌ରେଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଘୋଷଣା କରିବା ସହ ରାଜନୈତିକ ଉତ୍ତରାଧିକାରୀ ହେବା ପଥ ସୁଗମ କରିଥିଲେ। ବାଲ୍ ଠାକ୍‌ରେଙ୍କ ପୁତୁରା ରାଜ୍ ଠାକ୍‌ରେ ଏଥିରେ କ୍ଷୁବ୍ଧହୋଇ ୨୦୦୬ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନାମରେ ପୃଥକ୍ ରାଜନୈତିକ ଦଳ ଗଢ଼ିଥିଲେ। ଉଦ୍ଧବ ଓ ରାଜ୍‌ଙ୍କୁ ୨୦୦୫ରେ ଶେଷ ଥର ପାଇଁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଦୁଇ ଦଶନ୍ଧିର ରାଜନୈତିକ ବିଚ୍ଛେଦ ପରେ ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ବିଚାରଧାରା ଦୁଇଭାଇଙ୍କୁ ଏବେ ପୁଣି ଏକାଠି କରିଛି। କ୍ଷମତାସୀନ ମହାୟୁତି ସରକାର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ତିନିଭାଷା ସୂତ୍ର ବଳରେ ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କିନ୍ତୁ ହିନ୍ଦୀ ଭାଷାକୁ ମରାଠୀଙ୍କ ଉପରେ ଜବରଦସ୍ତ ଲଦି ଦିଆଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ଜୋର୍‌ଦାର ବିରୋଧ କରାଯିବାରୁ ଜୁନ୍ ୨୯ରେ ରାଜ୍ୟ ସରକାର ବାଧ୍ୟହୋଇ ନିଜ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଲେ। ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଏବଂ ଏମ୍‌ଏନ୍‌ଏସ୍ ସୁପ୍ରିମୋ ରାଜ୍ ଏହାକୁ 'ମରାଠୀଙ୍କ ବିଜୟ' ବୋଲି ଅଭିହିତ କରି ଶନିବାର ମୁମ୍ବାଇର ୱର୍ଲିରେ 'ଭିକ୍ଟ୍ରି ରାଲି' କରିଛନ୍ତି। ଉଦ୍ଧବଙ୍କ ସହ ମଞ୍ଚାସୀନ ରାଜ୍ କହିଛନ୍ତି, ଯାହା ବାଲ୍ ଠାକ୍‌ରେ କରିପାରି ନ ଥିଲେ, ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଉଦ୍ଧବ ମଧ୍ୟ 'ଆମେ ଏକାଠି ହୋଇଛୁ, ଏକାଠି ରହିବୁ' କହି ଆଗକୁ ହେବାକୁ ଥିବା ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ଅନ୍ୟ ପୌରପାଳିକା ନିର୍ବାଚନ ମିଳିତ ଭାବେ ଲଢ଼ିବା ପାଇଁ ସଙ୍କେତ ଦେଇଛନ୍ତି। ସଦ୍ୟ ଘଟଣାକ୍ରମ ଆଗାମୀ ଦିନରେ ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି ଚର୍ଚ୍ଚା ହେଉଛି।

(ଅଧିକ ରିପୋର୍ଟ: ଜାତୀୟ/ ଅନ୍ତର୍ଜାତୀୟ ପୃଷ୍ଠା)



ଶ୍ରୀମସ୍ତକରେ ଟାହିଆ ସୁଶୋଭିତ, ଘଣ୍ଟ, କାହାଳି ତାଳେ ତାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବବିହ୍ୱଳ ପରିବେଶରେ ଧାଡ଼ି ପହଣ୍ଡିରେ ନନ୍ଦିଘୋଷ ରଥକୁ ବିଜେ ହେଉଛନ୍ତି।

# ଜନ୍ମବେଦିରୁ ବାହୁଡ଼ିଲେ ମହାପ୍ରଭୁ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

## ଆଜି ସୁନାବେଶରେ ଝଲସିବେ ଦାରୁଦିଅଁ

ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଜନ୍ମବେଦି ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତିକାନ୍ତିର ଯଥେଷ୍ଟ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟ ଘଣ୍ଟା, ନୃତ୍ୟ ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ପ୍ରଥମେ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୭ଟା ୫ରେ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଥିବାବେଳେ ପରେ ମା' ସୁଭଦ୍ରା ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ପହଞ୍ଚିଥିଲା। ରବିବାର ମହାପ୍ରଭୁ ରଥ ଉପରେ ସୁନାବେଶରେ ଦର୍ଶନ ☞ପୃଷ୍ଠା-୨

# ୯ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୫।୭ (ଅନୁରାଧା ମହାରଣା)

## ପେନ୍‌ସନ, ପଦବୀ ପୂରଣ ଦାବି

ଆସନ୍ତା ୯ ତାରିଖରେ ସର୍ବଭାରତୀୟ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଘ ଏଆଇବିଇଏ, ବିଇଏଫ୍‌ଆଇ ଏବଂ ଏଆଇବିଓଏ ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ଶତାଧିକ କ୍ଷେତ୍ରୀୟ ଫେଡେରେଶନଙ୍କ ମିଳିତ ମଞ୍ଚର ଜାତୀୟ କନ୍‌ଭେନ୍‌ଶନରେ ଏହି ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ କଳା ୪ ଶ୍ରମକୋଡ୍‌ର ବାତିଲ, ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଦେବା, ଆଉଟ୍‌ସୋର୍ସିଂ ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲିଥିବା ପଦବୀ ପୂରଣ, ସର୍ବନିମ୍ନ ମାସିକ ମଜୁରି ୨୬ ହଜାର ଟଙ୍କା ଦେବା, ପୁରୁଣା ପେନ୍‌ସନ ସ୍କିମ୍‌ର ପୁନଃ ପ୍ରଚଳନ ଆଦି ୧୭ ଦଫା ଦାବି କରାଯାଇଛି। ଏଥିସହ ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର, କର୍ପୋରେଟ୍‌ଙ୍କ ଖିଲାପୀ ଋଣର ଅସୁଲ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ବୀମା ପଲିସି ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି। ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଗଠନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଏକାତ୍ମ ମାନବବାଦରେ ବିଶ୍ୱାସ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: କମର୍ସ ମେରିଟ୍ ଏକାଡେମୀ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସମ୍ମିଳନୀ କକ୍ଷ ସଂସ୍କୃତି ଭବନ, କଳ୍ପନା ଛକ ନିକଟ ବିଜେବି ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବର୍ତ୍ତନା, ଖଇରା, ସମୟ: ସକାଳ ୮ଟା।
- ସୁନାବେଶ ଦର୍ଶନ, ସ୍ଥାନ: ଇମାମୀ ମନ୍ଦିର, ରେମୁଣା, ସମୟ: ସକାଳ ୮ଟା ୩୦।
- ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହରିଶୟନ ଏକାଦଶୀ (ବଡ଼), ରାଜାରାଜେଶ୍ୱର ବେଶ, ରଥଟଣା, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ହରିଶୟନ ନୀତି, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ରାତି ୧୦ଟା ୩୦।

## ଭଦ୍ରକ

- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଭଦ୍ରକ କଲେଜର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ଆମ ପାଠାଗାର ପରିସର, ଧାମନଗର ହାଇସ୍କୁଲ, ସମୟ: ଅପରାହ୍ନ ୪ଟା।
- ହଜରତ ଇମାମ ହୋସେନଙ୍କ ଜନ୍ମଦିନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ମଦିନା ମଇଦାନ, ନଙ୍ଗାମହଲା, ଭଦ୍ରକ, ସମୟ: ରାତି ୧୦ଟା।

## କେନ୍ଦୁଝର

- ରାଜନଗର ଦଧିବାମନ ଜୀଉଙ୍କ ସୁନାବେଶ, ସ୍ଥାନ: ରାଜନଗର ସିଂହ ଦ୍ୱାର, ପାଟଣା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଅଭିଭାବକ ବୈଠକ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ସାହି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣା, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ରେରଣା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ଅପରାହ୍ନ ୪.୩୦।

## ଗଞ୍ଜାମ

- ଏକାଦଶୀ ଉପଲକ୍ଷେ ମଞ୍ଚସ୍ଥ ହେବ ନାଟକ'ସତୀ ଲୁହରେ ଜଳୁଛି ଲଙ୍କା', ସ୍ଥାନ: ବୁଗୁଡା ବଡଦାଣ୍ଡ , ସମୟ: ସନ୍ଧ୍ୟା ୬ ଟା ୫ ।

## ଜଗତ୍‌ସିଂହପୁର

- ବଟଶ୍ରୀ ଚ୍ୟାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତିର୍ତ୍ତୋଲ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଭଜନସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ୱାଧୀନତା ସଂଗ୍ରାମୀ ବାଉରୀବନ୍ଧୁ ମହାନ୍ତିଙ୍କ ସ୍ମୃତି ସମାରୋହ, ସ୍ଥାନ: ଅନ୍ଧୁଳି ମଠ, ମହାକାଳପଡା, ସମୟ: ସକାଳ ୯ଟା।

## ଯାଜପୁର

- ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ , ସ୍ଥାନ:ନୟାଗଡ ପୁରୁଣା ସହର ବଡଦାଣ୍ଡ ; ଗୋଡିପଡା ; ଖଣ୍ଡପଡା ବଡଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ହରିଶୟନ ଏକାଦଶୀ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ ଅବସରରେ ନାଟକ, ସ୍ଥାନ:ଓଡଗାଁ ବ୍ଲକ କୁରାଳ, ସମୟ: ରାତି ୧୦ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡା, ସମୟ: ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବେଲମଗୁଡା, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦।
- ହୀରାକୁଦ ବନ୍ଧରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ, ସ୍ଥାନ: ହୀରାକୁଦ ବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ଯୁବୋଦୟ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଯୁବୋଦୟ କଲେଜ କ୍ୟାମ୍ପସ, ସକ୍‌ମା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ମାଲ୍ୟ କଣିକା ମହୋତ୍ସବ-୨୦୨୫, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଲୋଇସିଂହା, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଅସ୍ତିତ୍ୱର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ବାସି ବାହୁଡା ଯାତ୍ରା, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ରାଉରକେଲା କେନ୍ଦ୍ରୀୟ ମହରମ୍ କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ପୁରୁଣା ଷ୍ଟେଶନ ରୋଡ୍, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ବୃକ୍ଷରୋପଣ, ପରିବେଶ ସଚେତନତା ଶିବିର,ସ୍ଥାନ: ବଗେଇବିରା, ବରଗଡ଼, ସମୟ:ସକାଳ ୭ଟା।

## କଳାହାଣ୍ଡି

- ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସଚେତନତା ସଂଗ୍ରାମ ସମିତି ବୈଠକ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ, ସ୍ଥାନ: ଜଗନ୍ନାଥ ମନ୍ଦିର ରଥଖଳା, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା ପାଇଁ ଦେବଗଡ଼ରେ ରଥାରୂଢ ହେବେ ତିନିଠାକୁର, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ସୋନପୁର ଘୋଡାଘାଟପଡା ଦଧିବାବନ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ସୋନପୁର ଥାନା ସମ୍ମୁଖ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ପ୍ରଭାବରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନ ଘଟିବ। ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଯାନ୍ତ୍ରିକ ଜିନିଷ କ୍ରୟ ବିକ୍ରୟରେ କଳହ ଦେଖାଦେବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ସମ୍ପର୍କୀୟଙ୍କ ସହଯୋଗ ପାଇ କାମ ସହଜରେ ସମ୍ପନ୍ନ କରିପାରିବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା କାରଣରୁ କ୍ରୋଧାନ୍ୱିତ ହେବେ। ବାହାରକୁ ଯିବା ସମୟରେ ଦୂରାଗତ ବନ୍ଧୁଙ୍କ ସହ ଦେଖାହୋଇଯିବ। ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି ଓ ଆନୁଷ୍ଠାନିକ କାମରୁ ସଫଳତା ମିଳିବ।

**ମିଥୁନ** ଗତକାଲିର କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି ବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ। ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜିର ତୃତୀୟଚନ୍ଦ୍ର ପ୍ରଭାବରେ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେବ। ଆତ୍ମୀୟ ସ୍ୱଜନ ପରୋକ୍ଷରେ ସମାଲୋଚନା କରିପାରନ୍ତି। ଅଭାବଜନିତ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମନରେ ଉଦ୍‌ବେଗ ଭରି ରହିବ। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ସତର୍କ ନ ରହିଲେ ଜିନିଷ ହଜିଯିବା ସଙ୍ଗକୁ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମଧ୍ୟରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କାମରେ ଅସନ୍ତୁଷ୍ଟ ହେତୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପିଲାଙ୍କ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ।

**ତୁଳା** ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି, ସାମାନ୍ୟ ଚେଷ୍ଟାରେ ତାହା ପାଇପାରିବେ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବାକୁ ପଛେଇ ଯାଇ ପାରନ୍ତି। ଅଫିସ୍ କାମରେ ଯୁକ୍ତିତର୍କର ସମ୍ଭାବନା ରହିଛି। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟ ମଧ୍ୟରେ ସଫଳତା ପାଇବେ। ପରିବହନ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ବରଂ ଓଲଟା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** ଆଜି ଦିନଟି ଆନୁଷ୍ଠାନିକ କାମ ପାଇଁ ଭଲ। ସାଧାରଣ ଭୁଲ୍‌ରୁ ପରିବାରରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟକ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅସୁବିଧା ସୃଷ୍ଟି ନ ହେଲେ ମଧ୍ୟ ଆର୍ଥିକ ଅନଟନ କାମକୁ ସଂକୁଚିତ କରିଦେଇପାରେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଲାଭ କରିବେ। ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ। ଏକାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ବନ୍ଧୁ ସମ୍ପର୍କରୁ ଖୁସି ହୋଇପାରନ୍ତି।

**କୁମ୍ଭ** ଆକସ୍ମିକ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟହାନି ମାନସିକ ଅସ୍ଥିରତାର କାରଣ ହେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ। ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବ୍ୟବସାୟ, ପରିବହନ ସକାଶେ ଦିନଟି ଅନୁକୂଳ। ଆନୁଷ୍ଠାନିକ କାମ, ସାମ୍ବାଦିକତା, ଚୁକ୍ତିପତ୍ର, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଅଶାନୁରୂପ ଫଳ ପାଇବେ।

**ମୀନ** ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇପାରନ୍ତି।

ଆଜି ଜୁଲାଇ ୬ ତାରିଖ, ଆଷାଢ଼ ଶୁକ୍ଳପକ୍ଷର ସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ ରବିବାର। ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଡ଼ ତଡ଼ାଉ ବେଶ (ସୁନା ବେଶ), ଅଦ୍ୟ ରବିନାରାୟଣ ବ୍ରତ, ଚାତୁର୍ମାସ୍ୟା ବ୍ରତ ଆରମ୍ଭ, ଅଶୁଦ୍ଧ କାଳ ଆରମ୍ଭ, ମହରମ ପର୍ବ, ଆସୁରା, ଇମାମ ହୁସେନଙ୍କ ବଳିଦାନ ଦିବସ, ରାଶିନକ୍ଷତ୍ର-ବିଶାଖା/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୦୨ ଗତେ ଘ.୦୯।୩୯ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୬ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଇଁଷି ଶିଙ୍ଗ ଫଟା,**
**ଯୁଝିଲା ବେଳକୁ ଗୋଟା।**

ମଇଁଷି ଦଳ ନିଜ ନିଜ ଭିତରେ ଯେତେ ମାଡ଼ଗୋଳ ହୁଅନ୍ତୁ ପଛେ ବିପଦ ପଡିଲେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ବାହାରି ପଡନ୍ତି। ଦଳ ପ୍ରତି ଥିବା ଆନୁଗତ୍ୟ ଯୋଗୁ ଏପରି ହୋଇଥାଏ। ଏକତା ହିଁ ଶକ୍ତିର ଉତ୍ସ। ବାହ୍ୟ ଶତ୍ରୁ ଆକ୍ରମଣ କଲେ ପାରସ୍ପରିକ ବିବାଦ ଭୁଲି ପୁଣି ଏକମନ ହୋଇ ବିପଦର ମୁକାବିଲା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମିଥୁନ ବରଷା ମହୀରେ ମାର**
**କଙ୍କଡ଼ା ବରଷା ନଈରେ ଧାର।**

ସାଧାରଣତଃ ଆଷାଢ଼ ମାସରେ ଭଲ ବର୍ଷା ହେଲେ ଚାଷ କାମ ଠିକ୍‌ଠାକ୍ ବା ଭଲ ହେଉଥିବାର ଜଣାଯାଏ। ତେବେ ଶ୍ରାବଣ ମାସରେ ବର୍ଷା ହେଲେ ନଈରେ ବନ୍ୟା ଆସିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଏକ୍ସପାଏରି ମଲମରେ ଚିକିତ୍ସା




ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାଣ୍ଡେଜ୍ ପାଇଁ ବ୍ୟବହାର ହୋଇଥିବା ଏକ୍ସପାଏରି ସ୍ପିରିଟ୍ ଓ ମଲମ।

**ବଇଣ୍ଡା,୫।୭(ପରିକ୍ଷିତ ସାହୁ)**

ଆଘାତ ସ୍ଥାନରେ ଏକ୍ସପାଏରି ମଲମ ଓ ସ୍ପିରିଟ୍ ଲଗାଇ ବ୍ୟାଣ୍ଡେଜ୍ କରାଯିବାକୁ ନେଇ ଅନୁଗୋଳ ଜିଲା ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଉତ୍ତେଜନା ଦେଖାଦେଇଛି। ବିରୋଧ ବଢ଼ିବା ଦେଖି କର୍ମଚାରୀମାନେ ଡାକ୍ତରଖାନାରେ ତାଲା ପକାଇ ପଳାଇ ଯାଇଛନ୍ତି। ଏ ନେଇ କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଗୁଲ୍‌ଜାର ଖାଁ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୌରୀଶଙ୍କର ବଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବହୁ ଏକ୍ସପାଏରି ମେଡିସିନ ଜବତ କରିଛି।

ଗୁଲ୍‌ଜାର ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ହାତ ଆଙ୍ଗୁଠିରେ ଆଘାତ ଲାଗିଥିଲା। ସେ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟାଣ୍ଡେଜ୍ କରିବା ପାଇଁ ଆସିଥିଲେ। ମେଡିକାଲର ଜଣେ କର୍ମଚାରୀ ତାଙ୍କର ବ୍ୟାଣ୍ଡେଜ୍ କରିଥିଲେ। ହେଲେ କର୍ମଚାରୀ

**■ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**
**■ ମେଡିକାଲ ଷ୍ଟୋର୍ ରୁମ୍‌ରୁ ବହୁ ଏକ୍ସପାଏରି ମେଡିସିନ ଜବତ**

ଜଣକ ଯେଉଁ ସ୍ପିରିଟ୍ ଓ ମଲମ ବ୍ୟବହାର କରିଥିଲେ ତାହା ଏକ୍ସପାଏରି ହୋଇଯାଇଥିଲା। ଏହା ଦେଖି ଗୁଲ୍‌ଜାର ପ୍ରତିବାଦ କରିଥିଲେ। କିନ୍ତୁ କର୍ମଚାରୀ ଜଣକ ଏକ୍ସପାଏରି ମଲମ ଲଗାଇଲେ କୌଣସି କ୍ଷତି ହେବ ନାହିଁ ବୋଲି କହି ବ୍ୟାଣ୍ଡେଜ୍ କରିଦେଇଥିଲେ। ଏ ସମ୍ପର୍କରେ ଗୁଲ୍‌ଜାର କମ୍ପାଉଣ୍ଡରଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଔଷଧ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଯୋଗାଇ ଦିଆଯାଉ ନାହିଁ ବୋଲି କମ୍ପାଉଣ୍ଡର କହିଥିଲେ। ଗୁଲ୍‌ଜାର ଏହାର ବିରୋଧ କରିବା ସହ ଅଞ୍ଚଳବାସୀଙ୍କୁ ଜଣାଇଥିଲେ। ଫଳରେ ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଖବରପାଇ କର୍ମଚାରୀମାନେ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ଗୁଲ୍‌ଜାର ଥାନାକୁଯାଇ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବଳ କହିଥିବା ବେଳେ ଅପରାହ୍ନରେ ତାଙ୍କ ନିର୍ଦ୍ଦେଶରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, କିଶୋରନଗର ମେଡିକାଲର ଫାର୍ମାସିଷ୍ଟ ସରୋଜ କୁମାର ସାହୁ, ସୁପରଭାଇଜର ନାରାୟଣ ଦେହୁରୀ ହଣ୍ଡପା ମେଡିକାଲରେ ପହଞ୍ଚି ଔଷଧ ଗୋଦାମ ଗୃହ ଯାଞ୍ଚ କରି ସେଥିରୁ ବହୁ ଏକ୍ସପାଏରି ମେଡିସିନ ଜବତ କରିଥିଲେ। ପରେ ଉକ୍ତ ଏକ୍ସପାଏରି ମେଡିସିନଗୁଡ଼ିକୁ ଅଞ୍ଚଳବାସୀ ପୋଲିସ ଜିମା ଦେଇଥିଲେ।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୯ରେ ଦେଶବ୍ୟାପୀ ...

ଏନ୍‌ସିବିଇ, ଏଆଇବିଓସି, ଆଇଏମ୍‌ବିଓସି ଏବଂ ଆଇଏନ୍‌ବିଇଏଫ୍ ଏହି ଧର୍ମଘଟକୁ ସମର୍ଥନ ଜଣାଇଛନ୍ତି। ଧର୍ମଘଟ ସଫଳ କରିବା ପାଇଁ ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଓବିଇଏଫ୍‌ର ସାଧାରଣ ସମ୍ପାଦକ ପ୍ରକାଶ କୁମାର ରାୟ ଏବଂ ଏଆଇବିଓଏ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଦାସ ଆହ୍ୱାନ ଦେଇଛନ୍ତି।

### ଜନ୍ମବେଦିରୁ ବାହୁଡ଼ିଲେ ...

ଦେବେ। ସୁନାବେଶରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ମନ୍ଦିର ଏବଂ ଜିଲା ପ୍ରଶାସନର ସମନ୍ୱୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ପାଗ ଅନୁକୂଳ ଥିବା ଯୋଗୁ ଶ୍ରୀକ୍ଷେତ୍ରରେ ପ୍ରାୟ ୧୨ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରାତିରେ ପହୁଡ଼ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ୮ଟା ୨୫ରେ ଶ୍ରୀମୁଖ ଖଣ୍ଡୁଆ, ୮ଟା ୫୫ଟାରେ ବାହୁଟକଣ୍ଠି ହୋଇ କୋଠ ସୁଆଁସିଆଙ୍କ ପକ୍ଷରୁ ସିଂହାସନରେ ଚାରମାଳ ବନ୍ଧାଯାଇଥିଲା। ପରେ ରାତି ୧୨ଟା ୧୦ରେ ଦଇତାପତି ସେବକମାନେ କୁସୁମଲାଗି କରିଥିଲେ। ଶନିବାର ସକାଳ ୬ଟା ୪୦ରେ କୁସୁମଲାଗି ନୀତି ସମ୍ପନ୍ନ ହୋଇଥିଲା। ସକାଳ ୭ଟା ୫ ରେ ମଙ୍ଗଳ ଆଳତି, ୭ଟା ୧୦ରେ ମଇଲମ, ତଡ଼ପ ଲାଗି ୭ଟା ୧୫, ରୋଷ ହୋମ ୭ଟା ୧୦, ଅବକାଶ ପୂଜା ୭ଟା ୪୦, ସୂର୍ଯ୍ୟପୂଜା ୮ଟା ୫, ଦ୍ୱାରପାଳ ପୂଜା ୮ଟା ୨୦ ଓ ଡୋରଲାଗି ହୋଇ ସକାଳ ୯ଟା ୫୫ରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରାଙ୍କ ପହଣ୍ଡି ହୋଇଥିବାବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମ୍ପନ୍ନ ହୋଇଥିଲା। ଦିନ ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ବହୁ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହଙ୍କ ପହଣ୍ଡି ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧ଟା ୫ରେ ରଥାରୂଢ ହୋଇଥିଲେ। ଏହାପରେ ଗଜପତି ମହାରାଜା ଛେରା ପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରା ପହଁରା କରିଥିଲେ। ପରେ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ରଥରେ ରାଜ ନୀତି ସହ ଛେରାପହଁରା କରିଥିଲେ। ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ରାଜନୀତି ଓ ଛେରାପହଁରା କରିଥିଲେ। ଅପରାହ୍ନ ୨ଟା ୪୦ ତିନି ରଥର ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ୨ଟା ୫୦ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତି ସହ ବଡ଼ ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ଅପରାହ୍ନ ୩ଟା ୪୫ରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ମହାପ୍ରଭୁଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ଜୟଜଗନ୍ନାଥ ଧ୍ୱନୀରେ ଭକ୍ତମାନେ ରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥତ୍ରୟ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ କରାଯାଇଥିଲା। ପୋଡ଼ପିଠା ଭୋଗ ଖାଇ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ପୁଣି ଥରେ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ବଡ଼ ଠାକୁରଙ୍କ ତାଳଧ୍ୱଜ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପହଞ୍ଚିଥିଲା। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକି ରହିଥିଲା। ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିର ଚାହାଣି ମଣ୍ଡପକୁ ଆସି ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପାଲିଙ୍କିରେ ଘଣ୍ଟି, ଛତା, କାହାଳୀ ସହ ଶ୍ରୀନଅରଠାରେ ଅଟକିଥିବା ନନ୍ଦିଘୋଷ ନିକଟକୁ ଆସିଥିଲେ। ସେଠାରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ନୀତି ସମ୍ପନ୍ନ କରି ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ଅଭିମୁଖେ ପୁଣି ଗଡ଼ି ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ବାହୁଡ଼ା ଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ପ୍ରାୟ ଶୃଙ୍ଖଳିତ ଭାବରେ ଚଳିତ ବର୍ଷର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତମାନେ ତିନି ରଥକୁ ଟାଣି ନେଇଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀଙ୍କ ସହ ବହୁ ବିଧାୟକ ରଥ ଟାଣିଥିଲେ।

## ଟ୍ରେଡ୍ ୟୁନିୟନ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର): ଭାରତବର୍ଷର ପ୍ରମୁଖ ଶ୍ରମିକ ସଙ୍ଗଠନଗୁଡିକର ୧୭ ଦଫା ଦାବିକୁ ନେଇ ଆସନ୍ତା ୯ ତାରିଖରେ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇଛି। ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କ ଠାରୁ ଆରମ୍ଭକରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ଉଦ୍ଦେଶ୍ୟରେ ହେଉଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହ ଜିଲା କଂଗ୍ରେସ, ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି ତଥା ପଞ୍ଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହିତ ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।




# ୩ ଘରୋଇ ବ୍ୟାଙ୍କ ଉପରୁ ହଟିଲା କଟକଣା

## ପୂର୍ବପରି ସରକାରଙ୍କ କାମ କରିବେ ଏଚ୍‌ଡିଏଫ୍‌ସି, ଆକ୍ସିସ, ଆଇସିଆଇସିଆଇ ବ୍ୟାଙ୍କ

### ସବୁ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅର୍ଥ ସଚିବଙ୍କ ଚିଠି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଏଚ୍‌ଡିଏଫ୍‌ସି,ଆଇସିଆଇସିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ ଉପରୁ ରାଜ୍ୟ ସରକାର କଟକଣା ହଟାଇଛନ୍ତି। ରାଜ୍ୟ ସରକାରଙ୍କ ବ୍ୟାଙ୍କ ସମ୍ପର୍କିତ ସବୁ କାମରେ ପୂର୍ବପରି ଏହି ୩ଟି ଯାକ ଘରୋଇ ବ୍ୟାଙ୍କ ରହିବେ ବୋଲି ପୁଣି ଥରେ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ସବୁ ବିଭାଗରେ ଥିବା ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର, ସଚିବମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଅର୍ଥ ସଚିବ ଶନିବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱାକାଂକ୍ଷୀ ଯୋଜନା କ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବଂ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ଆଶାତୀତ ପ୍ରଦର୍ଶନ ନ କରିପାରିବା ଯୋଗୁ ଏଚ୍‌ଡିଏଫ୍‌ସି, ଆକ୍ସିସ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କକୁ ସରକାରୀ କାର୍ଯ୍ୟ ଲାଗି ଥିବା ବ୍ୟାଙ୍କିଙ୍ଗ୍ ତାଲିକାରୁ ବିଦା କରିଥିଲେ। ଏହି ବ୍ୟାଙ୍କଗୁଡ଼ିକ ପୂର୍ବରୁ ସରକାରୀ ସଂସ୍ଥାର ବ୍ୟବସାୟ ଏବଂ ଜମା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ହେଲେ ପ୍ରଦର୍ଶନ ଭଲ ନ ରହିବା ଯୋଗୁ ଏହି ୩ଟି ଯାକ ବ୍ୟାଙ୍କକୁ ସରକାର ତାଲିକାରୁ କାଟିଦେଇଥିଲେ। ହେଲେ ଏହି ୩ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ଏହି ସମୟରେ ସେମାନେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ଯେ ସରକାରୀ ଯୋଜନା କ୍ଷେତ୍ରରେ ନିଜର ପ୍ରଦର୍ଶନ ଭଲ କରିବେ। ତେଣୁ ସେମାନଙ୍କୁ ସରକାରୀ ତାଲିକାରୁ ବାଦ୍ ନ ଯାଉ ବୋଲି ସେମାନେ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣି ଥରେ ଏହି ୩ଟି ଯାକ ବ୍ୟାଙ୍କକୁ ପୂର୍ବଭଳି ସରକାରୀ ସଂସ୍ଥାର ବ୍ୟବସାୟ, ଜମା ନେଇ କାର୍ଯ୍ୟ କରିବାକୁ ସରକାର ଅନୁମତି ଦେବା ସହ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା କି ସେମାନେ ନିଜର ବ୍ୟାଙ୍କିଙ୍ଗ୍ ଖାତା ଏହି ୩ ବ୍ୟାଙ୍କରୁ ଉଠାଇନେବା ଲାଗି ତାହା ନ କରିବାକୁ ପୁଣି ଥରେ କୁହାଯାଇଛି।

# ଲାଗିରହିବ ବର୍ଷା

ଭୁବନେଶର,୪।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ଜାରି ରହିଛି ବର୍ଷା। କେତେକ ଜିଲାରେ ବନ୍ୟା ପରିସ୍ଥିତି ଉପୁଜୁଥିବାବେଳେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତିରେ ଆସନ୍ତା ୯ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେବା ସହ ବିଭିନ୍ନ ଜିଲାକୁ ସତର୍କ କରିଛି। ତେବେ ରବିବାର ରାଜ୍ୟର ବିଭିନ୍ନ ଜିଲାକୁ ଝଡ଼ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବା ବେଳେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନ ଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ଆବେଦନପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରି)ଠାରେ ଜନଶୁଣାଣି ପାଇଁ ଉପସ୍ଥିତ ରହିବାକୁ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସୂଚନା ଦେଇଛି। ପୁରୀ ରଥଯାତ୍ରା ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟିବା କାରଣରୁ ଗତ ୩୦ରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।




# କମିଟି ଗଠନକରି କରାଯିବ କାମ: ମୁଖ୍ୟ ଶାସନ ସଚିବ

## ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି, ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗ

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)

ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସମ୍ପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା, ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସମ୍ପୃକ୍ତ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିଛନ୍ତି। ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦେବାଶିଷ ସିଂହଙ୍କୁ ମିଳିଲା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଥିବା ଦେବାଶିଷଙ୍କୁ ଗତ ୨ ତାରିଖରେ ବଦଳି କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଥିଲା। ହେଲେ ଶନିବାର ଆଉ ଏକ ବିଜ୍ଞପ୍ତି ଜାରିକରି ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ସେ ଅତିରିକ୍ତ ଭାବେ ତୁଲାଇବେ ବୋଲି ସୂଚନା ଦିଆଯାଇଛି।

# ତେଲଙ୍ଗାନା କେମିକାଲ କମ୍ପାନୀ ବିସ୍ଫୋରଣରେ ମୃତ ଓଡ଼ିଆଙ୍କ ସଂଖ୍ୟା ୯କୁ ବୃଦ୍ଧି

## ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ମଧ୍ୟ ୧୦ଲକ୍ଷ ଟଙ୍କାର ସହାୟତା ଦେବେ ରାଜ୍ୟ ସରକାର

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ତେଲଙ୍ଗାନାରେ କେମିକାଲ କମ୍ପାନୀରେ ଘଟିଥିବା ବିସ୍ଫୋରଣରେ ଓଡ଼ିଆ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ମୃତକ ଜଣକ ହେଉଛନ୍ତି କଟକ ଶୁକରପଡାର ପୂର୍ଣ୍ଣଚନ୍ଦ୍ର ସାହୁ। ମୃତକମାନଙ୍କ ପରିଚୟ ପାଇବା ପାଇଁ ଡିଏନ୍‌ଏ ନମୁନା ଟେଷ୍ଟ କରାଯାଇଥିଲା। ଏଥିରେ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ଡିଏନ୍‌ଏ ନମୁନା ତାଙ୍କ ବାପାଙ୍କ ଡିଏନ୍‌ଏ ସହିତ ମିଶିଥିବା ନେଇ ସୂଚନା ଦିଆଯାଇଛି। ସେହିପରି ଏହି ଦୁର୍ଘଟଣାରେ ଆଉ ୪ଜଣ ଓଡ଼ିଆ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗଞ୍ଜାମର ସମୀ ପାଢ଼ୀ ଏବଂ ଭଦ୍ରକର ଚନ୍ଦନ କୁମାର ନାୟକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ନବରଙ୍ଗପୁରର ନୀଳାମ୍ବର ବାତ୍ରା ଏବଂ ଚିତ୍ରସେନ ଭଦ୍ରା ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ସୂଚନା ଦିଆଯାଇଛି।

ଅପରପକ୍ଷେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପୂର୍ବରୁ ମୃତ ୮ଜଣ ଓଡ଼ିଆ ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନ୍‌ମୋହନ, କଟକ ତିଗିରିଆ ପାଇକରାପୁରର ଲଗ୍ନଜିତ ଦୁଆରି, ବାଲେଶ୍ୱର ଜିଲା ସିମୁଳିଆ ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଜିଲା ଧର୍ମଶାଳା ଏରବଙ୍କର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁର ଚଇତୁ ଭତ୍ରା, ରମେଶ ଗଉଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗଉଡ଼ ଏବଂ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସହାୟତା ଘୋଷଣା କରିଥିଲେ।






“ ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍‌ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା

ରଥଉପରେ ମହାପ୍ରଭୁଙ୍କ ସୁନାବେଶ,
ମହରମ ପର୍ବ



# ଏକାତ୍ମ ମାନବବାଦରେ ବିଶ୍ୱାସ



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)ର ସମ୍ବିଧାନ (ଧାରା–୩) କହେ, ‘ଏକୀକୃତ ବା ଏକାତ୍ମ ମାନବବାଦ ପାର୍ଟିର ଦର୍ଶନ ହେବ’। ପାର୍ଟିର ସଦସ୍ୟତା ଫର୍ମରେ ସଦସ୍ୟମାନଙ୍କୁ ଏକ ସଙ୍କଳ୍ପ ନେବା ଦରକାର ପଡ଼େ, ଯାହାର ପ୍ରଥମ ଧାଡ଼ି ହେଉଛି,‘‘ଭାରତୀୟ ଜନତା ପାର୍ଟିର ମୂଳ ଦର୍ଶନ ଇଣ୍ଟିଗ୍ରାଲ ହ୍ୟୁମାନିଜମ୍ ବା ଏକାତ୍ମ ମାନବବାଦରେ ମୁଁ ବିଶ୍ୱାସ କରେ’’। ଏହି ଏକାତ୍ମ ମାନବବାଦ ହେଉଛି ମୁମ୍ବାଇରେ ୨୨ରୁ ୨୫ ଏପ୍ରିଲ ୧୯୬୫ରେ ଦୀନ୍‌ଦୟାଲ ଉପାଧ୍ୟାୟ ଦେଇଥିବା ୪ଟି ଅଭିଭାଷଣର ବିଷୟବସ୍ତୁ। ଉପାଧ୍ୟାୟ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ ‘ପଞ୍ଚଜନ୍ୟ’ର ସାମ୍ବାଦିକ ଥିଲେ। ଏହି ଭାଷଣ ଦେବା ସମୟରେ ତାଙ୍କ ବୟସ ପାଖାପାଖି ୫୦ ଥିଲା ଏବଂ ଏହାର ଦୁଇ ବର୍ଷ ପରେ ସେ ଜନସଂଘର ସଭାପତି ହୋଇଥିଲେ। ଆସନ୍ତୁ ଭାଜପା ଦର୍ଶନର ବାର୍ତ୍ତାକୁ ଆଉଥରେ ସମୀକ୍ଷା କରିବା। ଉପାଧ୍ୟାୟ ତାଙ୍କ ଭାଷଣରେ ଯାହା କହିଛନ୍ତି ତାହା ହେଉଛି ଯୁକ୍ତିର ସାରାଂଶ। ସେ ଦର୍ଶାଇଥିଲେ, ଜାତୀୟ ପରିଚୟକୁ ଅଣଦେଖା କରିବା ଯୋଗୁ ଭାରତ ସମସ୍ୟାର ସାମ୍ନା କରୁଛି। ଦେଶ ହେଉଛି ଏକ ବ୍ୟକ୍ତିସତ୍ତା ଏବଂ ଏହାର ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକୁ ଅଣଦେଖା କଲେ ତାହା ରୁଗ୍‌ଣ ହୋଇଯାଏ। ସ୍ୱାଧୀନତା ସତ୍ତ୍ୱେ, କେଉଁ ଦିଗରେ ଗଲେ ଭାରତର ବିକାଶ ହେବ ତାହା ଏଯାବତ୍ ସ୍ଥିର ହୋଇନାହିଁ। ଭାରତ ଆର୍ଥିକ, ସାମାଜିକ ତଥା ରାଜନୈତିକ ସିଦ୍ଧାନ୍ତ ସହ ବିଜ୍ଞାନ କ୍ଷେତ୍ରରେ ପାଶ୍ଚାତ୍ୟ ଦୃଷ୍ଟିକୋଣକୁ ଆପଣାଇଥିବାରୁ ଏଠାରେ ଆର୍ଥିକ, ସାମାଜିକ ଓ ରାଜନୈତିକ ସମସ୍ୟା ଉପରେ ଧ୍ୟାନ ରହିଲା। ପ୍ରଗତି ପାଇଁ ପାଶ୍ଚାତ୍ୟକରଣ ଗୁରୁତ୍ୱପୂର୍ଣ୍ଣ ଥିଲା। ଜାତୀୟତାବାଦ, ଗଣତନ୍ତ୍ର ଏବଂ ସମାଜବାଦ ଆଣିବାରେ ପାଶ୍ଚାତ୍ୟ ବିଫଳ ହେଲା। ଏସବୁ ପାଶ୍ଚାତ୍ୟ ବିଚାରଧାରା ପରସ୍ପର ବିରୋଧୀ ଥିଲେ। ଆୟୁର୍ବେଦ ଘୋଷଣା କରିଥିଲା, ସ୍ଥାନୀୟ ରୋଗ ପାଇଁ ଆମକୁ ସ୍ଥାନୀୟ ଚିକିତ୍ସା ଖୋଜିବା ଦରକାର। ତେବେ ଭାରତୀୟ ସଂସ୍କୃତି ବିଶ୍ୱ ପାଇଁ ଏକ ସମାଧାନ ଦେଇପାରିଲା କି? ସାଧାରଣରେ ଧାରଣା ଅଛି, ଭାରତୀୟ ସଂସ୍କୃତି ଆତ୍ମାର ମୁକ୍ତି କଥା ଭାବେ ; ଶରୀର, ବୁଦ୍ଧି ଓ ମନ ସମ୍ପର୍କରେ ମୁଣ୍ଡ ଖେଳାଏ ନାହିଁ। କିନ୍ତୁ ତାହା ମିଥ୍ୟା। ଭାରତୀୟ ସଂସ୍କୃତିରେ ଧର୍ମକୁ ସର୍ବାଗ୍ରେ ସ୍ଥାନ ଦିଆଯାଇଛି। ଧର୍ମ ହେଉଛି ପ୍ରାକୃତିକ ଆଇନ, ଯାହା ଶାଶ୍ୱତ ଏବଂ ବିଶ୍ୱସ୍ତରୀୟ। ବ୍ୟବସ୍ଥାପକ, କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ଏପରି କି ଲୋକଙ୍କଠାରୁ ଧର୍ମ ଉର୍ଦ୍ଧ୍ୱରେ। ଧର୍ମ ବିରୋଧରେ କାମ କରିବା ପାଇଁ ଲୋକଙ୍କର ଅଧିକାର ନାହିଁ। ଦେଶ ପାଇଁ ଧର୍ମ ଏକ ଆବଶ୍ୟକୀୟ ସର୍ତ୍ତ ହୋଇଥିବାରୁ ସମ୍ବିଧାନରେ ‘ସେକୁଲାରିଜମ୍’ ବା ‘ଧର୍ମନିରପେକ୍ଷ’ ଶବ୍ଦର ବ୍ୟବହାର ଭୁଲ୍। ଯାହା ଧର୍ମ ଉପରେ ଆଧାରି ନୁହେଁ ତାହା ଅଗ୍ରହଣୀୟ ଏବଂ ସେଥିପାଇଁ ଧର୍ମନିରପେକ୍ଷ କ୍ଷତିକାରକ ତଥା ତ୍ରୁଟିପୂର୍ଣ୍ଣ। ଜାତୀୟ ଏକତା ଭାରତର ଧର୍ମ, ବିବିଧତା ସମସ୍ୟାପୂର୍ଣ୍ଣ। ଏହି କାରଣ ପାଇଁ ଭାରତର ସମ୍ବିଧାନ ପରିବର୍ତ୍ତନ ଦରକାର କରେ, ଯେଉଁଥିରେ ସଂଘୀୟରୁ ଆରମ୍ଭ କରି ଏକକ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ ପାଇଁ କୌଣସି ବୈଧାନିକ କ୍ଷମତା ନ ଥିବ, କେବଳ କେନ୍ଦ୍ରର ରହିବ। ବ୍ୟକ୍ତି ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ବିଭେଦ ହେଉଛି ପତନ ଓ ବିକୃତିର ସଙ୍କେତ। ବ୍ୟକ୍ତି ଓ ବ୍ୟବସ୍ଥା ମଧ୍ୟରେ ଥିବା ବିରୋଧାତ୍ମକ ସମ୍ପର୍କକୁ ପ୍ରଗତିର କାରଣ ଭାବେ ଦେଖିବା ପାଶ୍ଚାତ୍ୟର ଭୁଲ୍ ଥିଲା। ଆତ୍ମା, ବୁଦ୍ଧି, ଶରୀର ଓ ମନକୁ ନେଇ ବ୍ୟକ୍ତି ଗଢ଼ା। ମଣିଷ ଆତ୍ମା ସହ ଜନ୍ମ ହୋଇଛି। ବ୍ୟକ୍ତିତ୍ୱ, ଆତ୍ମା ଓ ଚରିତ୍ର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବ୍ୟକ୍ତିର ଆତ୍ମା ଉପରେ ବ୍ୟକ୍ତିଗତ ଇତିହାସର କୌଣସି ପ୍ରଭାବ ନାହିଁ। କିନ୍ତୁ ଇତିହାସ ଦ୍ୱାରା ଜାତୀୟ ସଂସ୍କୃତି ଲଗାତର ଭାବେ ପରିବର୍ତ୍ତନ ହୁଏ। ଯାହା ସବୁ ଭଲ ଓ ପ୍ରଶଂସନୀୟ ବିଷୟ ତାହା ସଂସ୍କୃତିରେ ଅଛି, କିନ୍ତୁ ସେସବୁ ଜାତୀୟ ଚେତନାକୁ ପ୍ରଭାବିତ କରେ ନାହିଁ।

ଭାରତର ଜାତୀୟ ଆତ୍ମା ହେଉଛି ମୌଳିକ ଓ ମୁଖ୍ୟ। ଚେତନା ସାଂସ୍କୃତିକ ପ୍ରଗତିର ଦିଗ ନିର୍ଣ୍ଣୟ କରେ। ସମାଜ ଚେତନଶୀଳ ଏବଂ ଗୋଟିଏ ସମାଜର କାୟ, ମନ, ବୁଦ୍ଧି ଓ ଆତ୍ମା ଅଛି। ଆରମ୍ଭରୁ କେତେକ ପାଶ୍ଚାତ୍ୟ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରୁଥିଲେ। ସେମାନଙ୍କ ମଧ୍ୟରୁ ୱିଲିୟମ ମ୍ୟାକଡୋଗାଲ କହିଥିଲେ, ଜଣେ ମଣିଷ ଭଳି ଗୋଟିଏ ଗୋଷ୍ଠୀର ଏକ ମନ ଓ ମନସ୍ତତ୍ତ୍ୱ, ନିଜସ୍ୱ ବିଚାର ପଦ୍ଧତି ଏବଂ କାର୍ଯ୍ୟକ୍ଷମତା ଅଛି। ସମାଜଗୁଡ଼ିକର ଏକ ଜନ୍ମଗତ ପ୍ରକୃତି ଅଛି, ଯାହା ଇତିହାସ ଉପରେ ଆଧାରିତ ନୁହେଁ। ଘଟଣାଗୁଡ଼ିକ ଏହାକୁ ପ୍ରଭାବିତ କରେନାହିଁ। ଏହି ଗୋଷ୍ଠୀ (ସମାଜ) ପ୍ରକୃତି ଠିକ୍ ମଣିଷ ଆତ୍ମା ସଦୃଶ, ଯାହା ଇତିହାସ ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ଦେଶ ପାଖରେ ଉଭୟ ଏକ ଆଦର୍ଶ ଓ ଏକ ମାତୃଭୂମି ଭାବନା ରହିଲେ ହିଁ ତାହା ଏକ ଦେଶ ଭାବେ ଗଣାହେବ। ଆମେ ଧର୍ମ ହାସଲ କରିବା ଲାଗି ଶରୀରକୁ ଏକ ସାଧନ ଭାବେ ଗ୍ରହଣ କରୁ। ଏହା ଥିଲା ଭାରତ ଓ ପାଶ୍ଚାତ୍ୟ ମଧ୍ୟରେ ପ୍ରଭେଦ ବୋଲି ଦର୍ଶାଇଥିଲେ। ଆମର ପ୍ରଚେଷ୍ଟା ଧର୍ମ, ଅର୍ଥ (ଟଙ୍କା), କାମ (ଆନନ୍ଦ) ଓ ମୋକ୍ଷ(ମୁକ୍ତି) ପାଇଁ ଥିଲା। ଏହି ୪ଟିକୁ ଭିନ୍ନ ଭାବେ ଦେଖିବା ପାଶ୍ଚାତ୍ୟର ତ୍ରୁଟି ଥିଲା। ଫଳରେ ଭୋଟଦେବା ଅଧିକାର ପାଇପାରିଲୁ କିନ୍ତୁ ଖାଦ୍ୟ ପାଇଲୁ ନାହିଁ। ଆମେରିକାର ଉଭୟ ରାଜନୈତିକ ସ୍ୱାଧୀନତା ଓ ଧନ ଥିଲେ ବି ଏହା ଆତ୍ମହତ୍ୟା ଓ ମାନସିକ ରୋଗୀଙ୍କ ସଂଖ୍ୟାରେ ବିଶ୍ୱରେ ଶୀର୍ଷରେ ରହିଲା। ଭୋଟଦେବା ଅଧିକାର ଓ ଖାଦ୍ୟ ଥାଇ ମଧ୍ୟ ସୁଖ କିମ୍ବା ଶାନ୍ତି ନ ଥିଲା। ଆମେରିକାରେ ସୁନିଦ୍ରାର ଅଭାବ ଥିଲା, କାରଣ ସେମାନେ ଏକୀକୃତ ମାନବବାଦ ବିଷୟରେ ଭାବି ନ ଥିଲେ। ଆମେରିକୀୟ କହନ୍ତି, ସାଧୁତା ହେଉଛି ସବୁଠୁ ଭଲ ବିଜ୍‌ନେସ୍ ନୀତି, କିନ୍ତୁ ଭାରତୀୟମାନେ କହନ୍ତି ସାଧୁତା ଏକ ନୀତି ନୁହେଁ, ବରଂ ଏକ ସିଦ୍ଧାନ୍ତ।

ଭାଜପା ତାହାର ମୂଳ ଦର୍ଶନରେ ଏକାତ୍ମ ମାନବବାଦ ଉପରେ ଯାହା କହୁଛି ତାହାର ମାନେ କ’ଣ ଏବଂ ଏହାର ଉଦ୍ଦେଶ୍ୟ କ’ଣ, ସେ ସମ୍ପର୍କରେ କିଭଳି ଭାଜପା ମନ୍ତ୍ରୀ କିମ୍ବା ସଦସ୍ୟମାନେ ବୁଝାଇପାରୁଛନ୍ତି, ତାହା ଦେଖିବା କୌତୂହଳର ବିଷୟ ହେବ। ସେମାନେ ଏଥିପାଇଁ ସଙ୍କଳ୍ପ ନେଉଛନ୍ତି ଏବଂ ଏଥିରେ କିଭଳି ବିଶ୍ୱାସ କରୁଛନ୍ତି ତାହା ଜାଣିବାକୁ ଜଣେ ଆଗ୍ରହୀ ହେବା ସ୍ୱାଭାବିକ।

Email:aakar.patel@gmail.com

# ୨୦୩୬ ଭିଜନରେ ବ୍ଲାଇଣ୍ଡ ସ୍ପଟ୍



ସହଦେବ ସାହୁ

ଆମ ଆଖିର ପଛପଟେ ଯେଉଁ ପରଦାଟିଏ ଅଛି, ତାକୁ ରେଟିନା କହନ୍ତି। ଯେଉଁଠି କୌଣସି ଜିନିଷଠାରୁ ଆସୁଥିବା ଆଲୋକ ପଡ଼ିଲା କ୍ଷଣି ସେଠାରେ ଥିବା ଆଲୋକ ଗ୍ରହଣକାରୀ କୋଷଗୁଡ଼ିକ ଜିନିଷର ଛବି ତିଆରି କରି ମସ୍ତିଷ୍କକୁ ପଠାନ୍ତି ବୋଲି ଆମେ ଜିନିଷଟିକୁ ଦେଖିପାରୁ। ଆଲୋକବାହୀ ସ୍ନାୟୁ (ଅପ୍ଟିକ୍ ନର୍ଭ)ଗୁଡ଼ିକ ଶେଷରେ ଏକାଠି ହୋଇ ରେଟିନାର ଯେଉଁ ବିନ୍ଦୁରେ ପ୍ରବେଶ କରନ୍ତି, ସେଠି ଆଲୋକଗ୍ରାହୀ କୋଷ ନାହିଁ ବୋଲି ସେହି ବିନ୍ଦୁଠାରେ କିଛି ଦିଶେ ନାହିଁ ; ତେଣୁ ସେହି ଜାଗାକୁ ବ୍ଲାଇଣ୍ଡ ସ୍ପଟ୍, ଅନ୍ଧବିନ୍ଦୁ, କୁହାଯାଏ। ଆମ ରାଜ୍ୟ ସରକାର ତିଆରି କରିଥିବା ‘ଓଡ଼ିଶା ଭିଜନ ୨୦୩୬’ରେ ବ୍ଲାଇଣ୍ଡ୍ ସ୍ପଟ୍ ଅଛି କହିବା ମାନେ ସରକାରଙ୍କୁ କେତେକ ସମସ୍ୟା ଦିଶୁନାହିଁ। ତେଣୁ ସେଗୁଡ଼ିକର ସମାଧାନ ଉପରେ ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ସବୁ ଲୋକଙ୍କ ପାଖରେ ସରକାର ନ ପହଞ୍ଚିଲେ ଓ ପ୍ରତ୍ୟେକ ଓଡ଼ିଶାବାସୀ ସରକାରଙ୍କୁ ପାଖରେ ନ ପାଇପାରିଲେ (ସବ୍‌କା ସାଥ୍, ସବ୍‌କା ବିକାଶ ସ୍ଲୋଗାନ୍‌ର ମର୍ମ ତ ଏଇୟା!) ଭାଷାଭିତ୍ତିକ ରାଜ୍ୟ ଗଠନର ଉଦ୍ଦେଶ୍ୟ ଶହେ ବର୍ଷ ପରେ ବି ବିଫଳ ହୋଇଛି ବୋଲି ମନେହେବ।

ଓଡ଼ିଶାକୁ ‘ସୁଚିନ୍ତିତ ଉଦ୍ଭାବନ ଓ ଜ୍ଞାନଭିତ୍ତିକ ସେବା ଉଦ୍ୟୋଗର କେନ୍ଦ୍ର ରୂପେ ପ୍ରତିଷ୍ଠା’ କରିବା ‘ଭିଜନ ୨୦୩୬’ର ମୂଳମନ୍ତ୍ର ବୋଲି କହିଲା ବେଳେ ସରକାର ଭୁଲି ଯାଉଛନ୍ତି ଯେ ଏ ‘ସେବା’ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ଛୁଇଁପାରିବାର ବ୍ୟବସ୍ଥା ‘ଭିଜନ’ରେ ନାହିଁ। ଭୁବନେଶ୍ୱରରେ ସବୁ ଟିଭି ଅଛି, ସବୁ ସମ୍ବାଦପତ୍ର ଅଛି (କଟକରେ ଗୋଟିଏ ମାତ୍ର) ମାନେ ଏହିଠି ପ୍ରେସ୍ ହାଣ୍ଡ ଆଉଟ୍ ବାଣ୍ଟିଦେଲେ ବା ଟିଭି ରୁମ୍‌ରେ କହିଦେଲେ ଓଡ଼ିଶାବାସୀ ସମସ୍ତେ ଜାଣୁଛନ୍ତି ବୋଲି ଭାବିବା ମସ୍ତବଡ଼ ଭୁଲ୍। ସରକାର ଏବେ ଯାହା କିଛି କହୁଛନ୍ତି ବା କରୁଛନ୍ତି ସବୁ କେବଳ ନେତାମାନଙ୍କ ଚାମଚାଙ୍କ ଜରିଆରେ ଦୂରଦୂରାନ୍ତର ଲୋକଙ୍କ ପାଖକୁ ଯାଉଛି। ସରକାରୀ ସେବା ବା ଅନୁଦାନ, ଜମିବାଡ଼ି ଗଣ୍ଡଗୋଳର ସମାଧାନ, ଚିକିତ୍ସା ସୁବିଧା ଅଥବା ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା ପାଇଁ ଏବେ ବି ବହୁତ ଲୋକ ପଲିଟିକାଲ୍ ମଧ୍ୟସ୍ଥ, ଗାଁର ଟାଉଟର, କଚେରିର ରାଇଟର୍ ବା ସେବାକେନ୍ଦ୍ରର କର୍ମଚାରୀଙ୍କ ପାଖକୁ ଦଉଡ଼ୁଛନ୍ତି, ହାତଗୁଞ୍ଜା ନ ଦେଲେ ସମାଧାନର ଦିଗ୍‌ବଳୟ ଘୁଞ୍ଚି ଘୁଞ୍ଚି ଯାଉଛି। ସରକାରଙ୍କ ସହ ସମ୍ପର୍କ ରଖିବାର ସାଧନ ସେମାନଙ୍କ ପାଖରେ ନାହିଁ। ପ୍ରାକୃତିକ ବା ସାମାଜିକ ବିପର୍ଯ୍ୟୟ ଓ ଗଣ୍ଡଗୋଳ ସମୟରେ ଆଭ୍ୟନ୍ତରୀଣ ଗାଁଗଣ୍ଡାର ଲୋକେ ଓ ପିଲାଏ ଗଛ ବା ପାହାଡ଼କୁ ଚଢ଼ିଲେ ହିଁ ମୋବାଇଲ୍ ଫୋନ୍ କିଞ୍ଚିତ୍ ପରିମାଣରେ ବ୍ୟବହାର କରିପାରୁଛନ୍ତି, କଣ୍ଟ୍ରାକ୍ଟର–ନେତା ମଧୁଚନ୍ଦ୍ରିକା ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାକୁ ଅସମ୍ପୂର୍ଣ୍ଣ ବା ଅଚଳ ରଖୁଛି। ଲୋକେ ସରକାରଙ୍କୁ ତତ୍‌କ୍ଷଣାତ୍ ଜଣାଇବାର ସୁବିଧା ନାହିଁ। ୨୦୩୬ରେ ଓଡ଼ିଶାର ଚିତ୍ର କିପରି ଦିଶିବ, ତହିଁରେ ଏହିପରି ବହୁତ ବ୍ଲାଇଣ୍ଡ ସ୍ପଟ୍ ଅଛି, ଯେଉଁଗୁଡ଼ିକୁ ନ ହଟାଇଲେ ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ।

ସରକାରଙ୍କୁ କ’ଣ ଦିଶୁନାହିଁ ଦେଖିବା ଆସନ୍ତୁ। ବିଧାନସଭାରେ ସରକାର ପ୍ରକାଶ କରିଛନ୍ତି ୧୬୭ ପଞ୍ଚାୟତର ୨୦୬୩ ଗାଁରେ ମୋବାଇଲ ନେଟ୍‌ୱର୍କ ନାହିଁ, ୧୦ଟି ପଞ୍ଚାୟତରେ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନାହିଁ। ବିଜେଡି ସରକାର ୨୦୨୩ରୁ କହିଆସିଛନ୍ତି ଯେ, ପ୍ରାୟ ୧୩,୦୦୦ ଗାଁରେ ବିଜୁଳି ନାହିଁ। ମୋଟ ଗାଁ ସଂଖ୍ୟା ୫୧,୩୪୯ ଏକଚତୁର୍ଥାଂଶରେ କେବଳ ଆଲୋକ–ଅଭାବ ଅନ୍ଧାରରେ ରହୁନାହାନ୍ତି, (ବିଜୁଳି ଅଭାବରୁ ଇଣ୍ଟରନେଟ୍ କନେକ୍ଟିଭିଟି ବି ନ ଥିବା କାରଣରୁ) ସୂଚନା–ଅଭାବଜନିତ ଅଜ୍ଞାନ–ଅନ୍ଧକାରରେ ବି ଅଛନ୍ତି। ସରକାରୀ ପରିସଂଖ୍ୟାନରେ ତ ୨୮% ନିରକ୍ଷର। ସରକାରଙ୍କ ୨୦୩୬–ଭିଜନରେ ବ୍ଲାଇଣ୍ଡ ସ୍ପଟ୍ କେତେ ବଡ଼ ଭାବନ୍ତୁ! ସବୁ ଅଞ୍ଚଳକୁ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନ ଆଣିଲେ କେବଳ ନିରକ୍ଷର ଲୋକ ନୁହନ୍ତି, ସମସ୍ତଙ୍କ ନିକଟରେ ସରକାର ପହଞ୍ଚିପାରିବେ ନାହିଁ। ଏଥିପାଇଁ ଦରକାର ପ୍ରତି ୨୫ କିଲୋମିଟର ବ୍ୟାସ ପରିମିତ ଇଲାକାରେ ଗୋଟିଏ ଲେଖାଏଁ ମୋବାଇଲ୍ ଟାୱାର, ତହିଁରେ ପରିବାହିତ ବ୍ରଡ୍ ବେଣ୍ଡକୁ ବ୍ୟବହାର କରିବା ଲାଗି ପ୍ରତି ପରିବାର ପାଇଁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ (କମ୍ପ୍ୟୁଟର ଓ ସ୍ମାର୍ଟ ମୋବାଇଲ୍ ଉଭୟର କାମ କରିଥାଏ ଟାବ୍‌ଲେଟ୍)। ଇଣ୍ଟରନେଟ୍‌ର ବିଭିନ୍ନ ୱେବ୍‌ସାଇଟ୍‌କୁ ଯାଇ ଅସୀମ ସଂଖ୍ୟାର ବହି, ପତ୍ରିକା, ଗବେଷଣା ପ୍ରବନ୍ଧ, ସମ୍ବାଦପତ୍ର ଓ ଇ–ମେଲ୍ ସହ ୟୁଟ୍ୟୁବ୍ ବ୍ୟବସ୍ଥାର ସୁବିଧା ସମସ୍ତଙ୍କୁ ମିଳିପାରିବ। କମ୍ପ୍ୟୁଟର ଯନ୍ତ୍ରରେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କୃତ୍ରିମ ବୁଦ୍ଧିମତ୍ତା) ପାଠ ଥିବାରୁ ନିରକ୍ଷର ଲୋକ ଭଏସ୍ ମେସେଜ୍ (ଆଳାପ) ଜରିଆରେ ସରକାରଙ୍କ ସହ ସମ୍ପର୍କ ରଖିପାରିବ। ଗତ ଜୁନ୍ ମାସ ଶେଷରେ ଭାରତୀୟ ରେଳବାଇ ତ ଭଏସ୍ ବୁକିଂ ଆରମ୍ଭ କରିଦେଇଛି। ଇଣ୍ଡିଆନ୍ ରେଲ୍‌ୱେ କାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ୍ (ଆଇଆରସିଟିସି) ଆସ୍କଦିଶା ୨.୦ ନାମକ ନୂଆ ଚାଟ୍‌ବଟ୍ ପ୍ରୟୋଗ କରୁଛି। ଆଇଆର୍‌ସିଟିସି ୱେବ୍‌ସାଇଟ୍‌କୁ ଯାଇ କିମ୍ବା ମୋବାଇଲ୍ ଫୋନ୍‌ରେ ଆସ୍କଦିଶା ୨.୦ ଆପ୍ ଖୋଲି ତା’ ଉପରେ ଟିପ ମାର, ହିନ୍ଦୀରେ କହି ଟିକେଟ୍ ବୁକିଂ କରିପାରିବ। ତୁମ କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ କହିବ ତୁମର ଭ୍ରମଣ ବିବରଣୀ କୁହ, ଷ୍ଟେଶନ ନାଁ, ତାରିଖ ଓ କେଉଁ କ୍ଲାସ୍‌ରେ ଯିବ। ସେଆଡୁ ଶୁଭିବ କେଉଁ କେଉଁ ଟ୍ରେନ୍ କେତେବେଳେ ଯାଉଛି, କେତେ ସିଟ୍ ଫାଙ୍କା ଅଛି ଓ ଟିକଟ ଦାମ୍। ତୁମେ ଟ୍ରେନ୍ ବାଛିବ, କ୍ଲାସ୍ ବାଛିବ। ଏଆଇର ଯନ୍ତ୍ର–ମଣିଷ ତାହା ଶୁଣି ଯାଞ୍ଚ କରିବ, ଠିକ୍ ଥିଲେ ପେମେଣ୍ଟ (ଦେୟ) ପୃଷ୍ଠା ଖୋଲିବ, ତୁମେ ତାହା କଥା ଶୁଣି ତୁମ ଭଏସ୍ (କଥା)ରେ ପଦ–ପୂରଣ କରିବ। ଯନ୍ତ୍ର–ମଣିଷଟି ପାଉଣା ମାଗିବ, ତୁମ କଥାରେ ତାହା ପୂରଣ କଲାକ୍ଷଣି ଏସ୍‌ଏମ୍‌ଏସ୍ ଜରିଆରେ ପିଏନ୍‌ଆର୍ ନମ୍ବର ସହ ଟିକଟଟିଏ ଛପା ହୋଇଯିବ। ଯିଏ ପାଠ ପଢ଼ି ନାହିଁ, କମ୍ପ୍ୟୁଟରରେ କି ବୋର୍ଡ ବ୍ୟବହାର ଜାଣିନାହିଁ କି ଟାଇପ୍ କରିବା ଜାଣିନାହିଁ ସିଏ ପାଟି କରି (ଭଏସ୍ ଅନୁଯାୟୀ) କହିଲେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଫରମ ପୂରଣ କରିଦେବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ବା ଅଫିସ୍‌ରେ ସେହିଭଳି ଏଆଇ ଚାଟ୍‌ବଟ୍ ୱେବ୍‌ସାଇଟ୍ ଖୋଲି ନାଗରିକମାନଙ୍କ ଅଭିଯୋଗ ସାଙ୍ଗେ ସାଙ୍ଗେ ସମାଧାନ କରିହେବ। ତା’ ହୋଇପାରିଲେ ଭୁବନେଶ୍ୱର ବା ଅନ୍ୟତ୍ର ଲୋକଙ୍କୁ ଡକାଇ ଅଭିଯୋଗ ଶୁଣାଣିରେ ସମୟ ଓ ଅର୍ଥ ଖର୍ଚ୍ଚରୁ ସରକାରୀ ଅଧିକାରୀ ଓ ମନ୍ତ୍ରୀମାନେ ନିଜକୁ ଓ ନାଗରିକମାନଙ୍କୁ ହଇରାଣରୁ ବଞ୍ଚାଇ ପାରିବେ। ଫର୍ମ ପୂରଣ ସତ୍ତ୍ୱେ ସମାଧାନ ନ ହୋଇପାରିଲେ କ’ଣ କଲେ ସମାଧାନ ହୋଇପାରିବ ଏଆଇ ତାହା ବତାଇବ। ଲୋକେ ଆଉ ଥରେ ଚେଷ୍ଟା କରିବେ, ଘରେ ବସି ବସି।



ଏଥିପାଇଁ ଭିଜନ ୨୦୩୬ ଦସ୍ତାବିଜ୍‌ରେ ଆଜିଠୁ ବ୍ୟବସ୍ଥା କରିବାକୁ ପଡ଼ିବ, ୨୦୨୬ରେ ବାର୍ଷିକ ୨୦,୦୦୦ କୋଟି ଖର୍ଚ୍ଚ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ପୂର୍ବବର୍ଷଠାରୁ ୧୫% ବେଶି ପରିମାଣର ବଜେଟ କରି ୫ ବର୍ଷରେ (୨୦୩୦ ସୁଦ୍ଧା) ଭଏସ୍ ମେସେଜିଂ ବ୍ୟବସ୍ଥା ସମ୍ପନ୍ନ କରିହେବ। ଓଡ଼ିଶା ବଜେଟ ପ୍ରତି ବର୍ଷ ୧୫% ବଢୁଥିବାରୁ ଏଭଳି ପ୍ରସ୍ତାବ ସମ୍ଭବ। ସେହି ଅର୍ଥରେ ପ୍ରତି ଗ୍ରାମ ଓ ସାହିକୁ ବିଜୁଳି ଯୋଗାଇହେବ (ବିଦ୍ୟୁତ୍ ପରିବହନ ତାରରୁ ହେଉ ବା ସୌରଶକ୍ତିରୁ ହେଉ), ମୋବାଇଲ ଟାୱାର ବସାଇ ତାକୁ ଚାଲୁ କରିହେବ, ଓଡ଼ିଶାରେ ବିକ୍ରି ହେଉଥିବା ପ୍ରତି ସ୍ମାର୍ଟ ଫୋନ୍, ଲାପ୍‌ଟପ୍, ଡେସ୍କଟପ୍ ଓ ସର୍ଭରରେ ୟୁନିକୋଡ୍ ଓଡ଼ିଆ ବର୍ଣ୍ଣ ଓ ମାତ୍ରା ଥିବା ସଫ୍ଟୱେୟାର ଭର୍ତ୍ତି କରିହେବ, ଉଚ୍ଚାରଣ କରି ଆବଶ୍ୟକ ଫର୍ମ ପୂରଣ କରିହେବ। ଯେଉଁ ଯନ୍ତ୍ର (ଡିଭାଇସ୍)ରେ ଏ ପ୍ରକାରର ସଫ୍ଟୱେୟାର୍ ଥିବ, ତାହାର ବିକ୍ରି ସହଜ ଓ ସରଳ କରିବା ଲାଗି ତା’ ଉପରେ ସବୁ ପ୍ରକାରର ଟିକସ ଛାଡ଼ ଦିଆଯିବ ଏବଂ ତାହା ନଥିବା ଡିଭାଇସ୍ ଉପରେ ମୂଳ ଟିକସର ଚାରିଗୁଣ ସର୍‌ଚାର୍ଯ୍ୟ ଧାର୍ଯ୍ୟ ହେବ। ଦାରିଦ୍ର୍ୟ ସୀମାରେଖାରେ ଓ ରେଖା ତଳେ ଥିବା ପ୍ରତି ପରିବାରକୁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ ମାଗଣା ଦିଆଯିବ। ପ୍ରଥମେ ଓଡ଼ିଶାର ଯେଉଁ ଗାଁଗଣ୍ଡାକୁ ବିଜୁଳି ନାହିଁ, ସେଠାରେ ବିଜୁଳି ବନ୍ଦୋବସ୍ତ କରାଯାଉ ଏବଂ ନୂଆ କମ୍ପ୍ୟୁଟର ଡିଭାଇସ୍‌ମାନ ତିଆରି କରିବାକୁ ମାନୁଫାକ୍ଚରମାନଙ୍କୁ ଅଗ୍ରିମ ଦିଆଯାଉ, ବ୍ରଡ୍ ବେଣ୍ଡ ସେବା ଯୋଗାଉଥିବା କମ୍ପାନୀମାନଙ୍କଠାରୁ ଇଚ୍ଛାପତ୍ର ମଗାଯାଇ ତୁରନ୍ତ କାମ ପାଇଁ ଅଗ୍ରିମ ଦିଆଯାଉ। ଲୋକସେବା ପ୍ରଦାନକାରୀ ପ୍ରତି ଅଫିସ୍‌ରେ ଏଆଇ ଚାଟ୍‌ବଟ୍ ଭଳି ଭଏସ୍ ମେସେଜିଂ ବ୍ୟବସ୍ଥା କରାଯାଉ, ଲୋକଙ୍କ ଆପତ୍ତି (ଗ୍ରିଭାନ୍ସ) ସହଜରେ ତୁଟିପାରିବ, ଓଡ଼ିଶାର ହାପିନେସ୍ ଇଣ୍ଡେକ୍ସ ଖୁବ୍ ଉଚ୍ଚକୁ ଉଠିଯିବ।

sahadevasahoo@yahoo.com

# ନୌସେନା ଲଢ଼ୁଆ ପାଇଲଟ

ବ୍ୟକ୍ତିତ୍ୱ



ଆସ୍ଥା ପୁନିଆ

ସାଧାରଣରେ କୁହାଯାଇଥାଏ ପୁରୁଷମାନେ କଠିନ ତଥା ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ଅକ୍ଳେଶରେ କରିପାରିଥାଆନ୍ତି, ଯାହା ମହିଳାଙ୍କ କ୍ଷେତ୍ରରେ ସହଜ ହୋଇ ନ ଥାଏ। କିନ୍ତୁ କିଛିବର୍ଷ ହେବ ଦେଖାଯାଉଛି ଶତ୍ରୁଙ୍କ ସହ ଲଢ଼ିବା କ୍ଷେତ୍ରରେ ମଧ୍ୟ ଭାରତୀୟ ମହିଳାଙ୍କ ପ୍ରବେଶ ଉତ୍ସାହଜନକ ହେବାରେ ଲାଗିଛି। ଐତିହାସିକ ଦୃଷ୍ଟିରୁ ଦେଖିଲେ ରାଣୀ ଲକ୍ଷ୍ମୀବାଈଙ୍କ କଥା ପ୍ରାୟ ସମସ୍ତେ ପିଲାବେଳୁ ପଢ଼ିଆସିଥିବେ। ଏବର ସମୟରେ ମହିଳାମାନେ ମଧ୍ୟ ନିଜକୁ ଯୋଦ୍ଧା ସ୍ତରରେ ନେଇ ପହଞ୍ଚାଇ ସାରିଲେଣି। ଭାରତରେ ଯୁଦ୍ଧ ବିମାନ ଉଡ଼ାଣର ଧାରାରେ ୨୦୧୬ରେ ବିରାଟ ପରିବର୍ତ୍ତନ ଆସିଥିଲା। ଏହି ସମୟରେ ଭାରତୀୟ ବାୟୁସେନା ପ୍ରଥମେ ତିନି ଜଣ ମହିଳା ଅଫିସର ଅବନୀ ଚତୁର୍ବେଦୀ, ଭାବନା କାନ୍ଥ ଏବଂ ମୋହନା ସିଂହଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ନିଯୁକ୍ତ କରାଇ ଇତିହାସ ରଚିଥିଲା। ଏହାର ୯ ବର୍ଷ ପରେ ଭାରତୀୟ ନୌସେନାରେ ସବ୍ ଲ୍ୟୁଟ୍‌ନାଣ୍ଟ (ଏସ୍‌ଏଲ୍‌ଟି) ଆସ୍ଥା ପୁନିଆ ପ୍ରଥମ ମହିଳା ଭାବେ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ ହୋଇ ମହିଳା ପାଇଲଟମାନଙ୍କ ପାଇଁ ଏକ ନୂଆ ଯୁଗର ପଥ ଦେଖାଇଛନ୍ତି। ଭାରତୀୟ ନୌସେନା ମଧ୍ୟ ୩ ଜୁଲାଇ ୨୦୨୫ରେ ବିଶାଖାପାଟଣାର ଆଇଏନ୍‌ଏସ୍ ଡେଗାରେ ଦ୍ୱିତୀୟ ବେସିକ ହକ୍ କନ୍‌ଭରଶନ କୋର୍ସର ଅଂଶ ଭାବେ ଏହି ମହିଳାଙ୍କୁ ଏହାର ଫାଇଟର ଷ୍ଟ୍ରିମରେ ସାମିଲ କରିଛି। ଦେଖିବାକୁ ଗଲେ ଭାରତୀୟ ନୌସେନା ପୂର୍ବରୁ ଏମ୍‌ଆର୍ ବିମାନ ଏବଂ ହେଲିକପ୍ଟରରେ ମହିଳା ଅଫିସରମାନଙ୍କୁ ପାଇଲଟ ଏବଂ ନୌସେନା ଏୟାର ଅପରେଶନ ଅଫିସର ଭାବେ ଅନ୍ତର୍ଭୁକ୍ତ କରିସାରିଛି। କିନ୍ତୁ ଏସ୍‌ଏଲ୍‌ଟି ଆସ୍ଥା ପୁନିଆଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ କରିବା ଭାରତୀୟ ନୌସେନାର ନୌସେନା ଏଭିଏସନ୍‌ରେ ଲିଙ୍ଗ ଅନ୍ତର୍ଭୁକ୍ତୀ ଓ ନାରୀ ଶକ୍ତିକୁ ପ୍ରୋତ୍ସାହନ ଦେବା, ସମାନତା ଏବଂ ସୁଯୋଗର ସଂସ୍କୃତି ସୃଷ୍ଟି କରିବା ପ୍ରତି ଥିବା ପ୍ରତିବଦ୍ଧତାକୁ ଉଜାଗର କରିଛି। ସବ୍ ଲ୍ୟୁଟ୍‌ନାଣ୍ଟ ଆସ୍ଥା ପୁନିଆ ଏବଂ ଲ୍ୟୁଟ୍‌ନାଣ୍ଟ ଅତୁଲ କୁମାର ଧୁଲ ଇତିମଧ୍ୟରେ ଆସିଷ୍ଟାଣ୍ଟ ଚିଫ୍ ଅଫ୍ ନାଭାଲ ଷ୍ଟାଫ୍ (ଏସିଏନ୍‌ଏସ୍) ଏୟାର ରିୟର ଆଡମିରାଲ ଜନକ ବେଭଲିଙ୍କଠାରୁ ମର୍ଯ୍ୟାଦାଜନକ ‘ୱିଙ୍ଗ୍ସ ଅଫ୍ ଗୋଲ୍ଡ’ ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଆସ୍ଥାଙ୍କ ବ୍ୟକ୍ତିତ୍ୱକୁ ନେଇ ଚାରିଆଡ଼େ ଚର୍ଚ୍ଚା।

ଉତ୍ତରପ୍ରଦେଶର ମିରଟ୍‌ରେ ଆସ୍ଥା ଜନ୍ମଗ୍ରହଣ କରିଥିଲେ। ମୁଜାଫରନଗର ସିଭିଲ ଲାଇନ୍ସସ୍ଥିତ ଏସ୍.ଡି. ଇଣ୍ଟର କଲେଜରୁ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ରାଜସ୍ଥାନର ବନସ୍ଥଳୀ ବିଦ୍ୟାପୀଠ(ବନସ୍ଥଳୀ ବିଶ୍ୱବିଦ୍ୟାଳୟ)ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ତାଙ୍କ ପିତା ଅରୁଣ ପୁନିଆ ମିରଟ୍‌ର ସାର୍ଦ୍ଧନାସ୍ଥିତ ଜବାହର ନବୋଦୟରେ ଗଣିତ ଶିକ୍ଷକ ଥିବା ବେଳେ ମାତା ସାନ୍ୟୋଗୀତା ଚୌଧାରୀ ମୁଜାଫରନଗର ବାଘ୍ରାଠାରେ ଏକ ପ୍ରାଥମିକ ସ୍କୁଲର ଅଧକ୍ଷା ଅଛନ୍ତି। ଭାଇ ହର୍ଷବର୍ଦ୍ଧନ ପୁନିଆ ଏବେ ପାଠ ପଢୁଛନ୍ତି। ଏକ ଶିକ୍ଷକ ପରିବାରରୁ ଆସିଥିବା ଆସ୍ଥାଙ୍କ ଆକାଶରେ ଉଡ଼ିବା ପିଲା ବେଳରୁ ଲକ୍ଷ୍ୟ ଥିଲା। ଦ୍ୱାଦଶ ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ଗଣିତ ଓ ରସାୟନ ବିଜ୍ଞାନ ନେଇ ପଢ଼ିଥିଲେ। ଆସ୍ଥା ବନସ୍ଥଳୀ ବିଦ୍ୟାପୀଠରେ ବି.ଟେକ୍ କରିବା ବେଳେ ଜୁଲାଇ ୨୦୨୨ରୁ ଡିସେମ୍ବର ୨୦୨୨ ଯାଏ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆର୍‌ଡିଓ)ରେ ୬ ମାସିଆ ଇଣ୍ଟର୍ନଶିପ୍ କରିଥିଲେ। ପରେ ମେ’ ୨୦୨୩ରୁ ଜୁନ୍ ଶେଷଯାଏ ଦୁଇମାସ ଧରି ହାଇଦ୍ରାବାଦରେ ଥିବା ଆମେରିକୀୟ ସୂଚନା ପ୍ରଯୁକ୍ତି କମ୍ପାନୀ ହେୱଲେଟ୍–ପାକାର୍ଡ ଏଣ୍ଟରପ୍ରାଇଜ୍ (ଏଚ୍‌ପିଇ)ରେ ସେ ସଫ୍ଟୱେର ବିକାଶ ସମ୍ବନ୍ଧୀୟ ଇଣ୍ଟର୍ନଶିପ୍ ମଧ୍ୟ କରିଥିଲେ। ପରେ ସେ ଆର୍ମି ଏଣ୍ଟ୍ରି ଏକ୍‌ଜାମ୍ (ଟେକ୍‌ନିକାଲ ଏଣ୍ଟ୍ରି) ଦେଇ ସେଥିରେ କୃତକାର୍ଯ୍ୟ ହୋଇଥିଲେ। ଫଳରେ ତାଙ୍କୁ ଭାରତୀୟ ନୌସେନାରେ ଯୋଗଦେବା ଲାଗି ସୁଯୋଗ ମିଳିଥିଲା। କେରଳର ଏଝିମାଲାସ୍ଥିତ ଇଣ୍ଡିଆନ୍ ନାଭାଲ ଏକାଡେମୀ (ଆଇଏନ୍‌ଏ)ରେ ସେ ଦୁଇବର୍ଷ ପ୍ରଶିକ୍ଷଣ ନେଇଥିଲେ। ୩ ଜୁଲାଇ ୨୦୨୫ରେ ନୌସେନା ବିମାନ ଚାଳନାର ଲଢ଼ୁଆ ଷ୍ଟ୍ରିମ୍‌ରେ ପ୍ରଥମ ମହିଳା ହେବାର ସେ ଗୌରବ ଅର୍ଜନ କଲେ।

ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ବୋଲି ଆସ୍ଥାଙ୍କ ଜୀବନଯାତ୍ରା ସୂଚାଇ ଦେଇଛି। ବି.ଟେକ୍‌ର ଛାତ୍ରୀ ହୋଇ ସେ ଯେଉଁ ପର୍ଯ୍ୟାୟ ଦେଇ ଆଜି ଏଭଳି ସ୍ଥାନରେ ପହଞ୍ଚିପାରିଛନ୍ତି, ନିଶ୍ଚିତ ଭାବେ ସେ ଦୁଃସାହସିକ ଲଢ଼ୁଆ ଉଡ଼ାଣ କରିବାକୁ ଲକ୍ଷ୍ୟ ରଖିଥିବା ଯୁବତୀଙ୍କ ପାଇଁ ପ୍ରେରଣାଦାୟିନୀ ପାଲଟିଛନ୍ତି। ଅବିବାହିତା ଆସ୍ଥାଙ୍କ କାର୍ଯ୍ୟଦକ୍ଷତା ଉପରେ ନୌସେନାର ଆସ୍ଥାପ୍ରକଟ ନିଶ୍ଚିତ ଭାବେ ତାଙ୍କୁ ଆଗକୁ ବଢ଼ି ଭବିଷ୍ୟତରେ ଆହୁରି ନୂଆ ମାଇଲଖୁଣ୍ଟ ସ୍ଥାପନର ସୁଯୋଗ ଦେଉ ବୋଲି ପ୍ରତି ଭାରତୀୟ ଆଶା ରଖିବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଓଡ଼ିଶାରେ ଆମେ ପାଖାପାଖି ୧ କେ.ଜି. ଓଜନର ଆମ୍ବ ଦେଖିଥାଉ। ଏହି କିସମର ଆମ୍ବକୁ ଆମେ ମଣିଷମୁଣ୍ଡିଆ ଆମ୍ବ ବୋଲି କହୁ ଓ ଏହା ଧୀରେ ଧୀରେ ଲୋପ ହେବାକୁ ବସିଲାଣି। ହେଲେ ଏବେ ମଧ୍ୟପ୍ରଦେଶରେ ୩ କେ.ଜି.ରୁ ଅଧିକ ଓଜନର ଆମ୍ବ ଫଳୁଛି। ବିଶ୍ୱାସ ହେଉ ନ ଥିଲେ ବି ସତ। କାଥିୱାଡର ଶିବରାଜ ସିଂ ଯାଦବ ତାଙ୍କ ଫାର୍ମରେ ଏହି କିସମର ଆମ୍ବ ଫଳାଉଛନ୍ତି। ତାଙ୍କ ଫାର୍ମର ନାଁ ହେଉଛି ନୁରଜାହାଁ ମ୍ୟାଙ୍ଗୋ ଫାର୍ମ ଏବଂ ଏହି କିସମର ଆମ୍ବ ନାମ ଦେଇଛନ୍ତି ନୁରଜାହାଁ ଆମ୍ବ। ମୋଗଲ ରାଣୀ ନୁରଜାହାଁଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଅନେକ ଶତାବ୍ଦୀ ପୂର୍ବରୁ ନୁରଜାହାଁ କିସମର ଆମ୍ବ ଆଫଗାନିସ୍ତାନରୁ ଗୁଜରାଟ ଦେଇ ମଧ୍ୟପ୍ରଦେଶକୁ ଆସିଥିଲା। ଏହି ଗଛରେ ଜାନୁଆରୀ କିମ୍ବା ଫେବୃଆରୀରେ ବଉଳ ଆସେ ଓ ଜୁନ୍‌ରେ ପାଚିଥାଏ। ଶିବରାଜଙ୍କ ବାପା ୧୯୬୫ରେ ପ୍ରଥମେ ଫାର୍ମ କରିବା ସହ ଏହି କିସମ ଆମ୍ବ ଲଗାଇଥିଲେ। ଏବେ ଏହି କିସମ ଆମ୍ବ ଆମେରିକା ଓ ଇଂଲଣ୍ଡକୁ ରପ୍ତାନି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୬ ଜୁଲାଇ ୧୯୭୬

- ବହିରାକ୍ରମଣ ଉଦ୍ୟମରୁ ଦେଶର ସୁରକ୍ଷା ପାଇଁ ସମଗ୍ର ସୁଦାନରେ ଜରୁରୀ ପରିସ୍ଥିତି ଘୋଷଣା।
- କମ୍ୟୁନିଷ୍ଟ ଦଳର ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ଓ ଜନୈକ ଜଣାଶୁଣା ମାର୍କ୍ସପନ୍ଥୀ ଦାର୍ଶନିକ ଶ୍ରୀ କେ. ଦାମଦରନ୍‌ଙ୍କ ୬୩ବର୍ଷ ବୟସରେ ପରଲୋକ।
- ମାନ୍ଦ୍ରାଜର ଏକ ସହରତଳି ଅଞ୍ଚଳରେ ମେଥିଲେଟେଡ୍ ସ୍ପିରିଟ୍ ମିଶା ବିଷାକ୍ତ ମଦ୍ୟପାନ କରି ୮୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | 7 | | | |
| 5 | | | 4 | | | 6 | | 8 |
| | | | | | | | | |
| | 5 | | 8 | | 3 | | | |
| 6 | | | | 1 | | 2 | | |
| | | | | | | | | |
| | 6 | 2 | | | 4 | | 7 | |
| | 7 | 5 | | | | 3 | 8 | |
| 3 | | | 7 | | | 1 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 7 | 4 | 8 | 6 | 5 | 9 |
| 4 | 8 | 5 | 6 | 3 | 9 | 2 | 1 | 7 |
| 6 | 9 | 7 | 1 | 2 | 5 | 4 | 8 | 3 |
| 5 | 1 | 6 | 3 | 9 | 2 | 8 | 7 | 4 |
| 7 | 4 | 9 | 5 | 8 | 6 | 3 | 2 | 1 |
| 8 | 3 | 2 | 4 | 7 | 1 | 5 | 9 | 6 |
| 9 | 5 | 1 | 8 | 6 | 3 | 7 | 4 | 2 |
| 2 | 6 | 4 | 9 | 5 | 7 | 1 | 3 | 8 |
| 3 | 7 | 8 | 2 | 1 | 4 | 9 | 6 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମିଳୁନି ପିଇବା ପାଣି

ମହାଶୟ,

ସରକାରଙ୍କ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। କିନ୍ତୁ ସେସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଏମିତି ଗାଁ ଅଛି, ଯେଉଁଠାରେ ପିଇବା ପାଣି ସୁବିଧା ନାହିଁ। ଖବରକାଗଜରେ ପ୍ରକାଶିତ ଖବର ଅନୁସାରେ ପୁରୀ ଜିଲାରେ ଝାଡ଼ାବାନ୍ତି ବ୍ୟାପିଛି। କଣାସ ଓ ଅସ୍ତରଙ୍ଗ ବ୍ଲକର ଶତାଧିକ ଗ୍ରାମରେ ନୂଆ ରୋଗୀ ଚିହ୍ନଟ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଏ ପର୍ଯ୍ୟନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରି ନ ପାରିବା ଚିନ୍ତାଜନକ। ପୁରୀ ଜିଲାର ୧୧ଟି ବ୍ଲକ ଅଧୀନ ପଞ୍ଚାୟତଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଏବଂ ଅପରିଷ୍କାର ପରିବେଶ ଏହି ରୋଗ ବ୍ୟାପିବାରେ ସହାୟକ ହୋଇଛି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥାକୁ ଠିକ୍ କରାଯିବା ଆବଶ୍ୟକ। ଏଥିପ୍ରତି ସମସ୍ତ ଜନପ୍ରତିନିଧି, ସାମାଜିକ ସଂଗଠନ ତଥା ସରକାର ଗୁରୁତ୍ୱ ଦେବେ ବୋଲି ଆଶା।

**– ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E–mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E–mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ !
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ







▲ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ





▲ ବିଜେ ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣ ରଥକୁ ବିଜେ ହେଉଛନ୍ତି



▲ ପୁରୀ ଶ୍ରୀକ୍ଷେତ୍ରରେ ବାହୁଡ଼ା ଅବସରରେ ଶନିବାର ଭକ୍ତଙ୍କ ମେଳରେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ତିନିରଥରେ ବାହାରିଥିବା ଦାରୁଦିଅଁ



▲ ପୁରୀ ଶ୍ରୀମନ୍ଦିର ସିହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ରଥାରୂଢ଼ ଠାକୁର



▲ ଶ୍ରୀନଅର ସମ୍ମୁଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପାଦନ ହେଉଛି



▲ ଶରଧାବାଲିରେ ଶ୍ରଦ୍ଧାଳୁମାନେ ବିଶାଳ ଧୂପକାଠି ଜଳାଉଛନ୍ତି



▲ ବଡ଼ଦାଣ୍ଡରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ



▲ ବାହୁଡ଼ାରେ ରାଧାକୃଷ୍ଣ ବେଶରେ ଶ୍ରଦ୍ଧାଳୁ





▲ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଥ ଟାଣୁଛନ୍ତି



▲ ବାହୁଡ଼ା ଅବସରରେ ଶରଧାବାଲିରେ ତିନି ରଥ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ


DSPL-169



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ଲାପ୍‌ଟପ୍ କ୍ରୟ ନିମନ୍ତେ ଆର୍ଥିକ ସହାୟତା

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରୀକ୍ଷା, ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା, ୨୦୨୫ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା'ରେ ଲାପ୍‌ଟପ୍ କିଣିବା ନିମନ୍ତେ DBT(Direct Benefit Transfer) ମାଧ୍ୟମରେ **₹ ୩0,000/-**ର ଆର୍ଥିକ ସହାୟତା ପ୍ରଦାନ।
- ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଏବଂ ନୂତନ ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବସାଇଟ୍ www.dhe.odisha.gov.in ଓ www.scholarship.odisha.gov.in ରେ ଉପଲବ୍ଧ । ନିଜର ଆଧାର୍ ନମ୍ବର ସଂଯୋଗ ହୋଇଥିବା ମୋବାଇଲ ନମ୍ବର ମାଧ୍ୟମରେ ରେଜିଷ୍ଟ୍ରେସନ କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ Odisha State Scholarship Portal ରେ ଆବେଦନ କରନ୍ତୁ ।
- ଆବେଦନ କରିବାର ଶେଷ ତାରିଖ ହେଉଛି **୨୧.୦୭.୨୦୨୫** ।

www.scholarship.odisha.gov.in || ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର || www.dhe.odisha.gov.in

OIPR-11001/13/0070/2526

# ମନ୍ଦିରକୁ ଫେରିଲେ ୩ ଠାକୁର

**ବଲାଙ୍ଗୀର,୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

ଶନିବାର ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ପବିତ୍ର ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ଶ୍ରୀଜୀଉ ମନ୍ଦିରକୁ ଫେରିବା ପରେ ଚଳିତବର୍ଷର ଗୁଣ୍ଡିଚା ରଥଯାତ୍ରା ସାମାପନ ହୋଇଛି । ଶନିବାର ଅପରାହ୍ନରେ ବଲାଙ୍ଗୀର ସହର ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ମାଉସୀ ମା' ମନ୍ଦିରରୁ ତିନି ବିଗ୍ରହଙ୍କୁ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧକ୍ଷା ଲିକା ସାହୁ, ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଓ ଦେବୋତ୍ତର ମ୍ୟାନେଜର ସୁଧୀର ଦାଶ ପହଣ୍ଡି କରି ରଥାରୂଢ଼ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳମଣି ମିଶ୍ର, ଶ୍ୟାମ ଗୁରୁ, ଗୋପାଳ ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ। ପରେ ତିନି ବିଗ୍ରହଙ୍କ ରଥକୁ ଶ୍ରଦ୍ଧାଳୁମାନେ ଗୋପାଳଜୀ ମନ୍ଦିରକୁ ଟାଣି ନେଇଥିଲେ। ବିଧି ଅନୁଯାୟୀ ତିନି ବିଗ୍ରହଙ୍କୁ ମନ୍ଦିର ଭିତରକୁ ନିଆଯାଇଥିଲା । ସେହିପରି ଟିକ୍ରାପଡା ଗାନ୍ଧୀ ପାଠାଗାର ମାଉସୀ ମା' ମନ୍ଦିରରୁ ତିନି ଠାକୁର ବାହୁଡା ଯାତ୍ରାରେ ଜଗନ୍ନାଥପଡା ମନ୍ଦିରକୁ ଫେରିଥିଲେ। ସମାଜସେବୀ ବିକ୍ରମାନନ୍ଦ ବହିଦାର, ପୂର୍ବତନ ନଗରପାଳ ପ୍ରଦୀପ ସାହୁ, କନିଷ୍ଠ ସାଏ, ସଂଗ୍ରାମ ବହିଦାର, ସନ୍ତକ ବହିଦାର, ପ୍ରଣୟ ଗଡତ୍ୟା ଓ ଅନ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ଭେଟ କାର୍ଯ୍ୟକ୍ରମ ଆକର୍ଷଣୀୟ ହୋଇଥିଲା। ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରସ୍ଥିତ ମାଉସୀ ମା' ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କଲା ପରେ ଶତାଧିକ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ଡେଲିମାର୍କେଟସ୍ଥିତ ରାମଚରିତ ମାନସ ମନ୍ଦିର ପରିସରସ୍ଥ ମାଉସୀ ମା' ମନ୍ଦିରରୁ ଟିକ୍ରାପଡା ଚାନ୍ଦ ମନ୍ଦିରକୁ ତିନି ବିଗ୍ରହଙ୍କ ରଥ ଫେରିଥିଲା । ମାଳପଡା ମାଉସୀ ମା' ମନ୍ଦିରରୁ ଶୈଳଶ୍ରୀ ପେଲେସକୁ ରଥ ବାହୁଡା ହୋଇଥିଲା । ସାହାଣୀ ରଥ ମଧ୍ଯ ଏବିଏସ୍ଏସ୍ ରୋଡସ୍ଥିତ ମନ୍ଦିରକୁ ଫେରିଥିଲା । ଏହା ସହିତ ରାଧାରାଣୀପଡା, ପେଲେସ ଲାଇନ୍, ତୁଳସୀ ନଗର, କଳାମଣ୍ଡଳପଡା, ଏବିଏସଏସ, ତାଲପାଲିପଡା, ବରପାଲିପଡା, ଗୋପବନ୍ଧୁନଗର, ଗାନ୍ଧୀନଗରପଡା, ରାଧାରାଣୀପଡାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ବାହୁଡା ଯାତ୍ରାରେ ସହସ୍ରାଧିକ ଭକ୍ତଙ୍କ ଭିଡ ଲାଗିଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବାହୁଡା ଯାତ୍ରାର ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ସମଲେଶ୍ୱରୀ ମନ୍ଦିର ଛକ ନିକଟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପରିଚାଳନା କ୍ରମେ ଶିକ୍ଷାବିତ୍ ସନାତନ ଠାକୁର, କବି ବିଜୟ କୁମାର ତ୍ରିପାଠୀ, ପ୍ରବଚିକା ଏଲୋରା ମିଶ୍ର, କଲ୍ଲୋଳିନୀ ମିଶ୍ର ବାହୁଡା ଯାତ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ। ରାମ ଶଙ୍କର ଶତପଥୀ ଓ ଅପରୂପା ମହାନ୍ତି ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ମନ୍ଦିରକୁ ଫେରିବା ପରେ ତିନି ଠାକୁରଙ୍କ ମନ୍ଦିର ପ୍ରବେଶ ନୀତି, ଲକ୍ଷ୍ମୀନାରାୟଣ ଭେଟ୍ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା।


ବଲାଙ୍ଗୀର ଜଗନ୍ନାଥପଡା ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

**ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼**

## ଧଣ୍ଡାମୁଣ୍ଡାରେ ବାହୁଡା ଯାତ୍ରା ପାଳିତ


ମନ୍ଦିର ଲେଉଟିଲା ପରେ ଶ୍ରୀଜୀଉମାନଙ୍କୁ ପୂଜା କରାଯାଉଛି।

**ଖପ୍ରାଖୋଲ,୫।୭(ଅଭୟ ତ୍ରିପାଠୀ)**

### ପୋଡ଼ ପିଠା ନେଇ ଫେରିଲେ ତିନି ଠାକୁର

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ବାହୁଡା ଯାତ୍ରା ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ମାଉସୀ ମା' ମନ୍ଦିରରେ ତିନି ଠାକୁରଙ୍କ ନୀତି ପୂଜା କରାଯାଇଥିଲା । ପରେ ଧାଡ଼ି ପହଣ୍ଡିରେ ଠାକୁରଙ୍କୁ ରଥାରୂଢ଼ କରାଯାଇ ରଥଟଣା ଯାଇଥିଲା। ସନ୍ଧ୍ୟାରେ ତିନି ଠାକୁର ମନ୍ଦିରରେ ପହଞ୍ଚିଲା ପରେ ଆଳତି, ପୂଜା ପାଠ କରାଯାଇଥିଲା। ମାଉସୀ ମା' କମିଟିର ସଦସ୍ୟାମାନେ ତିନି ଠାକୁରଙ୍କୁ ମନ୍ଦିର ଯାଏଁ ଛାଡ଼ିବାକୁ ଆସିଥିବା ବେଳେ ପୋଡ଼ ପିଠା ମାଉସୀ ମା' ଘରୁ ଠାକୁର ଆଣିଥିଲେ। ଏହି ଅବସରରେ ପୂଜକ ବ୍ୟାସଦେବ ମିଶ୍ର, ବଶିଷ୍ଠ ମିଶ୍ର, ବୈଦ୍ୟନାଥ ମିଶ୍ର, ଓଁକାର ମିଶ୍ର, ଦତ୍ତାତ୍ରେୟ ମିଶ୍ର, ରୋହନ ମିଶ୍ର, ଅମୂଲ୍ୟ ଭୋଇ, କ୍ଷାମାନିଧି ଭୋଇ, ରିତା ଘଣା, ପଞ୍ଚାନନ ସାହୁଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ମଧ ମହାଆଡ଼ମ୍ବର ସହକାରେ ବାହୁଡା ଯାତ୍ରା ହୋଇଛି। ପୂଜକ ରମେଶ ଦାଶଙ୍କ ସମେତ ପୂଜା କମିଟି, ଗ୍ରାମ କମିଟି ସଦସ୍ୟ ନେତୃତ୍ୱ ନେଇଥିଲେ। ସେହିପରି ବ୍ଲକର କପସିପାଲି, ହରିଶଙ୍କର, ମହରାପଦର, ଲୁହାସିଂହା ଗାଁରେ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି।


ବାହୁଡ଼ା ଯାତ୍ରା ଅବସରରେ ବଲାଙ୍ଗୀର ସହରର ଶୈଳଶ୍ରୀ ପ୍ୟାଲେସଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରଥାରୂଢ଼ ଶ୍ରୀଜୀଉଙ୍କୁ ପହଣ୍ଡି କରି ମନ୍ଦିରକୁ ନେଉଛନ୍ତି। (ଫଟୋ-ସୁନୀଲ, ବଲାଙ୍ଗୀର)


ଦେଓଗାଁ ବ୍ଲକ ସାଲେପାଲିରେ ବାହୁଡ଼ା ଯାତ୍ରା ଅବସରରେ ଶନିବାର ସକାଳେ ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ କଲ୍‌କୀ ଅବତାର।

# ବାହୁଡ଼ାରେ ରଥ ଛୁଆଁ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ଲୋଇସିଂହା,୫।୭(ସୁଶାନ୍ତ ବାରିକ)**

## ପିଲାଙ୍କ ଖେଳରୁ ଆରମ୍ଭ ହୋଇଥିଲା ବୁର୍ଡା ରଥଯାତ୍ରା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମରେ ସ୍ୱାଧୀନତା ପୂର୍ବରୁ ରଥଯାତ୍ରା ପାଳିତ ହୋଇଆସୁଛି । ପ୍ରତିବର୍ଷ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ବୁର୍ଡାରେ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଥିବା ବେଳେ ତୃତୀୟାରୁ ନବମୀ ଯାଏ ମାଉସୀ ମା' ମନ୍ଦିରରେ ଠାକୁରଙ୍କ ଅବତାର ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସ୍ଥାନୀୟ ନବୋଦୟ ଯୁବ ସାମ୍ମୁଖ୍ୟ କ୍ଲବ ଓ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଓ କଟକ ସୁର ସାଗର ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭଜନ ସମାରୋହ, ପୁରୀ ଆରୋହି ପାଲା କଳା ପରିଷଦ, ଖୋର୍ଦ୍ଧା ବିଚିତ୍ରାନନ୍ଦ ପାଇକରାୟ ଓ ସାଥୀଙ୍କ ଦ୍ୱାର ସଂକୀର୍ତ୍ତନ୍ୟ ପରିବେଷଣ କରାଯାଇଥିଲା। ନବମୀ ସନ୍ଧ୍ୟାରେ ମହାପ୍ରଭୁଙ୍କୁ ପୋଡପିଠା ଲାଗି କରାଇଯାଇଥିଲା। ଦଶମୀ ସକାଳେ ଶ୍ରୀଜୀଉଙ୍କ ନୀତିକାନ୍ତି କରାଯାଇଥିଲା। ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇ ଅପରାହ୍ନରେ ଛେରାପହଁରା ହେବା ସହ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ବାହୁଡା ଯାତ୍ରା ଦେଖିବା ପାଇଁ ଆଖପାଖ ଗାଁର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିବା ବେଳେ ବହୁ ଶିଶୁଙ୍କୁ ଅଭିଭାବକମାନେ ରଥଛୁଆଁ କରିଥିଲେ ।

ଗ୍ରାମର ବୟୋଜ୍ୟେଷ୍ଠ ଅରକ୍ଷୀତ ସାହୁଙ୍କ ସୂଚନା ଅନୁଯାୟୀ, ବୁର୍ଡାରେ ରଥଯାତ୍ରା ହେଉ ନ ଥିବାରୁ ନିକଟସ୍ଥ ଲୋଇସିଂହା. ଯୋଗୀସର୍ଡା, ଭାଲିଆମୁଣ୍ଡା ଆଦି ଗ୍ରାମରେ ଆୟୋଜିତ ହେଉଥିବା ରଥଯାତ୍ରାକୁ ବୁର୍ଡା ଗ୍ରାମରୁ ଲୋକେ ଦେଖିବାକୁ ଯାଉଥିଲେ। ପରବର୍ତ୍ତୀ ସମୟରେ ବୁର୍ଡା ଗ୍ରାମ ମୁଣ୍ଡରେ ରହୁଥିବା ଓ ବଢାଇ କାମ କରୁଥିବା ବାଚନ ବଣିଆ ନାମକ ଜଣେ ଯୁବକ ମାଟିରେ କାଳିଆ ଠାକୁର ଓ କାଠର ଛୋଟିଆ ରଥ ନିର୍ମାଣ କରିଥିଲେ। ସେତେବେଳେ ତାଙ୍କ ପଡେଶୀ ଯୁବକମାନେ ସମ୍ପ୍ରଦା ଶିଖୁଥାନ୍ତି। ସେହିବର୍ଷ ରଥଯାତ୍ରାରେ ସମ୍ପ୍ରଦା କରି ଗ୍ରାମର ତଳମୁଣ୍ଡ ଯାଏ ରଥଟଣା ହୋଇଥିଲା। ଏପରି ଭାବେ ଦୀର୍ଘ ୫ ବର୍ଷ ଧରି ପିଲାମାନେ ରଥଯାତ୍ରା ଆୟୋଜନ କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରାମର ଗଉନ୍ତିଆ ସତ୍ୟାନନ୍ଦ ସାହୁ ଗ୍ରାମର ଯୁବକମାନଙ୍କ ଆଗ୍ରହକୁ ଦେଖି ଠାକୁର ପୂଜା ଓ ରଥଯାତ୍ରା କରିବାକୁ ମନସ୍ଥ କରିଥିଲେ। ଗଉନ୍ତିଆ ସାହୁ ଓ ବାଚନ ବଣିଆ ଭଲ ବନ୍ଧୁ ଥିଲେ। ଗଉନ୍ତିଆ ଦିନେ ବନ୍ଧୁ ବାଚନଙ୍କୁ ଘରକୁ ଡାକି କାଠରେ କାଳିଆ ଠାକୁର ଓ ରଥ ନିର୍ମାଣ କରି ସ୍ଥାୟୀ ଭାବେ ରଥଯାତ୍ରା କରିବାକୁ ନିବେଦନ କରିଥିଲେ। ଗ୍ରାମ୍ୟ ଗଉନ୍ତିଆଙ୍କ ପରାମର୍ଶ କ୍ରମେ ବାଚନ କାଠରେ ଠାକୁର ମୂର୍ତ୍ତି ନିର୍ମାଣ କରିଥିଲେ। ଏହାପରେ ଗ୍ରାମବାସୀଙ୍କ ତରଫରୁ ଏକ ଘରେ ଠାକୁରଙ୍କୁ ରଖାଯାଇ ଯୋଗୀସର୍ଡା ଗ୍ରାମର ବୈରାଗୀ ମିଶ୍ରଙ୍କୁ ପୂଜକ ଭାବେ ନିୟୋଜିତ କରି ପୂଜାର୍ଚ୍ଚନା କରାଯାଇଥିଲା। ସେହି ବର୍ଷରୁ ରଥଯାତ୍ରା ଆରମ୍ଭ କରାଯାଇଥିଲା। ସେତେବେଳେ ବୁର୍ଡାର ତଳିପଡା ଭଗବତ ମନ୍ଦିରକୁ ମାଉସୀ ମା' ମନ୍ଦିର ଭାବେ ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମର ମଧ୍ୟ ଭାଗରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା। ୧୯୯୦ ଦଶକରେ ସ୍ଥାୟୀ ମନ୍ଦିର ପ୍ରତିଷ୍ଠା କରାଯାଇ ୩ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ ମହାଆଡମ୍ବର ସହକାରେ ରଥଯାତ୍ରା ପାଳିତ ହୋଇ ଆସୁଛି। ଘୋଷଯାତ୍ରା ଦିନ ୨୬ନଂ ଜାତୀୟ ରାଜପଥ ସଂଲଗ୍ନ ପଥେଇ ଗୁଡି ନିକଟରେ ଥିବା ମାଉସୀ ମା' ମନ୍ଦିର ଯାଏ ରଥ ଟଣା ହୋଇଥାଏ। ଏହି ଦିନ ସ୍ୱର୍ଗତ ବାଚନ ବଣିଆଙ୍କ ଉତ୍ତରାଧିକାରୀ ଓ ଉପରପଡାବାସୀ ଠାକୁରଙ୍କୁ ମାଉସୀ ମା' ଘରକୁ ଆସିବାକୁ ସ୍ୱାଗତ କରିଥାନ୍ତି। ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି, ସିଆଳବାହାଲି, ବୁଢୀପଦର, ଲୁହୁରାପାଲି, ଦୁମଦୁମି ଆଦି ଗ୍ରାମରୁ ଲୋକେ ଏଠାକୁ ଶିଶୁମାନଙ୍କୁ ରଥ ଛୁଆଁଇବା ପାଇଁ ଆସିଥାନ୍ତି। ଏବେ ମହେନ୍ଦ୍ର ଦାଶ ମନ୍ଦିର ପୂଜାର୍ଚ୍ଚନା କରୁଛନ୍ତି । ଅଦ୍ୟାବଧି ୪ ସେବାୟତ ପରିବାର ମନ୍ଦିର ପୂଜାର୍ଚ୍ଚନା ପାଇଁ ବଦଳି ସାରିଲେଣି । ମନ୍ଦିର ନୀତିକାନ୍ତି ଓ ଯାତ୍ରା ଆୟୋଜନ ପାଇଁ ଗ୍ରାମର କେତେକ ବଦାନ୍ୟ ବ୍ୟକ୍ତି ଚାଷ ଜମି ଦାନ କରିଛନ୍ତି । ଦାନ ଜମିରୁ ଅମଳ ଧାନରେ ସେବାୟତ ପରିବାର ଗୁଜୁରାଣ ମେଣ୍ଟାଇବା ସହିତ ମନ୍ଦିର ନୀତିକାନ୍ତି କରିଥାନ୍ତି। ସୂଚନାଯୋଗ୍ୟ, ୧୯୯୦ ଦଶକରେ ନିର୍ମିତ ଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଶୋଚନୀୟ ହୋଇପଡିଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ମନ୍ଦିର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।


ବାହୁଡ଼ା ଯାତ୍ରା ଅବସରରେ ଶ୍ରୀଜୀଉ ।

# ସୁପର ନକ୍ଆଉଟ୍‌ରେ ଗ୍ରୁପ୍ ଚାମ୍ପିୟନ ୮ ଦଳ

**ବଲାଙ୍ଗୀର,୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

### ବଲାଙ୍ଗୀର ସିନିୟର ନକ୍ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଜିଲାର ୮ଟି ଖେଳ ପଡିଆରେ ଚାଲିଥିବା ସିନିୟର ନକ୍ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସୁପର ନକ୍ଆଉଟ୍ ରାଉଣ୍ଡରେ ୮ଟି ଗ୍ରୁପ୍ ଚାମ୍ପିୟନ ଦଳ ପହଞ୍ଚିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ ଚମ୍ପିୟାନ ମ୍ୟାଚ୍‌ରେ ବଲାଙ୍ଗୀର ଟାଉନ ହାଇସ୍କୁଲ ପଡିଆରେ ସିସିଏଫ୍ଏ ଟ୍ରାଇବ୍ରେକର ୪-୧ ଗୋଲରେ ଜେକେୱାଇଏସ୍ କାଲସାଏପାଲିକୁ ହରାଇଥିଲା। ଏଠାରେ ଅତିଥି ଭାବେ ଟେକ୍ସବାର ସଭାପତି ଆଇନଜୀବୀ ଶାନ୍ତନୁ ଭୋଇ, ଉପସଭାପତି ଶଶାଙ୍କ ପଟ୍ଟନାୟକ, ସଂସଦ ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର ଓ ସିସିଏଫ୍ଏ ସଭାପତି ସୁରେନ୍ଦ୍ର ନାଗ ଯୋଗ ଦେଇଥିଲେ। ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସୁଜିଆ ଦଳ ୮-୦ ଗୋଲରେ ସରଗାଡକୁ ହରାଇ ଥିଲା। ଏଠାରେ ବଲାଙ୍ଗୀର ସଦର ବ୍ଲକ ଅଧକ୍ଷା ସରିତା ବାଗ ଅତିଥି ଭାବେ ଯୋଗ ଦେଇଥିଲେ । ଚୁଡାପାଲି ଖେଳ ପଡିଆଠାରେ ନକଟାସର ଦଳ ୩-୧ ଗୋଲରେ ଡଙ୍ଗାଘାଟକୁ ହରାଇ ଥିଲେ। ପୂର୍ବତନ ଖେଳାଳି ରାଜେଶ୍ୱର କୁମୁରା, ବିଜୟ ନାହାକ ଓ ଦନାର୍ଦ୍ଦନ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମଠାରେ ମହୀପୁର ଦଳ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ ଜରାସିଂହା ଦଳକୁ ହରାଇ ଥିଲେ। ଅତିଥି ଭାବେ ଦେଓଗାଁ ସିଏଚ୍‌ସି ମେଡିକାଲ ଅଫିସର ଡା. ଚିତ୍ତ ରଞ୍ଜନ ମିଶ୍ର ଓ ସମାଜସେବୀ ଉମାଶଙ୍କର ସିଂ ଯୋଗ ଦେଇଥିଲେ। ବଙ୍ଗୋମୁଣ୍ଡା ଖେଳ ପଡିଆ ଠାରେ କୋଷ୍ଟାଲ ଇଲେଭେନ କଣ୍ଟାବାଞ୍ଜି ଦଳ ୧-୦ ଗୋଲରେ ୱାଇଏଫ୍‌ସି କଣ୍ଟାବାଞ୍ଜିକୁ ହରାଇ ଥିଲା। ଅତିଥି ଭାବେ କ୍ରୀଡା ସଂସଦ କାଉନସିଲ ସଭ୍ୟ ବିଜୟ କୁମାର ବନସଲ ଯୋଗ ଦେଇଥିଲେ। ଖୁଜେନପାଲି ଖେଳ ପଡିଆଠାରେ ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ ୪-୧ ଗୋଲରେ ରିସନ କାଲସାଏପାଲିକୁ ହରାଇ ଥିଲା। ଅତିଥି ଭାବେ ପୂର୍ବତନ ଖେଳାଳି ଖଲିଉର ରହେମାନ, ନିହାର ରଞ୍ଜନ ସ୍ୱାଇଁ ଓ ଶ୍ରୀକାନ୍ତ ରାଉତ ଯୋଗ ଦେଇଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଲୋଇସିଂହା ଏ ଦଳ ୧-୦ ଗୋଲରେ ବଲାଙ୍ଗୀର ପୋଲିସ ଟିମ୍‌କୁ ହରାଇ ଥିଲା। ଅତିଥି ଭାବରେ ଲୋଇସିଂହା ବ୍ଲକ ଅଧକ୍ଷ ଜତିନ୍ଦ୍ର ପଟେଲ ଯୋଗ ଦେଇଥିଲେ। ଟିଟିଲାଗଡ ସିଟି ସ୍କୁଲ ଖେଳ ପଡିଆ ଠାରେ ଜୁରାବନ୍ଧ କେସିୟୁ ଦଳ ୨-୦ ଗୋଲରେ ସିହିନି ଦଳକୁ ହରାଇ ଥିଲା। ଅତିଥି ଭାବେ ଟିଟିଲାଗଡ ବ୍ଲକ ଅଧକ୍ଷା ସଞ୍ଜୁକ୍ତା ନାଏକ ଯୋଗ ଦେଇଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଅଙ୍କୁର ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ


କବିତା ପଠୋତ୍ସବରେ ଉପସ୍ଥିତ କବୟିତ୍ରୀ, କବି।

**ବଲାଙ୍ଗୀର,୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ସନାତନ ମନ୍ଦିରଠାରେ ଅଙ୍କୁର ସାହିତ୍ୟ ସଂସଦ ପକ୍ଷରୁ ଶନିବାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କବିତା ପାଠୋତ୍ସବରେ ଅଙ୍କୁର ଅନୁଷ୍ଠାନ ସଭାପତି କସ୍ତୁରୀ ରଥ ସଭାପତିତ୍ୱ କରିଥିଲେ। ସମ୍ପାଦକ ଡା. ଅଶୋକ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ. ପ୍ରେମଚାନ୍ଦ ମହାନ୍ତି ଜଗନ୍ନାଥ ଓ ଅଲାରନାଥଙ୍କ ଉପରେ ବକ୍ତବ୍ୟ ରଖିଥିଲେ । କବି ହୃଷୀକେଶ ପୁରୋହିତ, ନଳନୀପ୍ରଭା ଶତପଥୀ, ସୌରନ୍ଦ୍ରୀ ନାୟକ, କସ୍ତୁରୀ ରଥ, ମଦନ ରଥ, ଉମା ଶଙ୍କର ଶତପଥୀ, ମାଳତି ଉଦ୍‌ଗାତା, ନିରୁପମା ମିଶ୍ର, ରଶ୍ମି ପାତ୍ର, ସସ୍ମିତା ସାହୁ, ତପସ୍ୱିନୀ ପଶାୟତ, ଭବାନୀ ପଟେଲ, ବଳିଷ୍ଠ ପ୍ରଧାନ, ହରିଶଙ୍କର ପୁରୋହିତ କବିତା ପାଠ କରିଥିଲେ। ପ୍ରଦୀପ ପଶାୟତ ଓ ବୃନ୍ଦେନ୍ଦ୍ର ବେହେରା ସହଯୋଗ କରିଥିଲେ। ଶେଷରେ ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାଫିକ୍ ପୋଷ୍ଟ ନାଁକୁ, ସିଗ୍ନାଲ ଲାଇଟ୍ ନାହିଁ

ସୋନପୁର,୫।୭(ମୃତ୍ୟୁଞ୍ଜୟ ଶତପଥୀ)


ସୁବର୍ଣ୍ଣପୁର ସହର ବୁଢ଼ାରଜା ଛକରେ ଲୋକେ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି।

ଗମନାଗମନ ଦୃଷ୍ଟିରୁ ସୁବର୍ଣ୍ଣପୁର ସହରର ବୁଢାରଜା ଛକ ବେଶ ଗୁରୁତ୍ୱପୂର୍ଣ୍ଣ। ସମ୍ବଲପୁର, ବରଗଡ ଓ ବୀରମହାରାଜପୁର ପଟୁ ସୋନପୁର ସହରକୁ ଏହି ଛକ ଦେଇ ଲୋକେ ପ୍ରବେଶ କରନ୍ତି। ସମ୍ବଲପୁରରୁ ବହୁ ଲୋକ ଏହି ରାସ୍ତା ଦେଇ ଭୁବନେଶ୍ୱର ଯିବା ଆସିବା କରନ୍ତି। ବଲାଙ୍ଗୀର ଓ ଭୁବନେଶ୍ୱର ପଟୁ ପ୍ରତ୍ୟହ ଶତାଧିକ ଟ୍ରକ୍ ଏହି ଛକ ଦେଇ ସମ୍ବଲପୁର ଓ ଝାରସୁଗୁଡ଼ାକୁ ଯାଉଛି। ତେଣୁ ବୁଢାରଜା ଛକ ସହରର ଅନ୍ୟତମ ବ୍ୟସ୍ତବହୁଳ ଛକ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ୪ଟି ରାସ୍ତାକୁ ସଂଯୋଗ କରୁଥିବା ଏହି ଛକକୁ ସେହିଭଳି ଭାବେ ଓସାରିଆ କରାଯିବା କଥା। କିନ୍ତୁ ଏହି ଛକଟି ମୁକୁଳା ପଡିଛି। ୪ ଥାକିଆ ନୂତନ ରାସ୍ତା ନିର୍ମାଣ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଠିକ୍ ଭାବେ ଡିଜାଇନିଂ ହୋଇନି। ତେଣୁ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି।

ଏହି ଛକରେ ଟ୍ରାଫିକ୍ ପୋଷ୍ଟ ନୂତନ ଭାବେ ନିର୍ମାଣ ହୋଇଛି। କିନ୍ତୁ ଟ୍ରାଫିକ୍ ସିଗନାଲ୍ ଲାଇଟ୍ ଲଗାଯାଇନି। ଟ୍ରାଫିକ୍ ପୋଷ୍ଟରେ ସବୁ ସମୟରେ

## ବୁଢ଼ାରଜା ଛକରେ ବଢୁଛି ଦୁର୍ଘଟଣା

ପୋଲିସ ମୁତୟନ ହେଉନାହାନ୍ତି। ସମୟ ସମୟରେ ଜଣେ ଗୃହରକ୍ଷୀ ଏଠାରେ ଜଗୁଛନ୍ତି। ମାତ୍ର ଏହା ଯଥେଷ୍ଟ ହେଉନି। ଜବରଦଖଲକାରୀ ମାନେ ଟ୍ରାଫିକ୍ ଛକ ଉପରକୁ ମାଡି ଆସୁଛନ୍ତି। ଅଣଓସାରିଆ ଏହି ଛକ ଚାରିପଟୁ ଟ୍ରକ୍, ବସ ଓ କାର ଏକ ସଙ୍ଗରେ ମାଡି ଆସୁଛନ୍ତି। ସହର କଳେବର ବୃଦ୍ଧି ପାଇବା ପରେ ଛକର ଗୁରୁତ୍ୱ ବଢିଛି। ଏହି ଛକ ଦେଇ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ହାଇସ୍କୁଲ ଓ ଜାଭିୟର ଇଣ୍ଟର ନ୍ୟାସନାଲ ସ୍କୁଲକୁ ଛାତ୍ରୀଛାତ୍ର ଏହି ରାସ୍ତାରେ ଅସୁରକ୍ଷିତ ଭାବେ ଯିବା ଆସିବା କରୁଛନ୍ତି। ଏହି ଛକକୁ ଓସାରିଆ କରିବା ସହ ଟ୍ରାଫିକ୍ ପୋଲିସ ମୁତୟନ ଓ ସିଗନାଲ୍ ଲାଇଟ୍ ଲଗାଇବା ପାଇଁ ବାରମ୍ବାର ଦାବି ହୋଇଆସୁଛି। ମାତ୍ର ଜିଲା ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି।

# ପାତାଳି ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

ସୋନପୁର/ ଉଲୁଣ୍ଡା,୫।୭
(ମୃତ୍ୟୁଞ୍ଜୟ ଶତପଥୀ/ ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଲୀଳାକ୍ଷେତ୍ର ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ଶନିବାର ସମ୍ପନ୍ନ ହୋଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମରେ ପାତାଳି ଶ୍ରୀକ୍ଷେତ୍ରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସକାଳ ୫ଟାରେ ମଙ୍ଗଳ ଆଳତି, ୭ଟାରେ ଖେଚୁଡି ଭୋଗ ପରେ ମଙ୍ଗଳାର୍ପଣ ଓ ବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଧାଡି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡପମଣ୍ଡପରୁ ଆଣି ରଥାରୂଢ଼ କରା ଯାଇଥିଲା। ପହଣ୍ଡିରେ ନରସିଂହ ପଧାନ, ମିତ୍ରଭାନୁ ମହାକୁର ଓ ସଞ୍ଜୟ ତ୍ରିପାଠୀ ଛେରା ପହଁରା ନୀତି କରିଥିଲେ। ଅପରାହ୍ନରେ କୋଟସମଲାଇ ଗାଁର ଗଡତ୍ୟା ଚମରା ଅମାତ ରଥ ଉପରେ ଛେରାପହଁରା କରିଥିଲେ। ସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପାତାଳି ଶ୍ରୀକ୍ଷେତ୍ର। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ


ଜଗନ୍ନାଥଙ୍କୁ ପହଣ୍ଡି କରାଯାଉଛି।

## ପହଣ୍ଡି ପରେ ରଥ ଟାଣିଲେ ଶ୍ରଦ୍ଧାଳୁ

ପାଇଁ ଅନ୍ନପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱେଚ୍ଛାସେବୀମାନେ ଶାନ୍ତିଶୃଙ୍ଖଳା ରକ୍ଷାରେ ପୋଲିସକୁ ସହାୟତା କରିଥିଲେ। ପୋଲିସ, ଅଗ୍ନିଶମ ବିଭାଗର କର୍ମଚାରୀ, ବୀରମହାରାଜପୁର ଉପଖଣ୍ଡ ପ୍ରଶାସନ ଓ ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆ ଯାଇଥିଲା। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଓ ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୭ ତାରିଖରେ ଅଧର ପଣା ନୀତି ପରେ ୮ତାରିଖରେ ଚତୁର୍ଦ୍ଧାମୂର୍ତ୍ତି ନିଳାଦ୍ରୀ ବିଜେ କରିବେ ବୋଲି ଜଣାପଡିଛି।


ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ବାହୁଡା ଯାତ୍ରାରେ ପହଣ୍ଡି କରାଯାଉଛି।

# ପାତାଳି ଶ୍ରୀକ୍ଷେତ୍ରରେ ପଥର ଖସି ଭକ୍ତ ଗୁରୁତର

ଉଲୁଣ୍ଡା,୫।୭(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରେ ଶନିବାର ଅଘଟଣ ଘଟିଛି। ପଥରରେ ଖସି ଜଣେ ଭକ୍ତ ଗୁରୁତର ହୋଇଛନ୍ତି। ସେ ହେଲେ ବୌଦ୍ଧ ଜିଲା ସେମେଲପଦର ଗ୍ରାମର ପଞ୍ଚମୀ ମୋଟାରି। ଶନିବାର ବୃଦ୍ଧା ତାଙ୍କ ପରିବାର ସହିତ ପାତାଳୀ ଶ୍ରୀକ୍ଷେତ୍ରକୁ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଯାଇଥିଲେ। ସେଠାରେ ଥିବା ଛେଲିଆ ପାହାଡ ଚଢ଼ି ଗୁମ୍ଫାରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରୁଥିବା ବେଳେ ହଠାତ୍ ଉପରୁ ଏକ ପଥର ତାଙ୍କ ମୁଣ୍ଡରେ ପଡ଼ି ଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ତଳକୁ ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଖଣ୍ଡହତା ହାଇସ୍କୁଲ ଛାତ୍ର ସଂସଦ କର୍ମକର୍ତ୍ତା ଚୟନ


ଖଣ୍ଡହତା ହାଇସ୍କୁଲ ଛାତ୍ର ସଂସଦ ସଦସ୍ୟମାନେ।

ଅମରପାଲି,୫।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ଇନ୍ଦିରା ଗାନ୍ଧୀ ହାଇସ୍କୁଲର ଚଳିତ ଶିକ୍ଷା ବର୍ଷ ପାଇଁ ଛାତ୍ର ସଂସଦ ଗଠନ ହୋଇଯାଇଛି। ସାଂସ୍କୃତିକ ସମ୍ପାଦକଭାବେ ଅର୍ପିତା ଦାସ, ସହସମ୍ପାଦକ ଶିଳ୍ପା ପ୍ରଧାନ, ବାଳକ ବିଭାଗ ଅଧିନାୟକ ବବୁଲ ପ୍ରଧାନ, ବାଳିକା ବିଭାଗ ଅଧିନାୟିକା ପୂର୍ଣ୍ଣିମା ସାହୁ, ବାଳକ ବିଭାଗ ଉପ ଅଧିନାୟକ ଅନନ୍ତ ପ୍ରଧାନ, ଉପଅଧିନାୟିକା ଭାବେ ଶିଳ୍ପା ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏହା ସହିତ ଦଶମ ଶ୍ରେଣୀ ପାଇଁ ଛାତ୍ର ସଂସଦ ପ୍ରତିନିଧିଭାବେ ବାଳକ ବିଭାଗରୁ ଜଗବନ୍ଧୁ ପ୍ରଧାନ ଓ ରିଲୁ ପ୍ରଧାନ ଏବଂ ବାଳିକା ବିଭାଗରୁ ପ୍ରୀତିକା ମହାକୁର ଓ ସଲୋନି ପ୍ରଧାନଙ୍କୁ ଚୟନ କରାଯାଇଥିଲା। ନବମ ଶ୍ରେଣୀ ଛାତ୍ର ସଂସଦ ପ୍ରତିନିଧିଭାବେ ବାଳକ ବିଭାଗରୁ ସୁମନ ନାଏକ ଓ ରୋସନ ପ୍ରଧାନ ଏବଂ ବାଳିକା ବିଭାଗରୁ ଲକ୍ଷ୍ମୀ ପ୍ରଧାନ ଓ ପାୟଲ ନାଏକଙ୍କୁ ଚୟନ କରାଯାଇଛି। ସ୍କୁଲର ସମସ୍ତ ଶିକ୍ଷକ ଏହାକୁ ପରିଚାଳନା କରିଥିଲେ।

# ବଲରାମପୁର ରେଞ୍ଜସ୍ତରୀୟ ବନ ମହୋତ୍ସବ

ଅମରପାଲି,୫।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବନାଞ୍ଚଳ ଅଧିନ ବଲରାମପୁରଠାରେ ରେଞ୍ଜସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, କମିରା ସରପଞ୍ଚ ଅନୁସୁୟା ପଧାନ, ଏସିଏଫ ସୋନପୁର ଗିରିଧାରୀ ନାଗ, ବୀରମହାରାଜପୁର ଏସିଏଫ ତଥା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅଭିନଶ ବରିହା, ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସୀତାରାମ ଶବର ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଚାରା ରୋପଣ ଭ୍ରମ୍ୟମାଣ ସବୁଜ ରଥକୁ ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଚାରା ବଣ୍ଟନ, ଚାରା ରୋପଣ ଓ ଏହାର ସୁରକ୍ଷା କରି କିପରି ଜଙ୍ଗଲ ସୃଷ୍ଟି କରାଯିବ ସେନେଇ ବୀରମହାରାଜପୁର ବନାଞ୍ଚଳ ଅଧିନ ବିଭିନ୍ନ ସ୍ଥାନ ବୁଲି ସାଧାରଣ ଲୋକଙ୍କୁ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ ସୁବଳୟା ବନପାଳ ନିରଞ୍ଜନ ପଧାନ, ଦୂରଦୂରା ବନପାଳ ଲିଙ୍ଗରାଜ ନାୟକ, ହାତଲିମୁଣ୍ଡା ବନପାଳ ଶଙ୍କର ପ୍ରସାଦ ବାଘ ପ୍ରମୁଖଙ୍କ ସମେତ ସମସ୍ତ ବୀରମହାରାଜପୁର ବନାଞ୍ଚଳ କର୍ମଚାରୀମାନେସହଯୋଗ କରିଥିଲେ।

# ବାହୁଡା ଯାତ୍ରା, ଭଜନ ସମାରୋହ

ବୀରମହାରାଜପୁର,୫।୭(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ବିଗ୍ରହ ଉଫୁଲା ମାଉସୀ ମା' ମନ୍ଦିର ଜନ୍ମବେଦିକୁ ଘୋଷଯାତ୍ରାରେ ଯାଇଥିଲେ। ଶନିବାର ଭୋଇ ୪ଟାରେ ଦ୍ୱାରଫିଟା, ସୂର୍ଯ୍ୟ ପୂଜା, ଦଶ ଦିଗପାଳ ପୂଜା, ମଲମ ପରେ ମଙ୍ଗଳ ଆଳତୀ, ଖେଚୁଡ଼ି ଭୋଗ ପରେ ଚତୁର୍ଦ୍ଧା ବିଗ୍ରହଙ୍କ ବେଶ ପରିପାଟୀ ହୋଇଥିଲା। ଅପରାହ୍ନ ୪ଟାରେ ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ବିଷ୍ଣୁ ଚରଣ ପଣ୍ଡା ଛେରାପହରା କରିଥିଲେ। ଭଗବାନ ମିଶ୍ର, ଯୁଗଳ କିଶୋର ମିଶ୍ର ଓ ମହେଶ ପଣ୍ଡା ଅନନ୍ୟା ସେବା ରଥ ଉପରେ କରିଥିଲେ। ପୂଜକ ପଣ୍ଡିତ ବିଶ୍ୱାମିତ୍ର ଚାନ୍ଦ ଓ ତାଙ୍କର ପରିବାର ସଦସ୍ୟ ଅନ୍ୟାନ୍ୟ ସେବା ତୁଲାଇଥିଲେ। ମାଉସୀ ମନ୍ଦିର ପରିଚାଳନା କମିଟି ସଭାପତି ରଞ୍ଜନ କୁମାର କର, ସମ୍ପାଦକ ଜମ୍ମେଶର ପ୍ରଧାନ,ସୁଦାମ ଚରଣ ସେଠୀ, ଲଳିତ କୁମାର କର,ବିଜୟ ହୋତା, ଗିରିଧାରୀ ହୋତା ଦିଲ୍ଲିପ ପ୍ରଧାନଙ୍କ ସମେତ ଉଫୁଲା ଗ୍ରାମବାସୀ


ବୀରମହାରାଜପୁରରେ ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି କାର୍ଯ୍ୟକ୍ରମ।

ସମସ୍ତ ପ୍ରକାର ସହଯୋଗ କରିଥିଲେ। ବାହୁଡା ଯାତ୍ରା ଧାରା ବିବରଣୀ ରାମକୃଷ୍ଣ ହୋତା, ଡ଼ ଦ୍ୱୀତିକୃଷ୍ଣ ପଣ୍ଡା, ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ, ଅଧ୍ୟାପକ ହରିଶ୍ଚନ୍ଦ୍ର ପୁରୋହିତ ଓ ରବିଶଙ୍କର ପାଣିଗ୍ରାହୀ ତୁଲାଇଥିଲେ। ପରମ୍ପରା ଅନୁସାରେ ସୁଭଦ୍ରାଙ୍କ ରଥ ମହିଳାମାନେ ଟାଣି ଥିଲେ। ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଆଗକୁ ଯାଇଥିବା ବେଳେ ଜଗନ୍ନାଥଙ୍କ ରଥ ଭକ୍ତଙ୍କ ଭିଡ ଯୋଗୁ ବିଳମ୍ବ ହୋଇଥିଲା। ଏହ ଅବସରରେ ମାଉସୀ ମନ୍ଦିର ପରିଚାଳନା କମିଟି ତରଫରୁ ପାତାଳୀ ଶ୍ରୀକ୍ଷେତ୍ର ଭଜନ ଗ୍ରୁପ ତରଫରୁ ଭଜନ ସମାରୋହ ହୋଇଥିଲା। ମାଜିଷ୍ଟ୍ରେଟଭାବେ ଶୁଭମ ଶତପଥୀ, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ଥାନା ଅଧିକାରୀ ଗଞ୍ଜୁ ଓରାମ ପୋଲିସ ଫୋର୍ସ ସହିତ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ଛାତ୍ରୀଛାତ୍ରଙ୍କ ହସ୍ତତନ୍ତ କାର୍ଯ୍ୟଶାଳା

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)

ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ଅନୁଷ୍ଠାନ(ଆଇଆଇଏଚ୍‌ଟି), ବରଗଡ଼ ଦ୍ୱାରା ଶନିବାର ଭାରତୀୟ ହସ୍ତତନ୍ତ ପରମ୍ପରାକୁ ନେଇ ଡୁ ଇଟ୍ ୟୋରସେଲ୍ଫ ଶୀର୍ଷକ ଏକ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟଶାଳାରେ ସ୍ଥାନୀୟ ରୋଟାରୀ ସ୍କୁଲ ଛାତ୍ରୀଛାତ୍ରମାନେ ଭାଗ ନେଇ ବସ୍ତ୍ର ବୁଣିବା, ବାନ୍ଧକଳାଠୁ ଆରମ୍ଭ କରି ପ୍ରିଣ୍ଟିଂ ଯାଏ ବିଭିନ୍ନ ପ୍ରଯୁକ୍ତିର ଅଭ୍ୟାସ କରିଥିଲେ। ରୋଟାରୀ ପବ୍ଲିକ ସ୍କୁଲର ଅଧକ୍ଷ ଗଜେନ୍ଦ୍ର ମିଶ୍ର କାର୍ଯ୍ୟଶାଳାକୁ ଉଦ୍‌ଘାଟନ କରିଥିଲେ। ଆଇଆଇଏଚ୍‌ଟିର ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର କୁମାର ଯାଦବ, ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର, ଅଧ୍ୟାପକ ରଞ୍ଜିତ ଚୌହାନ, ସତିଶ ଜାଙ୍ଗ୍ରା କାର୍ଯ୍ୟଶାଳାରେ ଯୋଗଦେଇ ହସ୍ତତନ୍ତର ଉପଯୋଗିତା ଉପରେ ବକ୍ତବ୍ୟ ରଖିଥିଲେ।

# ୩ ଘଣ୍ଟା ବିଳମ୍ବରେ ହେଲା ପହଣ୍ଡି ନୀତି

ସୋନପୁର,୫।୭(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର ବାହୁଡା ଯାତ୍ରାରେ ସୁବର୍ଣ୍ଣପୁର ସହରରେ ଶନିବାର ବିଶୃଙ୍ଖଳା ଦେଖା ଦେଇଥିଲା। ନବମୀ ସନ୍ଧ୍ୟାରେ ଉପନ ଭୋଗ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସହାୟତା ରାଶି ମିଳି ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରତିବାଦରେ ବ୍ରାହ୍ମଣ ସମାଜ ଓ ସେବାୟତ ପହଣ୍ଡି ନୀତି ବନ୍ଦ କରି ଧାରଣାରେ ବସିଥିଲେ। ଦୋବୋତ୍ତର ଅଧିକାରୀ ଆସି ଭୁଲ ମାଗିବାକୁ ଦାବି ହୋଇଥିଲା। ଫଳରେ ବଡବଜାର ଗୁଣ୍ଡିଚା ମନ୍ଦିରରେ ବଡ ଜଗନ୍ନାଥଙ୍କ ନୀତିକାନ୍ତି ବନ୍ଦ ରହିଥିଲା। ହଜାର ହଜାର ଶ୍ରଦ୍ଧାଳୁ ନିରାଶ ହୋଇ ଫେରିଥିଲେ। ରାତି ୮ଟା ୩୦ରେ ଡେପୁଟି କଲେକ୍ଟର ବିଶିକେଶନ ପ୍ରଧାନ, ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ ଓ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଘଟଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ। ଅଧିକାରୀମାନେ ଏଭଳି ତ୍ରୁଟି ପାଇଁ ମହାପ୍ରଭୁଙ୍କୁ କ୍ଷମା ମାଗିବା ସହ ଉପନ ଭୋଗ ପାଇଁ ଅର୍ଥ ରାଶି ପ୍ରଦାନ


ବ୍ରାହ୍ମଣ ଓ ସେବାୟତମାନେ ଧାରଣାରେ ବସିଛନ୍ତି।

## ■ଉପନ ଭୋଗ ପାଇଁ ମିଳିଲାନି ସହାୟତା
## ■ବ୍ରାହ୍ମଣ ସମାଜ, ସେବାୟତଙ୍କ ଧାରଣା

କରିଥିଲେ। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ରୀତିନୀତି ଅନୁଯାୟୀ ପୂଜକ ଏବଂ ସେବାୟତଙ୍କ ଦ୍ୱାରା ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଆଡପମଣ୍ଡପରୁ ପହଣ୍ଡି ହୋଇ ଚତୁର୍ଦ୍ଧାମୂର୍ତ୍ତି ରାତିରେ ରଥାରୂଢ଼ ହୋଇଥିଲେ। ପରମ୍ପରା ଅନୁଯାୟୀ ପୁରୀ ରଥର ତହିଁ ପରଦିନ ଏଠାରେ ୨ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତଦନୁଯାୟୀ ରବିବାର ଓ ସୋମବାର ଏଠାରେ ରଥଟଣା ହେବାର କାର୍ଯ୍ୟକ୍ରମ ରହିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ରଥଦାଣ୍ଡରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ସକାଳେ ମଙ୍ଗଳ ଆଳତୀ ଓ ଖେଚୁଡି ଭୋଗ ପରେ ପୂର୍ବାହ୍ନରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଛେରାପହଁରା ନୀତି ପରେ କୁଣ୍ଡରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ କରା ଯାଇଥିଲା। ପ୍ରଥମେ ବଳଭଦ୍ରଙ୍କୁ ପହଣ୍ଡିଆମାନେ ପହଣ୍ଡି ବିଜେ କରିଥିଲେ। ପରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ପହଣ୍ଡି ହୋଇଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ବିଜେ କରିଥିଲେ।

# ପହଣ୍ଡି ପରେ ରଥ ଟାଣିଲେ ଶ୍ରଦ୍ଧାଳୁ

ସୋନପୁର,୫।୭(ମୃତ୍ୟୁଞ୍ଜୟ ଶତପଥୀ)

ମନ୍ଦିର ମାଳିନୀ ଓ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ସହରରେ ପବିତ୍ର ବାହୁଡା ଯାତ୍ରା ଶନିବାର ପାଳିତ ହୋଇଛି। ଘୋଡାଘାଟପଡାସ୍ଥିତ ଦଧିବାବନ ମନ୍ଦିର ଓ ରାୟଗୁରୁପଡା ସ୍ଥିତ ବୃନ୍ଦାବନ ବିହାରୀ ମନ୍ଦିରରେ ଜୀଉଙ୍କ ପହଣ୍ଡି ରୀତିନୀତି ଅନୁଯାୟୀ ପୂଜକ ଏବଂ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଭଜନ ଓ ନାମ କିର୍ତ୍ତନ ସହ ଆଡପମଣ୍ଡପରୁ ପହଣ୍ଡି ହୋଇ ଚତୁର୍ଦ୍ଧାମୂର୍ତ୍ତି ସନ୍ଧ୍ୟାରେ ରଥାରୂଢ଼ ହୋଇଛନ୍ତି। ପରେ ରଥ ଟଣା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ରବିବାର ଅପରାହ୍ନରେ ମଝିପଡାରୁ ରଥଟଣା ପୁଣି ଆରମ୍ଭ ହେବ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ମଝିପଡା ରଥଦାଣ୍ଡରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ପ୍ରଦୀପ ସାହୁ ଛେରାପହଁରା କରିଥିଲେ। ସକାଳେ ମଙ୍ଗଳ ଆଳତୀ ଓ ଖେଚୁଡି ଭୋଗ ପରେ ପୂର୍ବାହ୍ନରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଛେରାପହଁରା ନୀତି ପରେ କୁଣ୍ଡରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ କରା


ଦଧିବାମନ ମନ୍ଦିରର ତିନି ଠାକୁର ରଥାରୂଢ ହୋଇଛନ୍ତି।

ଯାଇଥିଲା। ସନ୍ଧ୍ୟାରେ ପ୍ରଥମେ ବଳଭଦ୍ରଙ୍କୁ ପହଣ୍ଡିଆମାନେ ପହଣ୍ଡି ବିଜେ କରିଥିଲେ। ପରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ପହଣ୍ଡି ହୋଇଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ବିଜେ କରିଥିଲେ। ପହଣ୍ଡି ଦେଖିବା ପାଇଁ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ରଥ ଟଣା ପରେ ଜଗନ୍ନାଥ ଶନିବାର ସନ୍ଧ୍ୟାରେ ବୃନ୍ଦାବନ ବିହାରୀ ମନ୍ଦିରରେ ପ୍ରବେଶ କରିଛନ୍ତି। ତେବେ ରଥ ଟଣା ପରେ ରବିବାର ସନ୍ଧ୍ୟାରେ ଘୋଡାଘାଟପଡା ସ୍ଥିତ ଦଧିବାବନ ମନ୍ଦିରକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବେ ବୋଲି ଜଣାପଡିଛି। ରାଜାରାଜୁଡା ଅମଳରୁ ରଥଯାତ୍ରା ଏଠାରେ ଭକ୍ତି ଓ ଉଲ୍ଲାସର ସହିତ ପାଳନ ହୋଇଆସୁଛି।


ରାଜଗାଙ୍ଗପୁରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରାରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶିତ।


ବଡ଼ଗାଁରେ ବାହୁଡ଼ାଯାତ୍ରା।


ସୁନ୍ଦରଗଡ଼ରେ ବାହୁଡ଼ା ଯାତ୍ରା।

## ଚଢ଼ାଉ ହେଉନି, ବଢୁଛି ପ୍ଲାଷ୍ଟିକ୍ ବିକ୍ରି

ରାଉରକେଲା,୫।୭(ଦିନେଶ ମିଶ୍ର)

ରାଉରକେଲା ସହରରେ ଦିନକୁ ଦିନ ପ୍ଲାଷ୍ଟିକ୍ ସାମଗ୍ରୀ ବିକ୍ରି ବଢିବାରେ ଲାଗିଛି। ଫଳରେ ସହରର ବିଭିନ୍ନ ସ୍ଥାନରେ ପଡୁଥିବା ଅଳିଆଗଦାରୁ ବିପୁଳ ପ୍ଲାଷ୍ଟିକ୍ ବାହାରୁଛି। ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ଦୋକାନ ଓ ବ୍ୟବସାୟସ୍ଥଳରେ ଚଢାଉ କରାଯାଇଥିଲା। ଏହାପରେ ଆଉ ଚଢାଉ ହୋଇ ନ ଥିବାରୁ ବ୍ୟବସାୟୀମାନେ ଖୋଲମଖୋଲା ପ୍ଲାଷ୍ଟିକ୍ ସାମଗ୍ରୀ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ସହରର ଡେଲିମାର୍କେଟ, ଆମ୍ବାଗାନ, ପାନପୋଷ, ଛେଣ୍ଡ, ବାସନ୍ତୀ କଲୋନି, ଉଦିତନଗର ଭଳି ପ୍ରମୁଖ ମାର୍କେଟରେ ଏଭଳି ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି କରାଯାଉଛି। ସହରରେ ପ୍ରତିଦିନ ବହୁ କୁଇଣ୍ଟାଲ ପ୍ଲାଷ୍ଟିକ୍ ଗ୍ଲାସ, ଡିସ୍‌ପୋଜେଲ କପ୍, ଦନା, ଥାଳି ବିକ୍ରି ହେଉଛି। ପ୍ଲାଷ୍ଟିକ ବ୍ୟବହାର ବଢ଼ିବା ଯୋଗୁ ଏଗୁଡିକ ବିଭିନ୍ନ ସମୟରେ ରାସ୍ତାକଡ, ଡ୍ରେନରେ ପଡି ଜାମ୍ କରୁଛି। ଏ ନେଇ ଆରଏମ୍‌ସି ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ସହରରେ ପ୍ଲାଷ୍ଟିକ୍ ବ୍ୟବହାର ବଢୁଥିବା ନେଇ ଆମେ ଆଞ୍ଚଳିକ ପ୍ରଦୂଷଣ ବୋର୍ଡକୁ ଅବଗତ କରିଛୁ। ପ୍ଲାଷ୍ଟିକ୍ ବିକ୍ରି ହେଉଥିବା ଦୋକାନରେ ଯାଞ୍ଚ କରି ଏହାର ଏକ ଚିଠା ପ୍ରସ୍ତୁତ ହେବ। ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଚେକ୍‌ଡ୍ୟାମ୍‌ରେ ଘାଇ, ଚାଷଜମି ବାଲିଚର

■ କ୍ଷତିପୂରଣ ଦେବାକୁ ଦାବି
■ ବଡ଼ଗାଁରେ ଲଗାଣ ବର୍ଷା

ବଡ଼ଗାଁ,୫।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ କେତେକ ଗ୍ରାମରେ ଜମି ବାଲିଚର ହୋଇଯାଇଛି। ପାମରା ଗ୍ରାମ ପଞ୍ଚାୟତ ଜୁନାପଡ଼ା ନିକଟ କଛାରବାହାଲ ନାଳରେ ନିର୍ମିତ ଚେକଡ୍ୟାମ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବାରୁ ଚାଷ ଜମି ବାଲିଚର ହୋଇଯାଇଛି । ସୂଚନା ଯୋଗ୍ୟ ଯେ, ଜୁନାପଡା ନିକଟ କଛାରବାହାଲଠାରେ ବଡ଼ଗାଁ ବ୍ଲକ ପକ୍ଷରୁ ଚଳିତବର୍ଷ ୯ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ଚେକଡ୍ୟାମ ନିର୍ମାଣ କରାଯାଇଛି। ତେବେ ଲଗାଣ ବର୍ଷା ପ୍ରଭାବରେ ଚେକଡ୍ୟାମ ପାର୍ଶ୍ୱରେ ଏକ ବଡ଼ ଘାଇ ସୃଷ୍ଟି ହୋଇଛି। ଫଳରେ ଚେକଡ୍ୟାମର ତଳି ଅଞ୍ଚଳରେ ଥିବା ଚାଷ ଜମି ବାଲିଚର ହୋଇଯାଇଥିବା ଅଭିଯୋଗ ହୋଇଛି। ଦେଢ଼ ଏକରରୁ ଅଧିକ ଚାଷ ଜମିରେ ବାଲିଚର ହୋଇଥିବା ଜଣାପଡିଛି। ଚାଷୀ ବ୍ରହ୍ମାନନ୍ଦ ଖିଲାରୀ, ଶିବ ବାରିକ, ସଚ୍ଚିଦାନନ୍ଦ ବାରିକ, ଭଗ ଖିଲାରୀ, ଯୁଗେଶର ବାରିକ, ରୋହିତ ବାରିକ, ବିପନ ବାରିକ, ରମେଶ ବାରିକଙ୍କ ଜମି କ୍ଷତିଗ୍ରସ୍ତ ହୋଇଛି। ନବ ନିର୍ମିତ ଚେକଡ୍ୟାମ ଉପଯୁକ୍ତ ସ୍ଥାନରେ ନିର୍ମାଣ ହୋଇ ନ ଥିବା, ସ୍ଥାନ ନିରୁପଣ ବେଳେ ସ୍ଥାନୀୟ ଚାଷୀମାନଙ୍କ ମତାମତ ନ ନେଇ ନିର୍ମାଣ କରାଯାଇଥିବାରୁ ଚାଷ ଜମି ବାଲିଚର ହୋଇଥିବା ଚାଷୀମାନେ କହିଛନ୍ତି। ତେବେ ଚେକଡ୍ୟାମ ଚାଷୀଙ୍କ ସୁବିଧା ପାଇଁ ନିର୍ମାଣ ହେବା ବଦଳରେ ଚାଷୀ ଅସୁବିଧାର ସମ୍ମୁଖିନ ହେଉଥିବା କହିଛନ୍ତି। ଏ ସମ୍ପର୍କରେ ନିର୍ମାଣ ଦାୟିତ୍ୱରେ ଥିବା ଗାଁ ସାଥି ତେଓଫିଲ ଟେଟେଙ୍କୁ ପଚାରିବାରୁ, ଆସନ୍ତା ବର୍ଷ ଉକ୍ତ ସ୍ଥାନରେ ଗାଡୱାଲ ନିର୍ମାଣ କରାଗଲା ପରେ ଏହି ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। ସେହିପରି ଇତମା ନିକଟ ଲେଲେପଡାରେ ଏମଜିଏନଆରଇଜିଏସରେ ନିର୍ମିତ ହିଡ଼ ଯୋଗୁ ଅଶୋକ ବେହେରା ଓ ଅତୁଲ୍ୟ ବେହେରଙ୍କ ଚାରି ଏକର ଚାଷ ଜମି ବାଲିଚର ହୋଇଯାଇଛି। ହିଡ ଦେଇ ଜମି ପଟକୁ ଜଳ ସ୍ରୋତ ନିଷ୍କାସନ କରାଯାଇଥିବାରୁ ଏଭଳି ହୋଇଥିବା ଓ ନିର୍ମାଣ ପୂର୍ବରୁ ସବୁ ଦିଗକୁ ଦୃଷ୍ଟି ଦେବାରଥିଲା ବୋଲି ଚାଷୀମାନେ କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।


ବାଲିଚର ହୋଇଥିବା ଚାଷ ଜମି।

## ବନ ମହୋତ୍ସବ ଉପଲକ୍ଷେ ଚାରା ବଣ୍ଟନ


ବନ ମହୋତ୍ସବରେ ବୃକ୍ଷଚାରା ବଣ୍ଟନ କରାଯାଉଛି।

କୁଆଁରମୁଣ୍ଡା,୫।୭(ମହେନ୍ଦ୍ର କୁମାର ସାହୁ)

ବନ ମହୋତ୍ସବ ଉପଲକ୍ଷେ ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟରେ ଶନିବାର ଚାରା ବଣ୍ଟନ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ନିଜ ବାଡି ବଗିଚାରେ ଚାରା ରୋପଣ କଲେ ସୁସ୍ଥ, ସ୍ୱଚ୍ଛ ପରିବେଶ ସୃଷ୍ଟି ହେବ। ଯାହାଦ୍ୱାରା ଆମେ ଆମ ଭବିଷ୍ୟତ ପିଢ଼ି ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିପାରିବା ବୋଲି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୁଆଁରମୁଣ୍ଡା ତହସିଲଦାର ଚନ୍ଦ୍ରଜିତ ବେହେରା ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ତହସିଲଦାର ବେହେରା କୁଆଁରମୁଣ୍ଡା ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କୁ ପିଜୁଳି, ଅଁଳା, ଗମ୍ଭାରୀ ଆଦି ଚାରା ବାଣ୍ଟିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର, ଏଏସ୍‌ଆଇ ଶ୍ରୀନିବାସ ଦାସ, ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀ ନାରାୟଣ ସାହୁ, ଜୟଶଙ୍କର ନନ୍ଦ, ଘନଶ୍ୟାମ ଦେବତା, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ରହି ଚାରା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ରେଞ୍ଜର ପଞ୍ଚୁନାରାୟଣ ସରାଫଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କୁଆଁରମୁଣ୍ଡା ବନପାଳ ହରିଶ୍ଚନ୍ଦ୍ର ଜେନା, ବନରକ୍ଷୀ ସ୍ନେହାଙ୍ଗିନୀ କାକ ପ୍ରମୁଖ ଥିଲେ।

## ବାଇକ୍-କାର ଧକ୍କା, ଚାଳକ ଆହତ

ବ୍ରଜରାଜନଗର, ୫।୭(ବିଜୟ ବରାଡ଼)

ଝାରସୁଗୁଡା ଜିଲା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ଗାନ୍ଧିଛକ ବଲାଙ୍ଗିବାହାଲ ରାସ୍ତାର ଚାରଭାଟି ଦେମୂଳ ନିକଟରେ କାର ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବାଇକ ଚାଳକ ସାମାନ୍ୟ ଆହତ ହୋଇଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଗାନ୍ଧିଛକ ଫାଣ୍ଡି ଲୋଇସିଂହ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାରଭାଟି ଦେମୂଳ ନିକଟରେ ଗାନ୍ଧିଛକ ପଟୁ ଆସୁଥିବା ଜଣେ ବାଇକ ଚାଳକ ବିପରୀତ ଦିଗରୁ ଆସୁଥିବା ଏକ କାରକୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାରର ସାମ୍ନା ପଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାଇକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ବାଇକ ଚାଳକ ଜଣକ ସାମାନ୍ୟ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ବୁଝାସୁଝା କରିବା ପରେ ଉଭୟେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ।

## ଜିଲା ଆଇନସେବା ପ୍ରାଧିକରଣ ତରଫରୁ ବନ ମହୋତ୍ସବ

ସୁନ୍ଦରଗଡ,୫।୭(ଜୟ ନାରାୟଣ ମେଣ୍ଡୁଲି)

ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଶୁକ୍ରବାର ଭବାନୀପୁର ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଡକ୍ଟର ଶିଖାରାଣୀ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଚାରା ରୋପଣ କରିଥିଲେ। ଏହି ଅବସରରେ ପ୍ରାଧିକରଣର ଅଧ୍ୟକ୍ଷ ଡ. ରଥ ପୃଥିବୀ ଓ ମାନବ ସଭ୍ୟତାକୁ ବଞ୍ଚାଇ ରଖିବା ପାଇଁ ବୃକ୍ଷର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଚାରା ରୋପଣ ମାଧ୍ୟମରେ ସବୁଜ ଓ ସୁରକ୍ଷିତ ପୃଥିବୀର ସ୍ୱପ୍ନ ସାକାର କରାଯାଇ ପାରିବ ବୋଲି କହିଥିଲେ। ପ୍ରାଧିକରଣର ସଚିବ ଡ. ରୀନତି ମିଶ୍ର ସମସ୍ତଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇ ସୁସ୍ଥ ଓ ସବୁଜ ପରିବେଶ ତିଆରିରେ ସହଯୋଗର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଡକ୍ଟର ରାଧାକାନ୍ତ ମିଶ୍ର,ଏଡିଜେ ସସ୍ମିତା ପାଢୀ,ଏଡିଜେ ସ୍ପେଶାଲ ଜଜ୍(ପୋକ୍‌ସୋ)ଜ୍ଞାନରଞ୍ଜନ ପଟ୍ଟନାୟକ,ଏଡିଜେ ଚିନ୍ମୟ ଗୋଚ୍ଛାୟତ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସିଭିଲ ଜଜ୍ ସଞ୍ଜୟ କୁମାର, ଶୁଭବ୍ରତ ଆଚାର୍ଯ୍ୟ, ସିନିୟର ସିଭିଲ ଜଜ୍ (ମହିଳା କୋର୍ଟ) (ଶ୍ରଦ୍ଧା ମାଣ୍ଡୋଥିଆ,ଏସ୍‌ଡିଜେଏମ୍ ସୁକନ୍ୟା ଶତପଥୀ, ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) ପ୍ରତିଭା ଦାସ, ଜିଲା ଓକିଲ ସଂଘ ସଭାପତି ଧର୍ମେଶ ପଟେଲ, ନ୍ୟାୟ ରକ୍ଷକ କମଳ ସେନ, ସନ୍ତୋଷ ପ୍ରଧାନ, ଅଞ୍ଜନା ସାହୁ, ଅଲିଭା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ ତରଫରୁ ଜୁଲାଇ ୧ରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ପ୍ରାଧିକରଣର ସଚିବ ଡ. ରୀନତି ମିଶ୍ର ସୂଚନା ଦେଇଛନ୍ତି।


ଚାରା ରୋପଣ କରାଯାଉଛି।

## ୭ଦଫା ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ଜିଲା କୃଷକ ସଂଘର ଦାବିପତ୍ର

ଦେବଗଡ,୫।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ୍ ସର୍ଭେକୁ ରଦ୍ଦ କରାଯିବା ସହ ୭ଦଫା ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ଜିଲା କୃଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟ ଦାବି ମଧ୍ୟରେ ରହିଛି ଶିଳ୍ପ ବିହୀନ ଦେବଗଡ଼ ଜିଲାରେ ଏକ ଶୀତଳଭଣ୍ଡାର ନିର୍ମାଣ, ରିଆମାଳ ବ୍ଲକର କୃଷିଭିତ୍ତିକ ଶିଳ୍ପ ଚିନିକଳ ସ୍ଥାପନ ଏବଂ ଆଖୁ ଚାଷ ପାଇଁ ପ୍ରୋତ୍ସାହନ, ଚାଷୀମାନେ ଦୀର୍ଘଦିନରୁ ଆବାଦ କରି ଚାଷ କରୁଥିବା ସରକାରୀ ଜମିକୁ ସମ୍ପୃକ୍ତ ଚାଷୀଙ୍କ ନାମରେ ରେକର୍ଡ ଭୁକ୍ତ କରିବା, ଦେବଗଡ ଜିଲାରେ ଥିବା ବାଳିଆପିଟା ଏବଂ ଗୋହୀରା ଆଦି ସମସ୍ତ ନାଳରେ ବନ୍ଧ କରାଯାଇ ଚାଷଜମିକୁ ଜଳ ସେଚନ କରାଯିବା, ଗୋହୀରା ବନ୍ଧରୁ ପଙ୍କୋଦ୍ଧାର କରାଯିବା ଓ ତ୍ରୁଟିପୂର୍ଣ୍ଣ ଆଧାରକାର୍ଡ ଗୁଡିକୁ ମାଗଣାରେ ସଂଶୋଧନ କରାଯିବା ଆଦି ରହିଛି। ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦେବଗଡ ଗସ୍ତ ଅବସରରେ ଜିଲା କୃଷକ ସଂଘ ପକ୍ଷରୁ ସଂଘର ସଭାପତି ପ୍ରମୋଦ କୁମାର ଝାଙ୍କର,ପବିତ୍ର ମୋହନ ପ୍ରଧାନ ଓ ଆଇନ ଉପଦେଷ୍ଟା ବିଭୁତି ଗଙ୍ଗଦେବ ପ୍ରମୁଖ ତାଙ୍କୁ ସାକ୍ଷାତ କରି ଉପରୋକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ଖାତା ବଣ୍ଟନ କାର୍ଯ୍ୟକ୍ରମ


ପିଲାଙ୍କୁ ଖାତା ବଣ୍ଟନ କରାଯାଉଛି।

ବନ୍ଧମୁଣ୍ଡା,୫।୭(ସୁବ୍ରତ ଦେ)

ବିଶ୍ରା ବ୍ଲକ ଅଧୀନ ଜାମସେରା ପଞ୍ଚାୟତ ଜବାଘାଟ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଫୁଲ୍ଲ ଏଜୁକେଶନ ଏବଂ ଚାରିଟେବଲ ଟ୍ରଷ୍ଟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଭାବେ ଖାତା, ପେନ୍ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଛି। ସଙ୍ଗଠନର ସଦସ୍ୟମାନେ କହିଛନ୍ତି ଯେ, ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ଶିକ୍ଷାପ୍ରତି ଆକର୍ଷିତ ହୋଇଥାନ୍ତି। ତାଙ୍କର ଶିକ୍ଷାର ଗୁଣବତ୍ତା ମଧ୍ୟ ବୃଦ୍ଧି ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିନୋଦ ବିହାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ପ୍ରଧାନ,ଭୁବନେଶ୍ୱର ଦ୍ୱିବେଦୀ, ସୁରେଶ ଚନ୍ଦ୍ର ପଣ୍ଡା, ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଅମୂଲ୍ୟ କୁମାର ଆଚାର୍ଯ୍ୟ, ଦେବବ୍ରତ ଆଚାର୍ଯ୍ୟ, ଜୋହନ ତିର୍କୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## କଫସିରପ୍ ଜବତ, ଅଭିଯୁକ୍ତ ଫେରାର

ବୌଦ୍ଧ,୫।୭ (ଅଜିତ କୁମାର ବାରିକ): ଜିଲାରେ ଗଞ୍ଜେଇ କାରବାର ଥମିବାର ନା ନେଉନଥିବା ବେଳେ କଫସିରପ୍, ବ୍ରାଉନସୁଗର କାରବାର ଚାଲିଛି। ଶୁକ୍ରବାର ବୌଦ୍ଧ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କରୁଣାପାଲି -ଖଣ୍ଡବର ରାସ୍ତା ଦେଇ ଯାଉଥିବା ଏକ କାର (ଓଡି ୦୬ଏନ ୯୪୩୫)କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୫ ପେଟିରେ ଥିବା ୧୯୮ ବୋତଲ କଫସିରପ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ କାର ଛାଡି ଫେରାର ହୋଇଛନ୍ତି।

## ଓଡ଼ିଶା ଡ୍ରାଇଭର ମହାସଂଘର ବନ୍ଦ ଡାକରା

### ବରଗଡ଼ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ

ପାଇକମାଳ, ୫।୭(ବଡ଼ ଶତପଥୀ): ଓଡ଼ିଶା ଡ୍ରାଇଭର ମହାସଂଘର ଗାଡ଼ି ବନ୍ଦ ଡାକରାରେ ପାଇକମାଳ ବ୍ଲକ ଡ୍ରାଇଭର ସଂଘ ସାମିଲ ହୋଇଛନ୍ତି। ଆସନ୍ତା ମଙ୍ଗଳବାର ପାଇକମାଳରେ ସମସ୍ତ ଗାଡ଼ି ବନ୍ଦ କରାଯିବା ନେଇ ଡାକରା ଦିଆଯାଇଛି। ଏ ନେଇ ଏକ ସାତ ଦଫା ସମ୍ବଳିତ ପତ୍ର ସହ ବନ୍ଦ ଡାକରା ସମ୍ପର୍କରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପାଇକମାଳ ସାମ୍ବାଦିକ ସଂଘ ସଭାପତି ବଡ଼ ଶତପଥୀ, ପାଇକମାଳ ଥାନା, ବ୍ଲକ କାର୍ଯ୍ୟାଳୟ ତଥା ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ସହଯୋଗ କରିବା ପାଇଁ ସମ୍ପାଦକ ଅଜିତ କୁମାର ବାଗ ଓ ସଭାପତି ଶଙ୍କର ସେଠ ଶନିବାର ଚିଠି ବଣ୍ଟନ କରିଛନ୍ତି। ପାଇକମାଳ ଛକରେ ଆସନ୍ତା ମଙ୍ଗଳବାର ସ୍ଥାନୀୟ ସମସ୍ତ ଡ୍ରାଇଭର ଧାରଣା ଦେବେ ବୋଲି ଜଣାଇଛନ୍ତି।

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ

ସୁନ୍ଦରଗଡ଼,୫।୭(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଗଣିତ ବିଭାଗର ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ସଭାପତିତ୍ୱକରି ବନ ମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇଡିବିଆଇ ବ୍ୟାଙ୍କର ଶାଖା ପରିଚାଳକ ମୋହନ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପରେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଆଇଡିବିଆଇ ବ୍ୟାଙ୍କ ସହାୟତାରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଯୁବ ରେଡ୍‌କ୍ରସ୍,ଏନ୍‌ସିସି ଏବଂ ଆର୍‌ସିସି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଅନୀତା କୁମାରୀ ପରଦା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଶିକ୍ଷାନିବୃତ୍ତଙ୍କୁ ଚିହ୍ନଟ କରି ରୋଜଗାର ଦିଅ

ସୁନ୍ଦରଗଡ଼,୪।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲାରେ ଶିକ୍ଷା ନିବୃତ୍ତ ବେକାର ଯୁବତୀ ଯୁବକଙ୍କୁ ଚିହ୍ନଟ କରି ସ୍ୱାବଲମ୍ବୀ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ଦାବି କରି ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସଦର ଉପଜିଲାପାଳ ଦାଶରଥି ସରାବୁଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସୁନ୍ଦରଗଡ ଜିଲାରେ କଳକାରଖାନା ସହିତ ଖଣି, ଖାଦାନ ଭରି ରହିଥିବାବେଳେ ବେକାରୀ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯହାଫଳରେ ଜିଲାର ଅର୍ଥନୈତିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଅନେକ ଛାତ୍ରୀଛାତ୍ର ଅଧ୍ୟୟନ ଛାଡି କିମ୍ବା ଉଚ୍ଚ ଶିକ୍ଷାରୁ ଓହରି ଯାଇ କାମ କରି ରୋଜଗାର କରିବା ପାଇଁ ଆଗେଇ ଯାଇଛନ୍ତି। ଅନେକ ବେକାର ଯୁବତୀଯୁବକ ଜିଲାରେ ରୋଜଗାର ନ ପାଇ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇ ନିର୍ଯ୍ୟାତନାର ଶିକାର ହେଉଥିବାର ଉଦାହରଣ ରହିଛି। ଜିଲାରେ ଅନେକ ଖଣି ଖାଦାନ, କାରଖାନା ରହିଥିବାବେଳେ ସ୍ଥାନୀୟ ବେକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରା ନ ଯାଇ ବାହାର ରାଜ୍ୟରୁ ଶ୍ରମିକ, କର୍ମଚାରୀ, ସହାୟକ ଆଣି ନିଯୁକ୍ତ କରାଯାଉଛି। ଫଳରେ ଜିଲାର ଅର୍ଥନୈତିକ ଓ ସାମାଜିକ ଉନ୍ନତି ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ନବଗଠିତ ସ୍ୱେଚ୍ଛାସେବୀ ସଂଗଠନ "ରାଇଜ" ପକ୍ଷରୁ ଜିଲାର ଅର୍ଥନୈତିକ ସ୍ଥିତିକୁ ସୁଧାରିବା ଓ ସୁଦୃଢ଼ କରିବା ପାଇଁ ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଶୁକ୍ରବାର ସଦର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ହାଇସ୍କୁଲ ଓ ପରବର୍ତ୍ତୀ ଶିକ୍ଷା ପାଠ୍ୟକ୍ରମରେ ଧନ୍ଦାମୂଳକ ଶିକ୍ଷାକୁ ସାମିଲ କରାଯାଉ ଓ ବିଭିନ୍ନ କ୍ଷୁଦ୍ର, ମଧ୍ୟମ ଧରଣର ଶିଳ୍ପ, ବ୍ୟବସାୟ, ଉଦ୍ୟୋଗ ଦ୍ୱାରା କିପରି ରୋଜଗାର କରାଯାଇପାରିବ ସେ ବିଷୟରେ ପାଠ୍ୟଖସଡ଼ା ତିଆରି, ବିଭିନ୍ନ ବ୍ୟବସାୟ, ଉଦ୍ୟୋଗ,ଶିଳ୍ପ କରି ସଫଳ ହୋଇଥିବା ବ୍ୟବସାୟୀଙ୍କ ଜୀବନୀ, ସଫଳତାର କାହାଣୀ ବିଷୟରେ ପାଠ୍ୟକ୍ରମରେ ସାମିଲ କରାଯାଉ,ପାରମ୍ପରିକ କୃଷିକୁ ବୈଜ୍ଞାନିକ ଓ ଆଧୁନିକ ପ୍ରଣାଳୀରେ କରାଯାଇ ଉଦ୍ଭାବନକୁ ବୃଦ୍ଧିକରାଯାଇ ବ୍ୟବସାୟୀକରଣ କରିବାର ପଦ୍ଧତି ବିଷୟରେ ପାଠ୍ୟକ୍ରମରେ ସାମିଲ କରାଯାଉ, ବଣ,ପାହାଡ଼ ଘେରା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ସୁନ୍ଦରଗଡ଼ ଜିଲାରେ ଏକ ଔଷଧୀୟ ମଣ୍ଡି ସ୍ଥାପନ କରାଯାଉ। ଜିଲାରେ ହାଇସ୍କୁଲ ଓ ପରବର୍ତ୍ତୀ ଶିକ୍ଷାରୁ ନିବୃତ୍ତ ହୋଇସାରିଥିବା ଯୁବତୀ ଯୁବକମାନଙ୍କୁ ଚିହ୍ନଟ କରାଯାଇ ରୋଜଗାରକ୍ଷମ ହୋଇ ସ୍ୱାବଲମ୍ବୀ ହେବା ନିମନ୍ତେ ଧନ୍ଦା ମୂଳକ ତାଲିମ ପ୍ରଦାନ କରାଯାଉ। ଜିଲାର ପ୍ରତି ବ୍ଲକରେ କୌଶଳ ବିକାଶ କେନ୍ଦ୍ର ସ୍ଥାପନ କରାଯାଉ ବୋଲି ସଙ୍ଗଠନ ପକ୍ଷରୁ ଆବାହକ ପ୍ରଣବ କିଶୋର ଭେିସାଲ, ସଦସ୍ୟ ରାଜୁ ପ୍ରଧାନ, ଓଜିଲ ସା, ଲୋଚନ ବଡେକ, ରଞ୍ଜନ ବାଘ ପ୍ରମୁଖ ସ୍ମାରକପତ୍ର ମାଧ୍ୟମରେ ଦାବି ଜଣାଇଛନ୍ତି।


ସଦର ଉପଜିଲାପାଳଙ୍କୁ ଦାବିପତ୍ର କରାଯାଉଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

# ଆଜି ହୀରାକୁଦ ଜଳଭଣ୍ଡାରରୁ ଛଡ଼ାଯିବ ବନ୍ୟାଜଳ

**ଖୋଲିବ ୬ରୁ ୮ଟି ସ୍ଲୁଇସ୍ ଗେଟ୍**

ସମ୍ବଲପୁର,୫।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରୁ ଜୁଲାଇ ୬ତାରିଖ ରବିବାର ପୂର୍ବାହ୍ନ ୧୦ଟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଉପରମୁଣ୍ଡରେ ଲଗାଣ ବର୍ଷା ମହାନଦୀ ସହିତ ଅନ୍ୟାନ୍ୟ ନଦୀର ଜଳପ୍ରବାହ ପରିମାଣ ବୃଦ୍ଧି ପାଉଥିବାରୁ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକଙ୍କ ନିଷ୍ପତ୍ତି କ୍ରମେ ରବିବାର ପୂର୍ବାହ୍ନ ୧୦ଟାରୁ ଜଳଭଣ୍ଡାରର ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରଥମ ଦିନରେ ପର୍ଯ୍ୟାୟକ୍ରମେ ୬ରୁ ୮ଟି ସ୍ଲୁଇସ୍ ଗେଟ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ଜଳଭଣ୍ଡାର ମଧ୍ୟକୁ ବନ୍ୟାଜଳ ପ୍ରବେଶ ପରିମାଣ ଆଧାରରେ ବନ୍ୟାଜଳ ନିଷ୍କାସନ ପାଇଁ ଖୋଲାଯିବାକୁ ଥିବା ସ୍ଲୁଇସ୍ ଗେଟ୍‌ର ସଂଖ୍ୟାରେ ପରିବର୍ତ୍ତନ ହୋଇପାରେ ବୋଲି ବନ୍ଧ କର୍ତ୍ତୃପକ୍ଷଙ୍କ ସୂଚନାରୁ ପ୍ରକାଶ। ରବିବାର ପ୍ରତିବର୍ଷ ଭଳି ହୀରାକୁଦ ଜଳଭଣ୍ଡାର ଗେଟ୍ ପରିଚାଳନା ଗୃହରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ସ୍ଲୁଇସ୍ ଗେଟ୍ ଖୋଲିବା ପ୍ରକ୍ରିୟାକୁ ଅନୁକୂଳ କରାଯିବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକ ଇଂ. ସୁଶୀଲ କୁମାର ବେହେରାଙ୍କ ସହିତ ଅତିଥିଭାବେ ଆରଡ଼ିସ ସଚିନ ଆର୍ ଜାଧବ, ଆଇଜି ହିମାଂଶୁ କୁମାର ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି କୁକେଶ କୁମାର ଭାମୁ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟାର ୧ ଘଣ୍ଟା ପୂର୍ବରୁ ତଳମୁଣ୍ଡ ମହାନଦୀରେ ଥିବା ୨ଲୋକଙ୍କୁ ସତର୍କ କରିବାକୁ ୫ ମିନିଟ ଅନ୍ତରରେ ପର୍ଯ୍ୟାୟକ୍ରମେ ସତର୍କତା ସାଇରନ୍ ବାଜିବ ବୋଲି ଜଳଭଣ୍ଡାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଯୋଗୁଁ ତଳମୁଣ୍ଡରେ ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଯେକୌଣସି ଅଘଟଣକୁ ରୋକିବା ଲକ୍ଷ୍ୟରେ ହୀରାକୁଦ ଜଳଭଣ୍ଡାର ତଳମୁଣ୍ଡରେ ଥିବା ଗ୍ରାମଗୁଡ଼ିକରେ ବସବାସ କରୁଥିବା ଜନସାଧାରଣଙ୍କୁ ସତର୍କ ରହିବାକୁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।



ବନ୍ୟାଜଳ ନିଷ୍କାସନ ପାଇଁ ତଳମୁଣ୍ଡର ବିଭିନ୍ନ ଗ୍ରାମରେ ଅଟୋରେ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି।

## ୬୦୮.୩୧ ଫୁଟରେ ପହଞ୍ଚିଲା ଜଳପତ୍ତନ

ହୀରାକୁଦ ଜଳଭଣ୍ଡାରକୁ ମହାନଦୀ ଓ ଅନ୍ୟାନ୍ୟ ନଦୀର ଜଳ ପ୍ରବାହ ବୃଦ୍ଧି ଫଳରେ ଜଳପତ୍ତନ ବୃଦ୍ଧି ପାଇ ୬୦୮.୩୧ ଫୁଟରେ ପହଞ୍ଚିଛି। ଶନିବାର ରାତି ସାଢେ ୯ଟାର ସୂଚନା ଅନୁସାରେଜଳଭଣ୍ଡରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୪ ହଜାର ୬୦୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳ ୩୯ ହାଜର ୫୪୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ଶକ୍ତି ଉତ୍ପାଦନ ପାଇଁ ପାୱର ଚ୍ୟାନାଲରେ ୩୬,୨୪୫ ଘନଫୁଟ, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୨୬୦୦, ଶାସନ କେନାଲରେ ୪୦୦ ଓ ସମ୍ବଲପୁର କେନାଲରେ ୬୮ ଘନଫୁଟ ଜଳ ମିଶି ମୋଟ ୩୯୬୮ ଘନଫୁଟ ଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳ ବିଦ୍ୟୁତ୍ ଯୋଜନାରେ ବୁର୍ଲା ଓ ଚିପିଲିମା ଆଦି ଦୁଇଟି ଶକ୍ତି କେନ୍ଦ୍ରରୁ ଶୁକ୍ରବାର ମୋଟ ୨୩୯.୪୫୮ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇଛି । ସେଥିମଧ୍ୟରେ ବୁର୍ଲା ଶକ୍ତି କେନ୍ଦ୍ରରୁ ୨୦୨.୫୮୩ ଓ ଚିପିଲିମା ଶକ୍ତି କେନ୍ଦ୍ରରୁ ୩୬.୫୭୫ ମେଗାୱାଟ ଶକ୍ତି ଉତ୍ପାଦନ ହେଉଥିବା ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ସୂଚନାରୁ ପ୍ରକାଶ। ହୀରାକୁଦ ଜଳଭଣ୍ଡାର ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୧୦.୪୯ ମିଲିମିଟର ଓ ତଳମୁଣ୍ଡରେ ୦୭.୬୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଓଏସ୍ଓୟୁରେ ପାଠ୍ୟକ୍ରମ ଦକ୍ଷତାର ଶୁଭାରମ୍ଭ




ଦକ୍ଷତାର ଶୁଭାରମ୍ଭ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୫।୭(ପ୍ରମୋଦ ବହିଦାର)

ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍ଓୟୁ) ପକ୍ଷରୁ ଆରମ୍ଭ ହୋଇଛି ଶିଳ୍ପ କୈନ୍ଦ୍ରିକ ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ 'ଦକ୍ଷତା'। ଓଏସ୍ଓୟୁ ପରିସରରେ ଶନିବାର ଆୟୋଜିତ ଉତ୍ସବରେ ଏହାର ଶିଳ୍ପ ସହଯୋଗୀ ୟୁଲେକ୍ ସହଯୋଗରେ ଏହି ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଦେଶବ୍ୟାପୀ ଇଞ୍ଜିନିୟରିଂ ଓ ଅଣଇଞ୍ଜିନିୟରିଂ ବିଦ୍ୟାର୍ଥୀମାନଙ୍କ ଦକ୍ଷତା ଓ ସଶକ୍ତୀକରଣ ଦିଗରେ ପଦକ୍ଷେପ ସ୍ୱରୂପ ଓଏସ୍ଓୟୁ ପକ୍ଷରୁ ଏହି ପଦକ୍ଷେପ ଆରମ୍ଭ ହୋଇଛି। ଦକ୍ଷତା ୧୦ଟି ଶିଳ୍ପ କୈନ୍ଦ୍ରିକ ଦକ୍ଷତା ବୃଦ୍ଧି ପାଠ୍ୟକ୍ରମର ସମାହାର। ସେଥିରେ ରହିଛି କୃତ୍ରିମ ବୁଦ୍ଧିମତ୍ତା, କର୍ପୋରେଟ୍ ଯୋଗାଯୋଗ, ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ଡାଟା ବିଜ୍ଞାନ ଏବଂ ମେଶିନ୍ ଲର୍ନିଂ, ଡିଜିଟାଲ୍ ମାର୍କେଟିଂ, ପ୍ରୋଜେକ୍ଟ ପରିଚାଳନା, ପାଇଥନ୍ ପ୍ରୋଗ୍ରାମିଂ, ସୋସିଆଲ୍ ମିଡିଆ ମାର୍କେଟିଂ ଓ ୱେବ୍ ଟେକ୍ନୋଲୋଜି। ପ୍ରତ୍ୟେକ ପାଠ୍ୟକ୍ରମର ଅଧ୍ୟୟନ ଅବଧି ୯୦ ଘଣ୍ଟା ଓ ୩ଟି କ୍ରେଡିଟ୍ ସହିତ ସଂରଚିତ। ଏହି ପାଠ୍ୟକ୍ରମ ଦକ୍ଷତା ୱେବ ପ୍ଲାଟଫର୍ମ ଓ ଦକ୍ଷତା ଆପ୍‌ରେ ଉପଲବ୍ଧ ହେବ। ଏହି ଉତ୍ସବରେ ଓଏସ୍ଓୟୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ, ଉପସଚିବ, ନିର୍ଦ୍ଦେଶକ ଓଏସ୍ଓୟୁର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଡାକ୍ତର ଉପେନ୍ଦ୍ରନାଥ ପୁରୋହିତଙ୍କ ପରଲୋକ



ଡାକ୍ତର ଉପେନ୍ଦ୍ରନାଥ ପୁରୋହିତ।

ସମ୍ବଲପୁର,୪।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରେଳ ଡିଭିଜନର ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ବିଶିଷ୍ଟ ସ୍ତ୍ରୀ ଏବଂ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ଉପେନ୍ଦ୍ରନାଥ ପୁରୋହିତଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହେଇଥିଲା। ସେ ହୃଦ୍‌ରୋଗରେ ପୀଡ଼ିତ ହେଇ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ଶ୍ୱାଇଁ ଶିକ୍ଷାବିତ୍ ଶୁଶିଲ କୁମାର ପାଣିଗ୍ରାହୀ ଏନେଇ ସୂଚିତ କରିଛନ୍ତି। ଶନିବାର ସକାଳେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଡାକ୍ତର ପୁରୋହିତ ଖଡଗପୁର, ଚକ୍ରଧରପୁର ଓ ସମ୍ବଲପୁର ରେଲବାଇ ଡାକ୍ତରଖାନାରେ କାମ କରି ସୁନାମ ଅର୍ଜନ କରିଥିଲେ। ସେ ଚିତ୍ରଶିଳ୍ପୀ ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ଉପସ୍ଥାପିକା ଜୟଶ୍ରୀ ପୁରୋହିତଙ୍କ ବାପା।

# ମା'ଙ୍କ ପାଇଁ ଗଛଟିଏ ମାଟିମା' ପାଇଁ ପ୍ରତିଦାନ

ସମ୍ବଲପୁର, ୫।୭(ଭବାନୀ ଶଙ୍କର ଭୋଇ)

**କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୨ରେ ବନ ମହୋତ୍ସବ**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଶନିବାର ବନ ମହୋତ୍ସବ ପାଳନ ହୋଇଯାଇଛି। ବିଦ୍ୟାଳୟ ପ୍ରାଚାର୍ଯ୍ୟା ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ବଲପୁର ବନଖଣ୍ଡର ସହକାରୀ ବନ ସଂରକ୍ଷକ ରାଜଶ୍ରୀ ତୀର୍କୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଏଥିରେ ବନ ମହୋତ୍ସବ, ଇକୋ କ୍ଲବ ମିଶନ ଲାଇଫ ତଥା ମା'ଙ୍କ ପାଇଁ ଏକ ଗଛ ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମାନବ କଲ୍ୟାଣ ପାଇଁ ପ୍ରତିବର୍ଷ ଗୋଟିଏ ବୃକ୍ଷ ରୋପଣ କରି ତାର ରକ୍ଷଣାବେକ୍ଷଣ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନିଜ ମା'ଙ୍କ ପାଇଁ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେଲେ ମାଟି ମା'କୁ ଆମେ ପ୍ରକୃତ ପ୍ରତିଦାନ ଦେଇ ପାରିବା ବୋଲି ଅତିଥିମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅମ୍ବୀୟତାର ବୁର୍ଲା ଶାଖା ସଭାପତି ସୁନୀଲ କୁମାର ପଣ୍ଡା, ସମ୍ପାଦକ ଶୁଭାଶିଷ ସିହ୍ନଆ, ସହସମ୍ପାଦକ ପ୍ରଣବ ଚଇନି, କୋଷଧ୍ୟକ୍ଷ ଅଶୋକ କୁମାର ସାହୁ, ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଆଲୁମ୍‌ନି ରାଜକିଶୋର ଜାଯୋଡ଼ିଆ, ରଜନୀକାନ୍ତ ନାଗ ଉପସ୍ଥିତ ଥିଲେ । ବୁର୍ଲା ବନପାଳ ରୋଶନି ନାଏକ ତଥା ଅନ୍ୟ ଅତିଥିମାନଙ୍କ ସହିତ ସ୍କାଉଟମାଷ୍ଟର ମଧୁସୂଦନ ପଧାନ, ଗାଇଡ ପ୍ରଭାରୀ ଗାୟତ୍ରୀ ମିଶ୍ର ବିଦ୍ୟାଳୟର ଅନ୍ୟ ସ୍କାଉଟ ଗାଇଡ଼ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ୨୦୦ଟି ଚାରାରୋପଣ କରାଯାଇଥିଲା।




ବନ ମହୋତ୍ସବ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅତିଥି।

# ବାହୁଡ଼ିଲେ ତିନି ଠାକୁର

ନାକଟିଦେଉଳ,୫।୭(ବୈକୁଣ୍ଠନାଥ ସାହୁ)

ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରେ ନଅଧରି ଲୀଳା ଶେଷ କରି ଶନିବାର ରତ୍ନବେଦୀକୁ ଫେରିଛନ୍ତି ତିନି ଠାକୁର। ଏହି ପବିତ୍ର ବାହୁଡା ଦଶମୀ ଯାତ୍ରା ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ, କୁଞ୍ଜାମୁରା, ବୁଢାକଟା, ସରାପାଲି, ଉପରମୁଣ୍ଡା ଏବଂ କିସିଣ୍ଡାଠାରେ ବେଶ ଆନନ୍ଦ ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ମାଉସୀ ମା' ମନ୍ଦିରରୁ ତିନି ଠାକୁର ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଛେରା ପହଁରା ପରେ ପାରମ୍ପରିକ ରୀତିନୀତିରେ ପହଣ୍ଡି କରାଯାଇ ରଥାରୁଢ କରାଯାଇଥିଲା। ଏହା ପରେ ଶ୍ରଦ୍ଧାଳୁଷ୍ମାନେ ଘଣ୍ଟ ଘଣ୍ଟା ବାଦ୍ୟ ସହ ଜୟ ଜଗନ୍ନାଥ ଧ୍ୱନୀ ମଧ୍ୟରେ ରଥ ଦଉଡି ଟାଣି ଟାଣି ରଥକୁ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ରଥା ରୁଢ଼ ତିନି ଠାକୁରଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁ ଏବଂ ଭକ୍ତ ମାନଙ୍କର ଏହି ସବୁ ସ୍ଥାନ ମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ନାମ ସଂକୀର୍ତ୍ତନ୍ୟ ସହ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

# ପାନୀୟ ଜଳ ଗୁଣବତ୍ତା ପରୀକ୍ଷଣ ତାଲିମ ଶିବିର



ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ତାଲିମ ଶିବିର ଅତିଥିମାନେ।

ନାକଟିଦେଉଳ,୫।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ପାନୀୟ ଜଳ ଗୁଣବତ୍ତା ଓ ପରିମଳ ପରୀକ୍ଷଣ ସମ୍ବନ୍ଧୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପାନୀୟ ଜଳ ଓ ପରିମଳ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ବିଦ୍ୟାଧର ରାଉତରାୟ, ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ହିମାଂଶୁ ବେହେରା, ସ୍ୱଚ୍ଛ ଭାରତ ମିଶନ ବ୍ଲକ ସଂଯୋଜକ ହିମାଂଶୁ ଶେଖର ପ୍ରଧାନ ଯୋଗଦେଇ ପାନୀୟ ଜଳର ଗୁଣବତ୍ତା ଏବଂ ପରିମଳ ଉପରେ ଆଲୋଚନା କରିଥିଲେ। ରେଢ଼ାଖୋଲ ଆରଡବ୍ଲୁଏସ୍ଏସ୍‌ର ଲାବ କେମିଷ୍ଟ ସୌମ୍ୟରଞ୍ଜନ ବରାଳ ମାଷ୍ଟର ଟ୍ରେନରଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବ୍ଲକର ମିଶନ ଶକ୍ତି ବିଭାଗର ସମସ୍ତ ସିଆରପି ଏବଂ ଏମବିକେମାନେ ତାଲିମ ଗ୍ରହଣ କରିଥିଲେ। ତାଲିମ ଗ୍ରହଣ କରିଥିବା ସମସ୍ତ ସିଆର୍‌ପି ଏବଂ ଏମ୍‌ବିକେମାନେ ବ୍ଲକର ସମସ୍ତ ୧୪ ଟି ଯାକ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇ ବିଭିନ୍ନ ଜଳ ଉତ୍ସଗୁଡ଼ିକରୁ ବାହାରୁ ଥିବା ପାନୀୟ ଜଳର ଗୁଣବତ୍ତା କିପରି ପରୀକ୍ଷା କରିବେ ଏବଂ ଜଳ ଉତ୍ସର ପରିସର ପରିମଳ କିପରି ରହିଛି ତାହା ସର୍ବେକ୍ଷଣ କରି ବିଭାଗକୁ ରିପୋର୍ଟ ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମ ଯେପରି ସଫଳ ଭାବେ ସମ୍ପନ୍ନ ହେବ ସେ ଦିଗରେ ସମସ୍ତ ସିଆରପି ଏବଂ ଏମବିକେ ମାନେ କାର୍ଯ୍ୟ କରିବା ଉପରେ ବିଡ଼ିଓ ଭୋଇ ଗୁରୁତ୍ୱାରୋପ କରିଥିଲେ ।

# ସ୍ୱମନ୍ଦିର ବାହୁଡ଼ିଲେ ସାକ୍ଷୀ ଗୋପୀନାଥ

**ଶୀତଳଷଷ୍ଠୀରେ ବାଲୁଙ୍କେଶ୍ୱର ବାବାଙ୍କ ବିବାହର ସାକ୍ଷୀ ଥିଲେ**

ସମ୍ବଲପୁର,୫।୭(ପ୍ରମୋଦ ବହିଦାର)

ବାହୁଡ଼ା ଯାତ୍ରା ଅବସରରେ ପରମ୍ପରା ଅନୁସାରେ ଶ୍ର ଶ୍ରୀ ସାକ୍ଷୀଗୋପୀନାଥ ସ୍ୱମନ୍ଦିର ବାହୁଡ଼ିଛନ୍ତି। ସମ୍ବଲପୁରର ସର୍ବ ପୁରାତନ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରାରେ ବମ ବରାଡ଼ ବାଲୁଙ୍କେଶ୍ୱର ବାବା ଓ ଜଗତଜନନୀ ମାତା ପାର୍ବତୀଙ୍କର ଲୌକିକ ବିବାହରେ ସାକ୍ଷୀ ରହିବା ପାଇଁ ଶ୍ରୀ ସାକ୍ଷୀଗୋପୀନଥ ସାକ୍ଷୀପଡ଼ାସ୍ଥିତ ନିଜ ମନ୍ଦିରରୁ ବାହାରି ଆସିଥିଲେ। ସେହିଦିନ ଠାରୁ ସେ ନନ୍ଦପଡ଼ାସ୍ଥିତ ବମବାରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିରରେ ଅବସ୍ଥାନ କରି ପୂଜା ପାଉଥିଲେ। ତେବେ ଶ୍ରୀଗୁଣ୍ଡିଚା ଯାତ୍ରାରୁ ବାହୁଡ଼ା ଯାତ୍ରା ମଧ୍ୟରେ ସାକ୍ଷୀଗୋପୀନାଥଙ୍କ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ ବିଧି ରହିଛି। ତେଣୁ ବିଧି ଅନୁସାରେ ଶ୍ରୀସତ୍ୟନାରାୟଣ ପୂଜା ସମାପନ ପରେ ଶନିବାର ଅପରାହ୍ନରେ ଶ୍ରୀ ସାକ୍ଷୀଗୋପିନାଥ ସାକ୍ଷୀପଡ଼ାସ୍ଥିତ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏକ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ଶ୍ରୀ ଗୋପୀନାଥ ଭବ୍ୟ ଶୋଭାଯାତ୍ରାରେ ମନ୍ଦିର ଶୀତଳଷଷ୍ଠୀ ଆୟୋଜନ କମିଟି ସଦସ୍ୟମାନେ ନନ୍ଦପଡ଼ାରୁ ନେଇ ତାଙ୍କ ମନ୍ଦିରରେ ଛାଡ଼ିଛନ୍ତି। ଏହି ବିଧିର ସମାପନ ପରେ ଚଳିତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ଆନୁଷ୍ଠାନିକ ରୂପେ ସମ୍ପନ୍ନ ହୋଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




ଶୀତଷଷ୍ଠୀରେ ଦେବ ବିବାହର ସାକ୍ଷୀ ସାଜି ବମବରାଡ଼ ବାଲୁଙ୍କେଶ୍ୱର ମନ୍ଦିରରେ ଅବସ୍ଥାନ କରିଥିବା ଶ୍ରୀ ଗୋପିନାଥ ଭକ୍ତଙ୍କ କାନ୍ଧରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରୁଛନ୍ତି।

# ସମ୍ବଲପୁରରେ ବାହୁଡ଼ାଯାତ୍ରା

ସମ୍ବଲପୁର,୫।୭(ଭବାନୀ ଶଙ୍କର ଭୋଇ)

ଆଷାଢ଼ ଶୁକ୍ଲପକ୍ଷ ଦଶମୀରେ ଶନିବାର ସମ୍ବଲପୁରର ସର୍ବ ପୁରାତନ ଝାଡୁଆପଡାସ୍ଥିତ ବ୍ରହ୍ମପୁରା ଠାକୁରଙ୍କ ସମେତ ସହରର ୨୫ଟି ସ୍ଥାନରେ ଶନିବାର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନବଦିନାତ୍ମକ ଯାତ୍ରା ସାରି ଶ୍ରୀଜୀଉମାନେ ମାଉସୀ ମା' ଘରୁ ଫେରିଛନ୍ତି। ଦିନସାରା ବର୍ଷା ସତ୍ତ୍ୱେ ବାହୁଡ଼ା ଯାତ୍ରା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ହୁଳହୁଳି, ଶଙ୍ଖଧ୍ୱନି, ଘଣ୍ଟନାଦ ଓ ହୁଳହୁଳି ମଧ୍ୟରେ ଧାଡି ପହଣ୍ଡିରେ ଆସି ଶ୍ରୀଜୀଉମାନେ ରଥାରୂଢ଼ ହୋଇଥିଲେ। ଝାଡୁଆପଡାସ୍ଥିତ ବ୍ରହ୍ମପୁରା ଠାକୁରଙ୍କ ବାହୁଡା ଯାତ୍ରାରେ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ସନ୍ତୋଷ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପଡାର ବରିଷ୍ଠ ନାଗରିକ ଅମରନାଥ ସୂପକାର ଛେରାପହଁରା କରିଥିଲେ।

ସେହିପରି ବିନାଖଣ୍ଡିସ୍ଥିତ ମାଉସୀ ମା'ଘରୁ ଜଗନ୍ନାଥ ମହାପ୍ରଭୁ ବଡ଼ଭାଇ ପ୍ରଭୁ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ସ୍ୱମନ୍ଦିର ଅଭିମୁଖେ ରଥରେ ବାହୁଡିଥିଲେ। ଗୋବିନ୍ଦତୋଲାସ୍ଥିତ ମାଉସୀ ମା'ମନ୍ଦିରରୁ ଶ୍ରୀ ଗୋପାଳଜୀ ମହାପ୍ରଭୁ ଭାଇ ଭଉଣୀଙ୍କ ସହ ରଥାରୁଢ ହୋଇ ଧନୁପାଲିସ୍ଥିତ ମନ୍ଦିରରେ ପହଞ୍ଚିଥିଲେ। ସେହିପରି ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ଗୋଡଭଗା କ୍ୟାମ୍ପଠାରେ ଚତୁର୍ଦ୍ଧା ମୂର୍ତ୍ତି ଘର ବାହୁଡା ପର୍ବ ଭକ୍ତିଭରା ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଆକାଶ ମେଘାଚ୍ଛନ୍ନ ରହିଥିବା ସତ୍ତ୍ୱେ ସହସ୍ରାଧିକ ଭକ୍ତ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଛୋଟ ପିଲାମାନଙ୍କୁ ରଥଛୁଆଁ କରାଯାଇଥିଲା।



ଶନିବାର ସମ୍ବଲପୁର ଝାଡୁଆପଡାସ୍ଥିତ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରୀଶ୍ରୀ ବ୍ରହ୍ମପୁରା ମହାପ୍ରଭୁଙ୍କୁ ରଥାରୁଢ କରିବାକୁ ନିଆଯାଉଛି।

## ଶିଶୁମନ୍ଦିରଠାରେ ବନ ମହୋତ୍ସବ

**ନୂଆପଡ଼ା,୫।୭ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ତରବୋଡ ସରସ୍ୱତୀ ଶିଶୁମନ୍ଦିରଠାରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ ମୁଖ୍ୟ ଅତିଥି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀ, ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି, କୋମନା ରେଞ୍ଜର ଦେବଦତ୍ତ ସୂତାର, ତରବୋଡ଼ ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସ, ମନିଜର ଆର୍ଯ୍ୟ, ପୁରନ ମଲ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ମନ୍ଦିର ଓ ଗ୍ରାମର ବିଭିନ୍ନ ଅଞ୍ଚଳରେ ଔଷଧୀୟ ଓ ଫଳ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଫରେଷ୍ଟର ଗଗନ ବିହାରୀ ହଂସ ଧନ୍ୟବାଦ ଅର୍ପଣ କରିଥିଲେ।

# କଳା, ଖେଳ ଶିକ୍ଷକ ପଢ଼ାଉଛନ୍ତି ବିଜ୍ଞାନ ପାଠ

**ଭବାନୀପାଟଣା, ୫।୭(ଉତ୍ତମ କୁମାର ଦାଶ)**




- କଳାହାଣ୍ଡିରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
- ହାଇସ୍କୁଲ ସ୍ତରରେ ଖାଲିପଡ଼ିଛି ୨୫୦ ଶିକ୍ଷକ ପଦବୀ

କଳାହାଣ୍ଡି ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଜିଲାରେ ଅନେକ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ପଦ ଖାଲି ପଡିଥିବାରୁ କଳା ଓ ଖେଳ ଶିକ୍ଷକ ବିଜ୍ଞାନ ପାଠ ପଢ଼ାଉଛନ୍ତି। ଫଳରେ ପାଠପଢ଼ାର ମାନକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଜିଲାରେ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫ଜଣ ବରିଷ୍ଠ ପ୍ରଧାନ ଶିକ୍ଷକ, ୨୬ ଉଚ୍ଚ ପ୍ରାଥମିକ ପ୍ରଧାନଶିକ୍ଷକ, ୧୯୮ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ, ୫୮୩ ବିଜ୍ଞାନ ଶିକ୍ଷକ, ୪୩୫ କଳା ଶିକ୍ଷକ, ୮୨୫ ବରିଷ୍ଠ ଶିକ୍ଷକ, ୩୪୮ କନିଷ୍ଠ ଶିକ୍ଷକ, ୧୧୦ ଜଣ ସହକାରୀ ଶିକ୍ଷକ (ଏକ୍ସ କ୍ୟାଡ଼ର) ପଦ ଖାଲିପଡ଼ିଛି। ସେହିପରି ହାଇସ୍କୁଲ ସ୍ତରରେ ୩ ଓଇଏସ୍ ପଦ, ୧୨୧ଟି ବରିଷ୍ଠ ପ୍ରଧାନଶିକ୍ଷକ ପଦ, ୧୭ ପିସିଏମ୍ ବିଜ୍ଞାନ ଶିକ୍ଷକ, ୨୮ ସିବିଜେଡ୍ ବିଜ୍ଞାନ ଶିକ୍ଷକ, ୬ କ୍ଲାସିକାଲ ଶିକ୍ଷକ, ୩୮ ହିନ୍ଦୀ ଶିକ୍ଷକ ଓ ୨୯ଟି ପିଇଟି ଶିକ୍ଷକ ପଦ ଖାଲିପଡ଼ିଛି। ଜିଲାରେ ସମୁଦାୟ ୨୫୦ ଶିକ୍ଷକ ପଦ ହାଇସ୍କୁଲ ସ୍ତରରେ ଖାଲିପଡ଼ିଛି। ଉଭୟ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ବିଜ୍ଞାନ ଶିକ୍ଷକ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦ ଖାଲି ପଡ଼ିଛି। ଏଥିଯୋଗୁ କଳା ଓ ପିଇଟି ଶିକ୍ଷକ ବିଜ୍ଞାନ ପାଠ ପଢ଼ାଇବାକୁ ବାଧ ହେଉଛନ୍ତି। ଅଭିଭାବକମାନେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ରହିଯାଉଛି। ବିଜ୍ଞାନ ଶିକ୍ଷକ ଅଭାବ ଯୋଗୁ ଉଭୟ ବିଜ୍ଞାନ, ଗଣିତ ଓ ଭାଷା ବିଷୟ ପାଇଁ ସ୍ୱଚ୍ଛଳ ବର୍ଗର ଛାତ୍ରୀଛାତ୍ର ଘରୋଇ ଟ୍ୟୁଶନ ଉପରେ ନିର୍ଭର କରୁଛନ୍ତି। ଏହାଦ୍ୱାରା ଗରିବ ମେଧାବୀ ଛାତ୍ରୀଛାତ୍ର କ୍ଷତିଗ୍ରସ୍ତ ହେଉଛନ୍ତି। ବିଶେଷ କରି ଗ୍ରାମାଞ୍ଚଳରେ ଏଭଳି ଶିକ୍ଷାର ବିକଳ ଚିତ୍ର ଯୋଗୁ ଅଭିଭାବକମାନେ ନିଜ ପୁଅଝିଅଙ୍କୁ ଘରୋଇ ସ୍କୁଲରେ ପଢ଼ାଇବା ନିମନ୍ତେ ସହରମୁହାଁ ହେଉଛନ୍ତି। ଏପରି କି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପୁଅଝିଅମାନେ ମଧ୍ୟ ଘରୋଇ ସ୍କୁଲ ଉପରେ ନିର୍ଭର କରୁଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କୁ ପଚାରିବାରୁ ଜିଲାରେ ଶିକ୍ଷକ ଅଭାବ ରହିଛି। ଏହା ସତ୍ତ୍ୱେ ଶିକ୍ଷାଦାନ ବାଧାପ୍ରାପ୍ତ ନ ହେବା ପାଇଁ ପଦକ୍ଷେପ ନେଉଛୁ। ଶିକ୍ଷକ ପଦ ପୂରଣ ହେବା ପରେ ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଥିଲେ।

## ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

**କେସିଙ୍ଗା,୫।୭(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ୧୦ଦଫା ଦାବି ନେଇ ଗତମାସ ୧୮ ତାରିଖରୁ ସଭାପତି ଉତ୍ତର କୁମାର ମହଲାଙ୍କ ନେତୃତ୍ୱରେ ଗଣଧାରଣା ଆରମ୍ଭ ହୋଇଥିଲା। ଜିଲାପାଳ ପାୱାର ସଚିନ ପ୍ରକାଶ ଘଟଣାସ୍ଥଳରେ ପହଞ୍ଚି ନାଗରିକ ମଞ୍ଚ ସଭାପତିଙ୍କ ସହ ଆଲୋଚନା ପରେ ଶନିବାରଠାରୁ ଧାରଣା ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନ ଚାଲିଥିବା ସମୟରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡା ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଏହା ବିଫଳ ହୋଇଥିଲା। ଶେଷରେ ଜିଲାପାଳ ପ୍ରକାଶ ଧାରଣାସ୍ଥଳକୁ ଯାଇ ଆଲୋଚନା କରି ଜିଲା ପ୍ରଶାସନ ତରଫରୁ ଦାବିଗୁଡ଼ିକ ନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ କରାଯାଇଛି। ଏହାସହ ଗଣଧାରଣା ପ୍ରତ୍ୟାହାର କରିବା ପାଇଁ ଜିଲାପାଳ ଅନୁରୋଧ କରିଥିଲେ। ଜିଲାପାଳଙ୍କ ଅନୁରୋଧ ରକ୍ଷା କରି ଧାରଣାରୁ ଓହରିଯିବା ପାଇଁ ସଚେତନ ନାଗରିକ ମଞ୍ଚ ସଭାପତି ମହଲା ଘୋଷଣା କରିଥିଲେ। ଏହି ଧାରଣାରେ ଏନ୍ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ସ୍ଥାନୀୟ ଆଦର୍ଶ ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ବର୍ଷେ ଜେଲଦଣ୍ଡ

**କୋକସରା,୫।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

### ଚେକ୍ ବାଉନ୍ସ ମହଙ୍ଗା ପଡ଼ିଲା

ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଶନିବାର କଳାହାଣ୍ଡି ଜିଲା ଜୟପାଟଣା ଜେଏମ୍ଏଫ୍ସି କୋର୍ଟ ଅଭିଯୁକ୍ତଙ୍କୁ ୧ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ କୋକସରା ଥାନା କେନ୍ଦୁଡ଼ଙ୍ଗରି ଗ୍ରାମର ଅନୁପ କୁମାର ଯୋଷୀ ଓ ଜୟପାଟଣା ଥାନା ଅନ୍ତର୍ଗତ ଭଇଁରିପାଲି ଗ୍ରାମର ପ୍ରସନ୍ନ ବାଗ ଦୁଇ ବନ୍ଧୁ ଥିଲେ। ତେବେ ଗତ ନଭେମ୍ବର ୨୦୨୩ରେ ପ୍ରସନ୍ନ ନିଜ ଭଉଣୀର ବାହାଘର ଅଛି କହି ଅନୁପଙ୍କଠାରୁ ଧାର ସୂତ୍ରରେ ୧ ଲକ୍ଷ ୨୫ ହଜାର ଟଙ୍କା ନେଇଥିଲେ। ପରେ ଉକ୍ତ ଟଙ୍କା ଫେରସ୍ତ ପାଇଁ ପ୍ରସନ୍ନ ଅନୁପଙ୍କୁ ଜୟପାଟଣା ବିସିସି ବ୍ୟାଙ୍କ ଶାଖାର ଏକ ଚେକ୍ ଦେଇଥିଲେ। ତେବେ ଅନୁପ ଚେକ୍‌କୁ ବ୍ୟାଙ୍କରେ ଜମା କରିବା ପରେ ଉକ୍ତ ଜମାଖାତାରେ ପର୍ଯ୍ୟାପ୍ତ ଟଙ୍କା ନ ଥିବା ଦର୍ଶାଇ ବ୍ୟାଙ୍କ ଫେରସ୍ତ କରି ଦେଇଥିଲେ। ପରେ ଅନୁପ ଧାର ଟଙ୍କା ପାଇଁ ପ୍ରସନ୍ନଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ସୁଫଳ ପାଇ ନ ଥିଲେ। ପରେ ଅନୁପ କୋର୍ଟର ଆଶ୍ରୟ ନେଇ ପ୍ରସନ୍ନଙ୍କ ନାମରେ ମାମଲା ରୁଜୁ କରିଥିଲେ। ଏହି ଆବେଦନର ଶୁଣାଣି କରି ଜୟପାଟଣା ଜେଏମ୍ଏଫ୍ସି କୋର୍ଟ ଅଭିଯୁକ୍ତଙ୍କୁ ୧ ବର୍ଷ କାରାଦଣ୍ଡ ସହ ଦେଢ଼ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଟଙ୍କା ଫେରସ୍ତ ନ କଲେ ପୁଣି ୩ ମାସର କାରାଦଣ୍ଡ ଅବଧି ବୃଦ୍ଧି କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଘଟଣା ରୋକିବା ପାଇଁ କଡ଼ାକଡ଼ି ଯାଞ୍ଚ ହେବ

**ନୂଆପଡ଼ା,୫।୭ (ମକାରୁ ବେମାଲ)**



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

### ରାଜସ୍ୱ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଜିଲା ରାଜସ୍ୱ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲାପାଳ ସର୍ମି ସୋରେନ, ଡେପୁଟି କଲେକ୍ଟର ଶେଖ ନସିମ, ହେମନ୍ତ ପୁଟା, ପ୍ରବୀର କୁମାର ଦଣ୍ଡସେନା, ସମସ୍ତ ତହସିଲଦାର, ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣି ଅଧିକାରୀ, ଅବକାରୀ ଅଧୀକ୍ଷକ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଘଟଣା ରୋକିବା ପାଇଁ କଡ଼ାକଡ଼ି ଯାଞ୍ଚ ହେବ ବୋଲି ଜିଲାପାଳ କହିଥିଲେ। ସମୀକ୍ଷାରୁ ଜଣାପଡିଲା ଯେ, ଚଳିତ ଆର୍ଥିକବର୍ଷ ୨୦୨୫ ଜୁନ୍ ପର୍ଯ୍ୟନ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ୩,୫୪,୧୦,୦୦୦ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି। ରାସ୍ତା ଦୁର୍ଘଟଣାରେ ବିଶେଷକରି ବାଇକ୍ ଚାଳକ ଯୁବବର୍ଗଙ୍କ ଜୀବନ ହାନି ଘଟୁଛି। ମଦ୍ୟପାନ ଓ ବିନା ହେଲ୍‌ମେଟ୍‌ରେ ବାଇକ୍ ଚାଳନା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଅବକାରୀ ବିଭାଗ ଦ୍ୱାରା ଜୁନ ସୁଦ୍ଧା ୪ କୋଟି ୭୭ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବା ଜଣାପଡିଥିଲା। ବେଆଇନ ମଦ କୋଠି, କଫ ସିରପ, ଗଞ୍ଜେଇ କାରବାରକୁ ଦୃଢ଼ହସ୍ତରେ ଦମନକରି କେସ୍ ସଂଖ୍ୟା ବଢାଇବା ପାଇଁ ଜିଲାପାଳ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବାଲି, ମୋରମ, ପଥର ଖାଦାନରୁ ନିୟମିତ ରାଜସ୍ୱ ସଂଗ୍ରହ ହେବ। ମାଇନିଂ, ପୋଲିସ ଓ ତହସିଲ ବିଭାଗ ମିଳିତ ଭାବରେ ରେଡ୍ କରିବେ। ଖଣି ବିଭାଗ ଜୁନ୍ ସୁଦ୍ଧା ୧ କୋଟି ୫୦ ଲକ୍ଷ ଟଙ୍କା ରାଜସ୍ୱ ଦେଇଛନ୍ତି। ସେହିପରି ଜିଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତମାସ ଶେଷ ସୁଦ୍ଧା ୧,୭୨,୪୧,୦୦୦ ଟଙ୍କା ଆଦାୟ ହୋଇଥିବା ସୂଚନା ଦିଆଯାଇଥିଲା। ଏନ୍ଏସି ନିର୍ବାହୀ ଅଧିକାରୀମାନେ ତହସିଲଦାରଙ୍କ ସହଯୋଗରେ ସହରାଞ୍ଚଳ ରାସ୍ତାଘାଟରୁ ଜବରଦଖଲ ଉଚ୍ଛେଦ କରିବେ ବୋଲି ନିଷ୍ପତ୍ତି ହୋଇଥିଲା।



ଦେବଦେବୀଙ୍କ ସହ ରଥରେ ତିନି ଠାକୁର ବାହୁଡୁଛନ୍ତି।

## ଦେବଦେବୀଙ୍କ ଲାଠିଯାତ୍ରା ସହ ବାହୁଡ଼ିଲେ ୩ ଠାକୁର

**କୋକସରା,୫।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ଗୋଡୋମୁଣ୍ଡା ଗ୍ରାମରେ ଏକ ନିଆରା ଢଙ୍ଗରେ ବାହୁଡା ଯାତ୍ରା ଶନିବାର ସମାପନ ହୋଇଛି। ପୂର୍ବରୁ ବାହୁଡା ଯାତ୍ରା ଦିନ ଗ୍ରାମରେ ଦେବାଦେବୀଙ୍କ ମଣ୍ଡେଇ ଯାତ୍ରା ପାଳନ ହେଉଥିବା ବେଳେ ସେହି ପରମ୍ପରା ଅନୁଯାୟୀ ବାହୁଡା ଯାତ୍ରା ପାଳନ ହୋଇଥିଲା। ଆଖପାଖ ଗ୍ରାମର ଦେବଦେବୀଙ୍କ ଲାଠି, କୁର୍ଶି ଓ କାଳିଶି ଏକତ୍ରିତ ହେବା ପରେ ବାହୁଡା ଯାତ୍ରା ପାଇଁ ଦେବଦେବୀ ବାଜା ବଜାଇ ମାଉସୀ ମା’ ମନ୍ଦିରରେ ପହଞ୍ଚିଥିଲେ। ପରେ ଦେବଦେବୀମାନେ ତିନିଠାକୁରଙ୍କୁ ପାଛୋଟି ନେବା ପାଇଁ ଅନୁରୋଧ କରିଥିଲେ। ଅନୁରୋଧ ପରେ ତିନି ଠାକୁର ରଥ ଚାରିପଟେ ପରିକ୍ରମା କରି ରଥରେ ବିଜେ କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ମାଉସୀ ମା’ ମନ୍ଦିରରୁ ମୁଖ୍ୟ ମନ୍ଦିର ପର୍ଯ୍ୟନ୍ତ ଲାଠିକୁର୍ସି କାଲିସିଙ୍କ ଗହଣରେ ଶ୍ରଦ୍ଧାଳୁମାନେ ରଥ ଟାଣି ନେଇଥିଲେ। ପଡୋଶୀ ଛତିଶଗଡ଼ ରାଜ୍ୟ ସମେତ ନବରଙ୍ଗପୁର ଓ ଦଣ୍ଡପାଟ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବାହୁଡା ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଜଗନ୍ନାଥ କମିଟି ସଭାପତି ହେମନ୍ତ ମାଝୀ, ଉପସଭାପତି ପାର୍ଥିବ ମାଝୀ, ପୂଜକ ମନୋହର ପୂଜାରୀ, ଜଗନ୍ନାଥ ପୂଜକ ସୁବାସ ଚନ୍ଦ୍ର ଦାସ, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ନାଏକ, ନିରଞ୍ଜନ ବାଗ, ହିମାଞ୍ଚଳ ପୂଜାରୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ବିକାଶ ଉଇସ୍‌ଡମ୍ ପାର୍କରେ ବନ ମହୋତ୍ସବ




ଚାରାରୋପଣ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

**ଭବାନୀପାଟଣା,୫।୭(ଉତ୍ତମ କୁମାର ଦାଶ)**

‘ବୃକ୍ଷ ହିଁ ଜୀବନ, ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା’ ବାର୍ତ୍ତା ନେଇ ଶନିବାର ଭବାନୀପାଟଣା ବିକାଶ ଉଇସ୍‌ଡମ ପାର୍କ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଶିକ୍ଷା ପ୍ରଭାରୀ ଡି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଉଭୟ ସିବିଏସ୍‌ଇ ଓ ସିଏଚ୍‌ଏସ୍‌ଇ ଛାତ୍ରୀ ଅଂଶ ଗ୍ରହଣକରି ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିକାଶ ଆବାସିକ ବିଦ୍ୟାଳୟର ଉଦ୍ୟାନ ବିଭାଗ କ୍ଲବ ସଦସ୍ୟ ପରିଚାଳନା କରିଥିଲେ। ଅପରାହ୍ନରେ ପ୍ରତିବର୍ଷ ଭଳି ବିଦ୍ୟାଳୟ ପରିସରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ବାହୁଡ଼ାଯାତ୍ରା ପାଳନ ହୋଇଥିଲା। ଏକ ଭକ୍ତିମୟ ପରିବେଶ ଓ ଜୟ ଜଗନ୍ନାଥ ଧ୍ୱନିରେ ପାର୍କ ଉଚ୍ଛୁଳି ଉଠିଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

## ସ୍କୁଲ ପରିଦର୍ଶନକଲେ ଅଧିକାରୀ

### ପାଣି ଗଳୁଥିବାରୁ ବାରଣ୍ଡାରେ ପିଲା ପାଠ ପଢ଼ିବା ଘଟଣା

**କେସିଙ୍ଗା,୫।୭(ଡୁମେଶ୍ୱର ସାହୁ)**



ସ୍କୁଲ ପରିଦର୍ଶନ କରୁଛନ୍ତି ବିଇଓ ଓ ଅନ୍ୟମାନେ।

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ବାଲ୍‌ସି ଗ୍ରାମପଞ୍ଚାୟତର କୋକୋଡ଼ମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତରୁ ବର୍ଷାପାଣି ଗଳୁଥିବାରୁ ଛାତ୍ରୀଛାତ୍ର ସ୍କୁଲ ବାରଣ୍ଡାରେ ବସି ଅଧ୍ୟୟନ କରୁଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଶୁକ୍ରବାର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆର୍‌ସିସିଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ। ଶ୍ରେଣୀଗୃହରେ ପାଣି ଗଳୁଥିବାରୁ ବାରଣ୍ଡାରେ ପିଲାମାନେ ପାଠ ପଢୁଥିବା ଦେଖି ବିଇଓ ଆନନ୍ଦ କୁମାର ବେହେରା ବିଡିଓଙ୍କ ସହ କଥା ହୋଇ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ବର୍ଷା ଯୋଗୁ ଏହି ବିଦ୍ୟାଳୟର ଶ୍ରେଣୀଗୃହ, ରୋଷେଇଘର, କାର୍ଯ୍ୟାଳୟ ଓ ଗୋଦାମ ଛାତରୁ ପାଣି ଗଳୁଛି। ଏପରି କି ସ୍କୁଲ ଛାତରୁ ସିମେଣ୍ଟ ଖଣ୍ଡ ମଧ୍ୟ ଖସୁଛି। ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ପିଲାଙ୍କୁ ସ୍କୁଲ ବାରଣ୍ଡାରେ ବସାଇ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏ ନେଇ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ବିଇଓଙ୍କ ସହ ବ୍ଲକ୍‌ର ଜେଇ ସ୍କୁଲ ପରିଦର୍ଶନ କରିଥିଲେ। ନୂଆ କୋଠା ନିର୍ମାଣ ହେବା ଆବଶ୍ୟକ ଥିବାରୁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

# ଶାନ୍ତିଶୃଙ୍ଖଳାରେ ବାହୁଡ଼ାଯାତ୍ରା ସମ୍ପନ୍ନ

**ଭବାନୀପାଟଣା,୫।୭:(ଉତ୍ତମ କୁମାର ଦାଶ)**

### ସନ୍ଧ୍ୟା ୬ଟା ୪୦ରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଲା ରଥ

ଭବାନୀପାଟଣା ସହରର ମୁଖ୍ୟ ଜଗନ୍ନାଥ ମନ୍ଦିରରେ ଶନିବାର ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଶ୍ରୀ ଜୀଉମାନଙ୍କ ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ସାଢ଼େ ଚାରିଟାରେ ପହଣ୍ଡି ଆରମ୍ଭ ହୋଇଥିଲା। କଳାହାଣ୍ଡି ଯୁବରାଜ ଅଦ୍ୱୈତ ପ୍ରତାପ ଦେଓ ବଳଭଦ୍ର ମହାପ୍ରଭୁଙ୍କ ପାଟ ଦଉଡ଼ି ଧରି ପହଣ୍ଡି ବିଜେ ସେବା ସମ୍ପାଦନ କରିଥିବା ବେଳେ ପୂର୍ବତନ ସାଂସଦ ତଥା ରାଜ ପରିବାର ସଦସ୍ୟ କୁମାର ଅର୍କ କେଶରୀ ଦେଓ ଓ ତାଙ୍କ ପୁତ୍ର ରାଜକୁମାର ଫତେ କେଶରୀ ଦେଓ ଜଗନ୍ନାଥ ମହାପ୍ରଭୁଙ୍କ ପାଟ ଦଉଡ଼ି ଧରି ପହଣ୍ଡି ବିଜେ ସେବା ସମ୍ପାଦନ କରିଥିଲେ। ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ତିନିଥର ପରିକ୍ରମା କରିବା ପରେ ରଥାରୁଢ଼ କରାଯାଇଥିଲା। ରଥ ଉପରେ ଯୁବରାଜ ନିଉଛାଳି ଓ ବନ୍ଦାପନା ଦର୍ଶନ କରିଥିଲେ। ପରେ ଚାରମାଳ ଫିଟାଯାଇ ରଥରେ ଦଉଡ଼ି ବନ୍ଧା ଯାଇଥିଲା। ଅପରାହ୍ନ ସାଢ଼େ ପାଞ୍ଚଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ୪୦ ମିନିଟରେ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ରଥ ଉପରୁ ପହଣ୍ଡି କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିର ଭିତରକୁ ନିଆଯାଇଥିଲା। ପରେ ମନ୍ଦିରରେ ଲକ୍ଷ୍ମୀ ନାରାୟଣ ବଚନିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ବୈତାରୁ ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡ଼ା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ରହି ବାହୁଡା ଯାତ୍ରାର ପରିଚାଳନା ତଦାରଖ କରିଥିଲେ।

**ସିନାପାଲି (ମନଫୁଲ ମେହେର):** ଶ୍ରଦ୍ଧାଳୁଙ୍କ ଭଡ଼ି ଭିତରେ ଶନିବାର ସିନାପାଲିରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ନେହେରୁ ମଣ୍ଡପସ୍ଥିତ ମାଉସୀ ମା’ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ ପରେ ଅପରାହ୍ନରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇଥିଲା। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ଯୋଗଦାନ କରି ରଥାରୁଢ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା ସହ ରଥ ଟାଣି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ରଥଯାତ୍ରା ପରି ବାହୁଡାରେ ମଧ୍ୟ ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣିଥିଲେ। ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତିକୁ ମାଉସୀ ମା’ ମନ୍ଦିର କମିଟି ତରଫରୁ ସଭାପତି ଶଶିଭୂଷଣ ମାଝୀ, ଉପସଭାପତି ରଜନୀ ମାଝୀ, ସମ୍ପାଦକ ମନୋଜ ଜୈନ, ସହ ସମ୍ପାଦକ ରବିନ୍ଦ୍ର ସା, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ମେହେର ପ୍ରମୁଖ ସମ୍ପାଦନା କରିଥିଲେ। ରବିବାର ରଥାରୁଢ ଶ୍ରୀଜୀଉଙ୍କ ଅଧରପଣା ନୀତି, ସୁନାବେଶ ଓ ପରେ ନିଳାଦ୍ରୀ ବିଜେ କରାଯିବ ବୋଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ତୁଳସୀରାମ ମେହେର ସୂଚନା ଦେଇଛନ୍ତି।

**ଲାଞ୍ଜିଗଡ଼(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ମାଉସୀମା’ ମନ୍ଦିରରେ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ସାଢେ ୫ଟାରେ ଶ୍ରୀଜୀଉଙ୍କ ରଥଟଣା ଅନୁଷ୍ଠିତ ହୋଇଥିଲା। ବାହୁଡା ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳ ସହ ନିୟମଗିରି ଅଞ୍ଚଳରେ ରହୁଥିବା ଝରଣିଆ, ଡଙ୍ଗରିଆ କନ୍ଧ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶଭୂଷାରେ ସଜ୍ଜିତ ହୋଇ ଯାତ୍ରାସ୍ଥଳୀକୁ ଆସିଥିଲେ। ଏହି ଯାତ୍ରାକୁ ଶ୍ରୀ ହରିହର ସାଂସ୍କୃତିକ ଅନୁଷ୍ଠାନ ଓ ଜଗନ୍ନାଥ ମନ୍ଦିର କମିଟି ତରଫରୁ ସୁଚାରୁରୂପେ ପରିଚାଳନା କରାଯାଇଥିଲା। ସେହିପରି ଲାଞ୍ଜିଗଡ ରୋଡ, ରାମଚନ୍ଦ୍ରପୁର, ଗନ୍ଧରବାରୁ ଓ ମୁଷାନାଳଠାରେ ବାହୁଡା ରଥଯାତ୍ରା ସୁରୁଖୁରୁରେ ପାଳିତ ହୋଇଯାଇଛି।



ଭବାନୀପାଟଣାଠାରେ ରଥ ଟାଣିନେଉଛନ୍ତି ଶ୍ରଦ୍ଧାଳୁ।



ଭଟଲିରେ ରଥଛୁଆଁ ।



ଭଟଲି ବାହୁଡ଼ା ଯାତ୍ରାରେ ଭକ୍ତଙ୍କ ସମାଗମ ।

# ଭକ୍ତଙ୍କ ସମାଗମରେ ମନ୍ଦିର ବାହୁଡ଼ିଲେ ମହାବାହୁ

**ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହୋଇଛି। ରଥାରଢ ହୋଇ ପ୍ରବଳ ଭକ୍ତଙ୍କ ସମାଗମରେ ମହାବାହୁ ରଥରେ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି। ଭଟଲିରେ ରମହାପ୍ରଭୁ ଦଧିବାମନ ମାଉସୀ ମନ୍ଦିରସ୍ଥ ଆଡ଼ପମଣ୍ଡପ ଛାଡ଼ି ରଥାରଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଏହି ଯାତ୍ରା ପାଇଁ ଶୁକ୍ରବାର ମଧ୍ୟରାତ୍ରିରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କୁ ତାଙ୍କର ଅତି ପ୍ରିୟ ପୁଡ଼ପୀଠା ଭୋଗ ଲାଗି କରାଯାଇଥିଲା । ଶନିବାର ପ୍ରତ୍ୟୁଷରୁ ପ୍ରଭୁଙ୍କ ଦୈନିକ ପୂଜାନୀତି ତଥା ପହ ଦ୍ୱାରଫିଟା ନୀତି, ମଙ୍ଗଳପ୍ରଦୀପ, ସୂର୍ଯ୍ୟପୂଜା, ଅବକାଶ ନୀତି, ମଇଲମ ଓ ବେଶ ପରିବର୍ତ୍ତନ, ଗୋପାଲବଲ୍ଲଭ ଭୋଗ ଲାଗି, ଦ୍ୱାରପାଳ ପୂଜା, ରୋଷ ପୂଜା, ସକାଳଧୂପ ଅନୁଷ୍ଠିତ ହେବାପରେ ପ୍ରଭୁଙ୍କ ସାହାଣମେଳା ହୋଇଥିଲା। ଏହାପରେ ଦଧିବାମନଙ୍କ ବାହୁ ପାଇଁ ପହଣ୍ଡିପୂଜା ହୋଇଥିଲା। ପହଣ୍ଡିପୂଜା ଓ ମଙ୍ଗଳାର୍ପଣ ଶେଷ ହେବାପରେ ଭଟଲି ଗୌନ୍ତିଆ ପରମାନନ୍ଦ ସାହୁଙ୍କ ଦ୍ୱାରା ଛେରାପହରା ଆରମ୍ଭ ହେବା ସହ ରଥ ପଡ଼ିଆରେ ବିଜେ କରିଥିଲେ। ଏହାପରେ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ପୁରୋହିତଙ୍କ କର ଦୋଳିରେ ହଳି ହଳି ଝୁଲି ଝୁଲି ମାଉସି ମା ମନ୍ଦିରରୁ ରଥ ନିକଟକୁ ପହଣ୍ଡ ପହଣ୍ଡ ହୋଇ ଆସିଥିଲେ। ଶ୍ରଦ୍ଧାଳୁ ଭକ୍ତଙ୍କ ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା। ପ୍ରଭୁଙ୍କ ସମ୍ମୁଖରେ ଅନେକ ସଂକୀର୍ତ୍ତନ୍ୟ ଦଳ, ସମ୍ପ୍ରଦା ଦଳ, ବ୍ୟାଣ୍ଡବାଜା ପାର୍ଟି ପ୍ରମୁଖ ନିଜନିଜର କଳା ପ୍ରଦର୍ଶନ ପୂର୍ବକ ପ୍ରଭୁଙ୍କୁ ଆଗେଇ ନେଇଥିଲେ। ଏହି ପହଣ୍ଡି ବିଜୟ ସମୟରେ ଭକ୍ତଙ୍କ ସୁଅ ଛୁଟିଥିଲା । ରଥାରୂଢ଼ ହେବାପରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କୁ ରଥ ଉପରେ ବେଶ କରାଯାଇ ପୂଜାପାଠ ସହ ମଙ୍ଗଳ ଆଳତୀ କରାଯାଇଥିଲା । ଆଳତୀ ପରେ ନବଜନ୍ମିତ ଶିଶୁ ମାନଙ୍କୁ ପରମ୍ପରା ଅନୁଯାୟୀ ରଥଛୁଆଁ ଯାଇଥିଲା। ଏହାସହ ରଥରେ ଘୋଡ଼ାଯଚାହୋଇ ଡାହୁକ(ସାରଥୀ) ତାଙ୍କର ଗୀତ ବୋଲିବା ପରେ ରଥ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲା। ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପରିମାଣରେ ପୋଲିସ ସୁରକ୍ଷାବଳୟ ମଧ୍ୟରେ ରଥଟଣା ହୋଇଥିଲା । ସନ୍ଧ୍ୟା ସାଢ଼େ ଛଅ ଟାରେ ରଥଟଣା ଆରମ୍ଭ ହୋଇଥିଲା। ପଡ଼ିଆରେ ରଥ ପହଞ୍ଚିବା ପରେ ରଥ ଉପରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କୁ ମଙ୍ଗଳ ଆଳତୀ କରାଯାଇଥିଲା। ଏହି ପ୍ରସିଦ୍ଧ ରଥଯାତ୍ରା ଦେଖିବା ତଥା ରଥାରଢ଼ ଦଧିବାମନଙ୍କୁ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ଥିବାରୁ ଏହି ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ପଶ୍ଚିମ ଓ ବରଗଡ଼ ସମ୍ବଲପୁର, ଝାରସୁଗୁଡ଼ା ସୁନ୍ଦରଗଡ଼ ରାଉରକେଲା, ବଲାଙ୍ଗିର, ସୁବର୍ଣ୍ଣପୁର, ସମେତ ପଡ଼ୋଶୀ ଛତିଶଗଡ ରାଜ୍ୟର ରାୟଗଡ଼ ରାୟପୁର, ବିଲାସପୁର, ବସନା, ଭିଲାଇ ଓ ମଧ୍ୟପ୍ରଦେଶ ଆଦି ସ୍ଥାନରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ରଥ ରାତିରେ ରଥଖଳାରେ ପହଞ୍ଚିଥିଲା ଓ ତାପରେ ରଥ ଉପରେ ପ୍ରଭୁଙ୍କ ଶେଷ ପୂଜା ନୀତି ସମାପନ କରାଯାଇଥିଲା । ଏହି ଅବସରରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଏବଂ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ରଥାରଢ଼ ଦଧିବାମନ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଜିଲା ପୋଲିସର ବିଭିନ୍ନ ପଦାଧିକାରୀ ଏବଂ ଭଟଲି ଥାନା ଅଧିକାରୀ ବିଭୂତି ଭୂଷଣ ଦଳେଇଙ୍କ ସମେତ ବିଭିନ୍ନ ଥାନାର ଥାନାଧିକାରୀ ଓ ପୋଲିସ ଉପସ୍ଥିତ ରହି ଆଇନଶୃଙ୍ଖଳା ରକ୍ଷା କରିଥିଲେ । ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ଏବଂ ତହସିଲଦାର ରାମକୃଷ୍ଣ ମିଶ୍ରଙ୍କ ସମେତ ଜିଲାର ବିଭିନ୍ନ ତହସିଲର ତହସିଲଦାର ପ୍ରମୁଖ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ରବିବାର ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ପ୍ରଥମ ଥର ପାଇଁ ରଥ ଉପରେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମଥର ଏହି କାର୍ଯ୍ୟକ୍ରମ ଶ୍ରୀମନ୍ଦିର ରତ୍ନ ସିଂହାସନରେ ନ ହୋଇ ରଥ ଉପରେ ହେଉଥିବାରୁ ପ୍ରବଳ ଭକ୍ତଙ୍କ ସମାଗମ ହେବ ବୋଲି ଅନୁମାନ କରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରଯାଇଛି। ଶ୍ରୀ ଶ୍ରୀ ଦଧିବାମନ ରବିବାର ଅପରାହ୍ନରୁ ସୋମବାର ପର୍ଯ୍ୟନ୍ତ ଏହି ବେଶରେ ଦର୍ଶନ ଦେବାପରେ ସନ୍ଧ୍ୟାରେ ଅଧରପାଣା ନୀତି ସମ୍ପନ୍ନ ହେବାପରେ ରାତିରେ ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିବେ ବୋଲି ସୂଚନା ମିଳିଛି।

## ବାହୁଡ଼ାରେ ଚଣା ବିକିଲେ ପଦ୍ମଶ୍ରୀ ହଳଧର ନାଗ

**ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)**

ଶନିବାର ଥିଲା ବାହୁଡ଼ା ଯାତ୍ରା। ତେବେ ନିଜ ଗ୍ରାମ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍‌ରେ ଏହି ଯାତ୍ରା ଚାଲିଥିବା ବେଳେ ପଦ୍ମଶ୍ରୀ ହଳଧର ନାଗ ଅନ୍ୟବର୍ଷ ଭଳି ଏଥର ମଧ୍ୟ ଚଣା ବିକିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରୁ ହଳଧରଙ୍କ ଜୀବନ, ଜୀବିକା କେତେ ଯେ ସରଳ ଓ ନିରାଡ଼ମ୍ବର, ତାହା ସହଜରେ ଅନୁମେୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ହଳଧର ଅନ୍ୟଥର ଭଳି ଏଥର ମଧ୍ୟ ନିଜେ ଚଣା ପ୍ରସ୍ତୁତ କରିଥିଲେ। ତାକୁ ଧରି ସେ ସ୍ଥାନୀୟ ହରିଜନପଡ଼ା ଗୋଷ୍ଠୀକେନ୍ଦ୍ର ସମ୍ମୁଖ ରାସ୍ତାପାର୍ଶ୍ୱକୁ ବିକ୍ରି ପାଇଁ ଆଣିଥିଲେ। ହଳଧର ସେଠାରେ ଚଣା ବିକ୍ରି କରିବା ଆରମ୍ଭ କରିବା ଜାଣିବା କ୍ଷଣି ପିଲାଙ୍କଠାରୁ ଆରମ୍ଭ କରି ଅନେକ ଲୋକ ସେଠାକୁ ଧାଇଁଥିଲେ। ଚଣା ପ୍ଲେଟ୍ ପ୍ରତି ୧୦ଟଙ୍କାରେ ସେମାନେ ତାହା ଖାଇଥିଲେ। ହଳଧରଙ୍କ ପ୍ରସ୍ତୁତ ଚଣା ସେ ପିଲାବେଳୁ ଖାଇ ଆସୁଛନ୍ତି ଏବଂ ବହୁତ ଭଲ ଲାଗିଲା ବୋଲି ବିର୍ଜାମ ଗ୍ରାମର ରିତୁ ସାହୁ କହିଛନ୍ତି। ସେହିପରି ଉକ୍ତ ଗ୍ରାମର ବିଶ୍ୱ କୁମାର ସାହୁ କହିଛନ୍ତି, ବାହୁଡ଼ା ଯାତ୍ରା ଦେଖିବାକୁ ଆସିଲେ ହଳଧରଙ୍କ ଚଣା ମନେପଡ଼େ। ହଳଧର ଯେଉଁଠି ଚଣା ବିକୁଥାନ୍ତି, ସେଠାରେ ଲୋକଙ୍କ ବହୁତ ଗହଳି ହୋଇଥାଏ ଏବଂ ହଳଧର ଆଣିଥିବା ଚଣା ବିକ୍ରି ସରିବାକୁ ବେଶି ସମୟ ଲାଗି ନ ଥାଏ। ତାଙ୍କ ପ୍ରସ୍ତୁତ ଚଣା ଖାଇବାକୁ ଅନେକ ଲୋକ ପସନ୍ଦ କରିଥାନ୍ତି ଏବଂ ସେ ମଧ୍ୟ ବାହୁଡ଼ା ଯାତ୍ରାରେ ହଳଧରଙ୍କ ପ୍ରସ୍ତୁତ ଚଣା ଅନେକଥର ଖାଇଛନ୍ତି ବୋଲି ବିଶ୍ୱ କହିଛନ୍ତି। ଅନ୍ୟପଟେ ହଳଧର କହିଛନ୍ତି, ପ୍ରତିଦିନ ଚଣା ବିକିବା ତାଙ୍କର ଏକ ଜୀବିକା ଥିଲା। ମାତ୍ର ସେ ଲେଖାଲେଖି କରିବା ଆରମ୍ଭ କରିବାରୁ କାଳକ୍ରମେ ତାହା ବନ୍ଦ କରି ଦେଇ କେବଳ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ଚଣା ବିକ୍ରି କରିଥିଲେ। ଏହି କ୍ରମରେ ସେ ଶନିବାର ବାହୁଡ଼ା ଯାତ୍ରାରେ ଚଣା ବିକ୍ରି କରିଥିଲେ। ଏଥର ୧୭ କି.ଗ୍ରା.ର ଚଣାରେ ତରକାରି(ରାଗଚଣା) ପ୍ରସ୍ତୁତ କରି ବିକ୍ରି କରିଥିଲେ ବୋଲି ସେ କହିଛନ୍ତି। ତେବେ ଆଗରୁ ସେ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଚଣା ବିକ୍ରି କରି ଆସୁଥିଲେ। କିନ୍ତୁ ଏବେ ସେଥିପାଇଁ ନୁହେଁ, ସେ ସୋହେଲା ବ୍ଲକ ଅନ୍ତର୍ଗତ ଲୁହୁରାଚଟି ନିକଟ କୁଦୋପାଲିରେ ଖୋଲିଥିବା ହଳଧର ବନ ବିଦ୍ୟାଳୟର ଅନ୍ତେବାସୀଙ୍କୁ ରୋଜଗାର ଟଙ୍କା ଦେଇ ଆସୁଛନ୍ତି। ଏହା ସହିତ ତାଙ୍କୁ ସରକାରଙ୍କ ପକ୍ଷରୁ ମାସିକ ମିଳୁଥିବା ୩୦ହଜାର ଟଙ୍କା, ଚାଉଳ ମଧ୍ୟ ଏହି ବନ ବିଦ୍ୟାଳୟର ଅନ୍ତେବାସୀଙ୍କ ପାଇଁ ଦାନକରି ଆତ୍ମତୃପ୍ତି ଲାଭ କରୁଥିବା ହଳଧର କହିଛନ୍ତି।



ବରଗଡ଼ ଜିଲା ଘେଁସ୍ ବାହୁଡ଼ାଯାତ୍ରାରେ ପଦ୍ମଶ୍ରୀ ହଳଧର ନାଗ ଚଣା ତରକାରି ବିକୁଛନ୍ତି।

## କଫସିରପ୍ ଜବତ, ଅଭିଯୁକ୍ତ ଫେରାର

ବୌଦ୍ଧ,୫।୭ (ଅଜିତ କୁମାର ବାରିକ): ଜିଲାରେ ଗଞ୍ଜେଇ କାରବାର ଥମିବାର ନା ନେଉନଥିବା ବେଳେ କଫସିରପ୍, ବ୍ରାଉନସୁଗର କାରବାର ଚାଲିଛି। ଶୁକ୍ରବାର ବୌଦ୍ଧ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କରୁଣାପାଲି -ଖଣ୍ଡବର ରାସ୍ତା ଦେଇ ଯାଉଥିବା ଏକ କାର (ଓଡି ୦୬ଏନ ୯୪୩୫)କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୫ ପେଟିରେ ଥିବା ୧୯୮ ବୋତଲ କଫ୍‌ସିରପ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ କାର ଛାଡି ଫେରାର ହୋଇଛନ୍ତି। ବୌଦ୍ଧ ପୋଲିସ କାର ସହ କଫସିରପ୍‌କୁ ଜବତ କରିଛି। ଏ ନେଇ ବୌଦ୍ଧ ଥାନାରେ ନଂ.୨୯୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।



ଜବତ କାର ଓ କଫସିରପ୍।

## ସଂସ୍କାର ସ୍କୁଲରେ ସ୍ୱାଗତ ସମାରୋହ



ସ୍ୱାଗତ ସମାରୋହରେ ସଂସ୍କାର ସ୍କୁଲ ଛାତ୍ରୀଛାତ୍ରଙ୍କ ନୃତ୍ୟ ।

**ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶନିବାର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ, କୋଅର୍ଡ଼ିନେଟର ମମତା ସିହ୍ନା, ମଧୁମିତା ସରାଫଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ। ଚେୟାରମ୍ୟାନ ସାୱାଡ଼ିଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ର ପ୍ରିନ୍ସ ସାହୁ ସମ୍ବଲପୁରୀ ନୃତ୍ୟ, ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ଦାଶ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ଗୋଷ୍ଠିଗତ ନୃତ୍ୟ ଆକର୍ଷଣୀୟ ଥିଲା। ଶିକ୍ଷୟିତ୍ରୀ ଦିପ୍ତୀମୟୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦିବ୍ୟା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଦୁର୍ଗାପୂଜା ପରିଚାଳନା କମିଟି ଗଠିତ

**ପଦ୍ମପୁର, ୫।୭ (ପ୍ରଦୀପ୍ତ ଦାଶ):** ପଦ୍ମପୁର ରଜାପଡାସ୍ଥିତ ଦୁର୍ଗାପୂଜା କାର୍ଯ୍ୟାଳୟଠାରେ ଦୁର୍ଗାପୂଜା ପ୍ରସ୍ତୁତି ନେଇ ପ୍ରତାପ ମିଶ୍ରଙ୍କ ଅଧ୍ୟକ୍ଷତା ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୦୨୫ ପାଇଁ ସାର୍ବଜନୀନ ନୂତନ ଦୁର୍ଗାପୂଜା ପରିଚାଳନା କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୂତନ ପରିଚାଳନା କମିଟିରେ ସଭାପତି ପ୍ରତାପ କିଶୋର ମିଶ୍ର, ଉପସଭାପତି ଅଜିତ କୁମାର ଶତପଥୀ, ସମ୍ପାଦକ ଯୁଗଳ କିଶୋର ସାହୁ(ବୁଲୁ), ସହ ସମ୍ପାଦକ ଭରତ ପଣ୍ଡା, କୋଷାଧ୍ୟକ୍ଷ ଯୋଗେଶ କୁମାର ସାହୁ ପ୍ରମୁଖ ରହିଥିବା ବେଳେ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମହିପାଳ ସାହୁ, ନନ୍ଦ କିଶୋର ଅଗ୍ରୱାଲ, ନବ ବରିହା, ଲବଣୀଧର ସାହୁ, ହେମନ୍ତ ପଟ୍ଟନାୟକ, ଅଚ୍ୟୁତାନନ୍ଦ ସେଠ, ସୁନୀଲ କୁମାର ଅଗ୍ରୱାଲ, ସରଜୁ ପଟ୍ଟନାୟକ, ମହେଶ କୁମାର ବେହେରା, ନୃସିଂହ ଚରଣ ପଟ୍ଟନାୟକ, ବିଜୟ ବହିଦାର, ବିଜୟ ଦାନୀ, ଜୟରାମ ମହାପାତ୍ର, ନିରୋଜ ସିହ୍ନା, ନାରାୟଣ ପୁରୋହିତ ମନୋନୀତ ହୋଇଥିଲେ।

## ବେପରୁଆ ଗାଡ଼ି ଚାଳନାରୁ ବଢୁଛି ଦୁର୍ଘଟଣା



ଏଏପି ପ୍ରତିନିଧିବୃନ୍ଦ ବରଗଡ଼ ଆର୍‌ଟିଓଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)**

### ଆରଟିଓଙ୍କୁ ଭେଟିଲା ଏଏପି

ବରଗଡ଼ ସହରରେ ବେପରୁଆ ଗାଡ଼ି ଚାଳନା ଯୋଗୁ ସହରବାସୀଙ୍କ ଜୀବନ ପ୍ରତି ବିପଦ ରହିଛି। ଗୁରୁବାର ସ୍କୁଲ ବସ୍ ଧକ୍କାରେ ଅତାବିରା ଥାନା ହିର୍ଲିପାଲି ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରେ ଶନିବାର ଆମ ଆଦମୀ ପାର୍ଟି(ଏଏପି) ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ସାବୁଆ ମାଝିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସ୍ମାରକପତ୍ରରେ ସ୍କୁଲବସ୍ ଧକ୍କାରେ ମୃତ ମହିଳାଙ୍କ ପରିବାର ଲୋକଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ସହରରେ ବେପରୁଆବେ ଗାଡ଼ି ଚାଳକ କରୁଥିବା ଡ୍ରାଇଭରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସେହିପରି ସହରର ଜନଗହଳି ରାସ୍ତାରେ ସ୍କୁଲବସ୍‌ର ପ୍ରବେଶ ନିଷେଧ, ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଛିଡ଼ା ହେଉଥିବା ଭାରୀଯାନ ଗୁଡ଼ିକୁ ହଟାଇବା, ଡିଭାଇଡର ଭାଙ୍ଗି ରାସ୍ତା ତିଆରି ଉପରେ ପ୍ରତିବନ୍ଧକ ଲଗାଇବା, ସ୍ପିଡ୍ ବାଇକର୍‌ଙ୍କ ଉପରେ ଅଙ୍କୁଶ ଲଗାଇବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଏଏପିର ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲା ସଭାପତି ଯଦୁମଣି ପ୍ରଧାନ, ସମ୍ପାଦକ ସ୍ୱରୂପ ଭୋଇ, ଅସିତ୍ ସାହୁ, ପ୍ରଦୀପ ବିଶ୍ୱାଳ, ଜାଭେଦ୍ ଖାନ୍, ଗୋପାଳ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଡ୍ରାଇଭର ମହାସଂଘର ବନ୍ଦ ଡାକରା

### ବରଗଡ଼ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ

ପାଇକମାଳ, ୫।୭(ବଡ଼ ଶତପଥୀ): ଓଡ଼ିଶା ଡ୍ରାଇଭର ମହାସଂଘର ଗାଡ଼ି ବନ୍ଦ ଡାକରାରେ ପାଇକମାଳ ବ୍ଲକ ଡ୍ରାଇଭର ସଂଘ ସାମିଲ ହୋଇଛନ୍ତି। ଆସନ୍ତା ମଙ୍ଗଳବାର ପାଇକମାଳରେ ସମସ୍ତ ଗାଡ଼ି ବନ୍ଦ କରାଯିବା ନେଇ ଡାକରା ଦିଆଯାଇଛି। ଏ ନେଇ ଏକ ସାତ ଦଫା ସମ୍ବଳିତ ପତ୍ର ସହ ବନ୍ଦ ଡାକରା ସମ୍ପର୍କରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପାଇକମାଳ ସାମ୍ବାଦିକ ସଂଘ ସଭାପତି ବଡ଼ ଶତପଥୀ, ପାଇକମାଳ ଥାନା, ବ୍ଲକ କାର୍ଯ୍ୟାଳୟ ତଥା ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ସହଯୋଗ କରିବା ପାଇଁ ସମ୍ପାଦକ ଅଜିତ କୁମାର ବାଗ ଓ ସଭାପତି ଶଙ୍କର ସେଠ ଶନିବାର ଚିଠି ବଣ୍ଟନ କରିଛନ୍ତି। ପାଇକମାଳ ଛକରେ ଆସନ୍ତା ମଙ୍ଗଳବାର ସ୍ଥାନୀୟ ସମସ୍ତ ଡ୍ରାଇଭର ଧାରଣା ଦେବେ ବୋଲି ଜଣାଇଛନ୍ତି।

## ଚାରାରୋପଣ ଆବଶ୍ୟକତା ନେଇ ସଚେତନତା

**ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ଶନିବାର ସ୍ଥାନୀୟ ଭଗବାନ ମିଶ୍ର ସ୍ମୃତି ସମିତି ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଶିକ୍ଷକ ପୁରୋହିତ ଗପ ମାଧ୍ୟମରେ ପରିବେଶ ସୁରକ୍ଷା ନେଇ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ଆବଶ୍ୟକତା ନେଇ ସଚେତନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥୀ, କଳାକାର ଜଗଦାନନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାରାରୋପଣ ଏବଂ ଏହାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମିତିର ସଭାପତି ସର୍ଦ୍ଦାର ପ୍ରୀତମ ସିଂ, ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ଉପଦେଷ୍ଟା ସନ୍ତୋଷ ପଣ୍ଡା ଉପସ୍ଥିତ ଥିଲେ। ସମିତିର ଉପସଭାପତି କମଳ ଯୋଶି, ପ୍ରଦୀପ୍ତଭାନୁ ମହାନ୍ତି, ପ୍ରକୃତିବନ୍ଧୁ ଜଗଦିଶ ସୈନ, ବିନୋଦ ସାହୁ, ନିଳାମ୍ବର ମେହେର, ମୁଗ୍ଧା ଦାଶ, ନବକୃଷ୍ଣ ମିଶ୍ର, ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଶାଳିନୀ ସା, ରୁଚି ମାଝୀ, ସିମରନ୍ ମାଲି, ମୁସ୍କାନ ସା, ରିତିକା ସା, ଅଞ୍ଜଳି ମହାରଣା, ସୌମେନ୍ଦ୍ର ବରାଡ଼, ପ୍ରୀତମ ସାହୁ, ଆୟୁଷ ମହାନନ୍ଦ, ଆୟୁଷ୍ମାନ ମଲ୍ଲିକ, ସୌଦାମିନୀ ଗଡ଼ତିଆ, କାଜଲ ସୁନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବନ ମହୋତ୍ସବ କାର୍ଯ୍ୟକ୍ରମରେ ଆୟୋଜକ ଏବଂ ଛାତ୍ରୀଛାତ୍ରବୃନ୍ଦ।

## ନୃସିଂହନାଥରେ ପହଞ୍ଚିଲେ ତିନି ଠାକୁର

**ପାଇକମାଳ, ୫।୭(ବଡ଼ ଶତପଥୀ)**

ପାଇକମାଳ ମାଉସିମା ମନ୍ଦିରରୁ ନୃସିଂହନାଥ ଦୀର୍ଘ ୪ କିମି ରଥରେ ତିନି ଠାକୁରଙ୍କୁ ଅପରାହ୍ନ ୩ଟାରେ ରଥରେ ନେଇ ରାତ୍ର ୮ଟାରେ ନୃସିଂହନାଥ ମନ୍ଦିରକୁ ଅଣାଯାଇଛି। ସିଆଳିଲତା ରସିରେ ରଥର ଦୁଇ ପାଖରେ ବନ୍ଧା ଯାଇ ଗୋଟିଏ ପାର୍ଶ୍ୱ ମହିଳା ଓ ଅନ୍ୟ ପାର୍ଶ୍ୱକୁ ପୁରୁଷମାନେ ଟାଣିଥିଲେ। ଅପରାହ୍ନ ୩ଟାରେ ମହାପ୍ରଭୁ ପହଣ୍ଡିରେ ଆଣି ରଥାରୂଢ କରିଥିଲେ। ଏହାପରେ ସଙ୍କୀର୍ତ୍ତନ ମଣ୍ଡଳୀ ସହିତ ଭକ୍ତଙ୍କର ସମାବେଶରେ ରଥ ଟଣା ଆରମ୍ଭ ହୋଇଥିଲା। ପାଇକମାଳରେ ପହଣ୍ଡି ସମୟରେ ଆଶୁତୋଷ ସାହୁଓ ନୃସିଂହ ନାଥରେ ମନ୍ଦିର ଟ୍ରଷ୍ଟି ତଥା ଏବିଡିଓ ଦେବାଶିଷ ସିହ୍ନା ଛେରା ପହଂରା କରିଥିଲେ। ନୃସିଂହନାଥ ବ୍ରାହ୍ମଣ ସମାଜର ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦ ରଥ, ସୁଶାନ୍ତ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ତ୍ରିପାଠୀ, ଶରତ ବଡପଣ୍ଡା, ଆକାଶ ପାଣିଗ୍ରାହୀ, ଦିନେସ ପଣ୍ଡା, ପଣ୍ଡିତ ପ୍ରେମାନନ୍ଦ ଦେବତା, ସୁନିଲ ପୁରୋହିତ ତଥା ନୃସିଂହ ନାଥ ମନ୍ଦିର ପୂଜକମାନେ ରଥରେ ସହଯୋଗ କରିଥିଲେ। ପାଇକମାଳଠାରୁ ନୃସିଂହନାଥ ମଧ୍ୟରେ ରାସ୍ତାର ପାଇକମାଳ, ନରସିଂହପଡା, ଜର୍ଜଗଡ଼, ଦୁର୍ଗାପାଲି , ଦଣ୍ଡପାଟ, ଆଦି ଗ୍ରାମ ଗୁଡ଼ିକର ଭକ୍ତମାନଙ୍କୁ ଦର୍ଶନ ଦେଇ ମହାପ୍ରଭୁ ନୃସିଂହନାଥ ମନ୍ଦିରକୁ ବିଜେ କରିଛନ୍ତି। ଭକ୍ତଙ୍କର ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ତଥା ପୋଲିସ ପ୍ରଶାସନ ତରଫରୁ ଅନେକ ପ୍ରକାର ସୁବ୍ୟବସ୍ଥା କରାଯାଇ, ଶାନ୍ତି ଶୃଙ୍ଖଳା ସହ ନୃସିଂହନାଥ ମନ୍ଦିରରେ ତିନି ଠାକୁର ପହଞ୍ଚି ଥିଲେ। ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି।



ବାହୁଡ଼ା ଯାତ୍ରାରେ ଛୋଟ ଛୁଆଙ୍କୁ ରଥ ଛୁଆଁ ହେଉଛି।



ସେକ୍ଟର-୩ରେ ଶ୍ରୀଜୀଉ ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି।



ଏନ୍‌ଆଇଟି କ୍ୟାମ୍ପସରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା।

# ଜନ୍ମବେଦିରୁ ଶ୍ରୀମନ୍ଦିର ବାହୁଡ଼ିଲେ ଶ୍ରୀଜୀଉ

**ରାଉରକେଲା,୫।୭ (ସଙ୍ଗୀତା ଜେନା)**

ରାଉରକେଲାର ବିଭିନ୍ନ ସ୍ଥାନରେ ଶନିବାର ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ସେକ୍ଟର-୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମହାପ୍ରଭୁ ଅବସ୍ଥାନ କରୁଥିବା ସେକ୍ଟର-୫ ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ା ଯାତ୍ରା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ସକାଳ ସମୟରେ ବିଧି ମୁତାବକ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ପହଣ୍ଡି ଓ ଅପରାହ୍ନ ୧ଟାରେ ଛେରାପହଁରା କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ଭାରପ୍ରାପ୍ତ ଡିଆଇସି ଆଲୋକ ବର୍ମା ଛେରାପହଁରା କରିଥିଲେ। ଅପରାହ୍ନ ୩ଟାରେ ରଥଟଣା ହୋଇଥିଲା। ଗୁଣ୍ଡିଚା ମନ୍ଦିର ଟ୍ରଷ୍ଟ ସଭାପତି ହରିହର ରାଉତରାୟ, ସାଧାରଣ ସମ୍ପାଦକ ଆନନ୍ଦ ମହାନ୍ତି, ଭରତ ମିଶ୍ର, ଭରତଚନ୍ଦ୍ର ପ୍ରଧାନ, ସୁଧୀର ଶେଖର ସାହୁ, ପ୍ରବୀଣ ବେଦୀଙ୍କ ସମେତ ସେକ୍ଟର-୩ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ସୁଶାନ୍ତ ତ୍ରିପାଠୀ, ରଜତ ଚୌଧୁରୀ, ଲକ୍ଷ୍ମୀଧର ପାଣିଗ୍ରାହୀ, ପ୍ରଭୁ ପ୍ରସାଦ ସାହୁ, ବଡପଣ୍ଡା ତ୍ରିନାଥ ପାଢ଼ୀ, ସେବାୟତ ନିୟୋଗ କମିଟି ସଭାପତି ପ୍ରକାଶ ଦାସ, ସମ୍ପାଦକ କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ସେକ୍ଟର-୩ ସ୍ଥିତ ଗୁଣ୍ଡିଚା ମନ୍ଦିର ରଥଖଳାରେ ରଥ ପହଞ୍ଚିଥିଲା।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା କ୍ୟାମ୍ପସରେ ଥିବା ଗୁଣ୍ଡିଚା ମନ୍ଦିରରେ ଥିବା ରଥରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଛେରାପହଁରା କରିବା ପରେ ରଥଟଣା ହୋଇଥିଲା। ପୂଜକ କିଶୋର ଦାଶ, ଶିବାନନ୍ଦ ଦାଶ, ପ୍ରଦୀପ ପତି ପୂଜା ସମ୍ପାଦନ କରିଥିଲେ। କୋଏଲନଗର ସି ବ୍ଲକ ନୀଳକଣ୍ଠେଶ୍ୱର ଜଗନ୍ନାଥ ମନ୍ଦିରରେ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି। ମଧୁସୂଦନ ମହାପାତ୍ର ଛେରାପହଁରା କରିବା ପରେ ରଥଟଣା ହୋଇଥିଲା। କୋଏଲନଗର ଏ ବ୍ଲକ ସ୍ଥିତ ଜଗନ୍ନାଥ ମନ୍ଦିରରେ ବିଧି ଅନୁସାରେ ନୀତି କରାଯାଇଥିଲା। ପାନପୋଷ ଉପଜିଲାପାଳ ବିଜୟ ନାୟକ ଛେରାପହଁରା କରିବା ପରେ ରଥ ଟଣାଯାଇଥିଲା। ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ସେକ୍ଟର-୨୧ ଜଗନ୍ନାଥ ମନ୍ଦିର ରଥରେ ସନ୍ତୋଷ ନାୟକ ଛେରାପହଁରା କରିଥିଲେ। ପରେ ରଥଟଣା ହୋଇ ସନ୍ଧ୍ୟାରେ ରଥଗୁଡ଼ିକ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଉଦିତନଗରସ୍ଥିତ ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତି ଅପରାହ୍ନ ସାଢ଼େ ୨ଟାରେ ରାଉରକେଲା ରେଳ ଷ୍ଟେଶନସ୍ଥିତ ଗୁଣ୍ଡିଚା ମନ୍ଦିରରୁ ବାହାରି ମନ୍ଦିର ବଡଦାଣ୍ଡରେ ପହଞ୍ଚିଥିଲେ। ଅପରାହ୍ନ ସାଢେ ୩ଟାରେ ବାସନ୍ତୀ କଲୋନି ଜଗନ୍ନାଥ ମନ୍ଦିର ରଥ ମାଲଗୋଦାମ ସ୍ଥିତ ମାଉସୀ ମା' ମନ୍ଦିରରୁ ଟଣାହୋଇ ସନ୍ଧ୍ୟା ସାଢେ ୬ଟାରେ ଜଗନ୍ନାଥ ମନ୍ଦିର ବଡଦାଣ୍ଡରେ ପହଞ୍ଚିଥିଲା। ପ୍ଲାଣ୍ଟସାଇଟ୍ ଜଗନ୍ନାଥ ମନ୍ଦିର ରଥ ପାୱାର ହାଉସ୍ ରୋଡ୍ ସ୍ଥିତ ଗୁଣ୍ଡିଚା ମନ୍ଦିରରୁ ଅପରାହ୍ନ ୪ଟାରେ ବାହାରି କର୍ମବେଦୀରେ ସାଢେ ୬ଟାରେ ପହଞ୍ଚିଥିଲା।

ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ଲାଗି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ୨ ଜଣ ଅତିରିକ୍ତ ଏସ୍‌ପିଙ୍କ ସମେତ ୧୮ ଜଣ ଥାନାଧିକାରୀ ଓ ୧୦୮ ଜଣ ହୋମଗାର୍ଡଙ୍କୁ ନେଇ ୮ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ଏହି ଅବସରରେ ସହରର ଥିବା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଖିଚିଡି, ସରବତ ଓ ମିଷ୍ଟାନ୍ନ ବିତରଣ କରାଯାଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁ ୯ଦିନ ଧରି ଲୀଳାଖେଳା କରି କର୍ମବେଦୀରେ ପହଞ୍ଚିବା ପରେ ବିଭିନ୍ନ ଜଗନ୍ନାଥ ମନ୍ଦିର କମିଟି ଓ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହାପରେ ରଥରେ ସାମୂହିକ ଦର୍ଶନ ଲାଗି ଭକ୍ତଙ୍କୁ ଛଡାଯାଇଥିଲା।

## ମାଟି କାନ୍ଥ ପଡି ବାଳକ ଗୁରୁତର

**ଲହୁଣୀପଡା,୫।୭(ଦାଶରଥି ପଣ୍ଡା)**

ଲହୁଣୀପଡା ଥାନା କୁରଡ଼ା ପଞ୍ଚାୟତ ମୁଣ୍ଡା ଗ୍ରାମରେ ଶୁକ୍ରବାର ରାତିରେ ଘରେ ଶୋଇଥିବା ବେଳେ ମାଟି କାନ୍ଥ ଧସି ଜଣେ ବାଳକ ଗୁରୁତର ଆହତ ହୋଇଛନ୍ତି। ବଡ଼ ଦୁର୍ଘଟଣାରୁ ମା' ବାପା ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ, ମୁଣ୍ଡାଗାଁ ଗ୍ରାମର ରଣଜିତ ମାହାନ୍ତଙ୍କ ପରିବାର ଶୁକ୍ରବାର ରାତିରେ ଖାଇପିଇ ଶୋଇଥିବା ବେଳେ ଲଗାଣ ବର୍ଷା ଯୋଗୁ ଶୋଇଥିବା ଘରର ମାଟି କାନ୍ଥ ଧସି ପଡିଥିଲା। ଫଳରେ କାନ୍ଥ ତଳେ ପୁଅ କାର୍ତ୍ତିକ ମାହାନ୍ତ ଚାପି ହୋଇ ଯାଇଥିଲେ। ରଣଜିତ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ବାହାରକୁ ଦୌଡି ପଳାଇଥିଲେ। ପାଟି କରିବାରୁ ପଡିଶା ଲୋକ ଦୌଡି ଆସି ମାଟି ଭିତରୁ କାର୍ତ୍ତିକଙ୍କୁ ଉଦ୍ଧାର କରି ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ବନ ମହୋତ୍ସବରେ ବୃକ୍ଷରୋପଣ

**ରାଉରକେଲା,୫।୭(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ଚିନ୍ମୟ ଇଂଲିଶ ମାଧ୍ୟମ ଉଚ୍ଚ ବିଦ୍ୟାଳୟରେ ପାନପୋଷ ବନାଞ୍ଚଳ ପକ୍ଷରୁ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ ସହ ସଚେତନତା ବୈଠକ ହୋଇଥିଲା। ଏଥିରେ ପାନପୋଷ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲିମା ମୁଖ୍ୟ ଅତିଥି, ଫରେଷ୍ଟର ରୀତାଞ୍ଜଳି ଶତପଥୀ ଓ ୱାଇଏମ୍‌ଏଫ୍‌ଆର୍‌ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍କୁଲର ପ୍ରିନ୍ସପାଲ ଶର୍ମିଷ୍ଠା କବି ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଫଳବୃକ୍ଷ ଚାରା ରୋପଣ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ରୀନା ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ସଂଚାଳନ ଏବଂ ବରିଷ୍ଠ ଶିକ୍ଷକ ରବି ନାରାୟଣ ଦାଣ୍ଡିଆଙ୍କ ସହ କର୍ମଚାରୀମାନେ ସହଯୋଗ କରିଥିଲେ। ଫରେଷ୍ଟ ଗାର୍ଡ ରଜତ ମହାନ୍ତି, ଯଶୋଦା ମହନ୍ତଏବଂ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିଭଳି ବାସନ୍ତୀ କଲୋନିସ୍ଥିତ ବାସନ୍ତୀ ବିଦ୍ୟାପୀଠ ପରିସରରେ ଶନିବାର ସମାଜସେବୀ ମୁନି ମିଶ୍ରଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସର ଖେଳ ପଡିଆ କଡ଼ରେ ଚାରା ରୋପଣ କରାଯାଇଥିଲା।

## ଦୁବାଇରେ ପ୍ରତିନିଧି କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଉରକେଲା,୫।୭(ବିପ୍ଳବ ରଞ୍ଜନ ଦାଶ)**

**ସେଲ୍‌ର ବିଶ୍ୱସ୍ତରୀୟ ଉପସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟ**

ବାର୍ଷିକ ୨୦ ନିୟୁତ ଟନ୍‌ରୁ ଅଧିକ ଅଶୋଧିତ ଇସ୍ପାତ କ୍ଷମତା ବହନକାରୀ ଦେଶର ସର୍ବବୃହତ୍ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ସେଲ) ଦୁବାଇଠାରେ ଏହାର ପ୍ରତିନିଧି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛି। ମଧ୍ୟପ୍ରାଚ୍ୟରେ ସେଲ୍‌ର ପ୍ରଥମ ଅନ୍ତର୍ଜାତୀୟ କାର୍ଯ୍ୟାଳୟ ଏହାର ବିଶ୍ୱସ୍ତରୀୟ ବିସ୍ତାର ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ କରିଛି। ଏହି କାର୍ଯ୍ୟାଳୟକୁ କେନ୍ଦ୍ର ଇସ୍ପାତ ଓ ଭାରି ଶିଳ୍ପ ମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ଗତ ୨ତାରିଖ ଉଦ୍‌ଘାଟନ କରିଥିଲେ। ଭାରତର କନସୁଲ ଜେନେରାଲ ସତୀଶ କୁମାର ସିବନ, ସେଲ୍ ସିଏମ୍‌ଡି ଅମରେନ୍ଦୁ ପ୍ରକାଶ, ଏନ୍‌ଏମ୍‌ଡିସି ସିଏମ୍‌ଡି ଅମିତାଭ ମୁଖାର୍ଜୀ, ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭି. କେ. ତ୍ରିପାଠୀ ଏବଂ ସେଲ୍, ଇସ୍ପାତ ମନ୍ତ୍ରଣାଳୟ, ଏନ୍‌ଏମ୍‌ଡିସି ଏବଂ ମେକନ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏକ ରଣନୈତିକ କେନ୍ଦ୍ର ଭାବେ ଅବସ୍ଥିତ ଦୁବାଇ କାର୍ଯ୍ୟାଳୟ ସେଲକୁ ଇସ୍ପାତ ରପ୍ତାନୀ ବୃଦ୍ଧି କ୍ଷେତ୍ରରେ ଶିଳ୍ପ ସଂଯୋଗକୁ ଗଭୀର କରିବ ଏବଂ ଭାରତ-ୟୁଏଇ ବାଣିଜ୍ୟ ସମ୍ପର୍କକୁ ସୁଦୃଢ କରିବାରେ ସାହାଯ୍ୟ କରିବ। ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକା (ଏମ୍‌ଇଏନ୍‌ଏ) କ୍ଷେତ୍ରର ପ୍ରବେଶ ଦ୍ୱାର ଭାବେ ଦୁବାଇର ଭୂମିକା ଏବଂ ଏହାର ନିବେଶକ ଅନୁକୂଳ ପରିବେଶ ଏହାକୁ ଉଦୀୟମାନ ବଜାରରେ ବିସ୍ତାର ପାଇଁ ଏକ ଆଦର୍ଶ ଆଧାର କରାଇବ। ଏହି ପଦକ୍ଷେପ ଭାରତର ଇସ୍ପାତ ଶିଳ୍ପର ବିଶ୍ୱ ଉପସ୍ଥିତିକୁ ବୃଦ୍ଧି କରିବ ଏବଂ ୨୦୩୦ ସୁଦ୍ଧା ୩ ଶହ ନିୟୁତ ଟନ୍ ଜାତୀୟ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ହାସଲ କରିବ। ଏହା ସେଲ୍‌ର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଇସ୍ପାତ ନିର୍ମାତା ଭାବେ ବିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଅନ୍ତର୍ଜାତୀୟ ଇସ୍ପାତ କ୍ଷେତ୍ରରେ ଭାରତର ବର୍ଦ୍ଧିତ ପ୍ରୋଫାଇଲକୁ ପ୍ରତିଫଳିତ କରୁଛି।



ପ୍ରତିନିଧି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଉଛି।

## ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ରାଉରକେଲା,୫।୭(ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ୟୁନିଟ୍-୧ ମହିଳା ଶାଖା ଓ ବାଳିକା ହଷ୍ଟେଲର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗ ଅଧ୍ୟାପିକା ରିୟା ସୋନାଲି ତିର୍କୀ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଇଂଲିଶ ପ୍ରଫେସର ଡକ୍ଟର ସଂଯୁକ୍ତା ପତି ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତାଞ୍ଜଳି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମହିଳା ଶାଖାର ମୁଖ୍ୟ ଇଂଲିଶ ଅଧ୍ୟାପିକା ହେମଲତା ରିହାଲ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ରୋହିତ କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ। ବାଳିକା ହଷ୍ଟେଲର ଅନ୍ତେବାସୀ ଓ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଆର୍‌ଏସ୍‌ପି ମହିଳା ଅଧିକାରୀଙ୍କ ନେତୃତ୍ୱ ବିକାଶ କର୍ମଶାଳା

**ରାଉରକେଲା,୫।୭(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ମନ୍ଥନ ସମ୍ମିଳନୀ କକ୍ଷରେ ଗତ ୩ ଓ ୪ ତାରିଖ ଦୁଇଦିନ ଧରି ମହିଳା ଅଧିକାରୀମାନଙ୍କ ନେତୃତ୍ୱ ବିକାଶ ମତବିନିମୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗଦେଇ କର୍ମଶାଳାରେ ଭାଗ ନେଇଥିବା ୫୦ଜଣ ମହିଳା ଅଧିକାରୀ ବନ୍ଧନର ସମସ୍ତ ସୀମାକୁ ଭାଙ୍ଗି ଅନ୍ୟମାନଙ୍କ ସହଯୋଗୀ ହୋଇ ସଫଳତା ଲାଭ କରନ୍ତୁ ବୋଲି କହିଥିଲେ। ସେ ଉଲ୍ଲେଖ କରିଥିଲେ, ଆର୍‌ଏସ୍‌ପିର ସମସ୍ତ ବ୍ଲାଷ୍ଟ ଫର୍ନେସ ପୂର୍ବରୁ ନାରୀ ଶକ୍ତି ଭାବେ ଅଭିହିତ କରାଯିବା ସହ ଏହାକୁ ପ୍ରତିନିଧିତ୍ୱ କରୁଥିବା ଶକ୍ତି ସମୂହକୁ ଦେବୀଙ୍କ ନାମରେ ନାମିତ କରାଯାଇଛି। ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ଆର୍‌ଏସ୍‌ପିର ମହିଳା ଅଧିକାରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ, ମହିଳାମାନେ ଜନ୍ମରୁ ନେତୃତ୍ୱ ନେବାରେ ସର୍ବଗରିଷ୍ଠ ଥାନ୍ତି। ମହିଳାମାନଙ୍କୁ କେବଳ କାର୍ଯ୍ୟକ୍ଷେତ୍ରରେ ନେତୃତ୍ୱଧାରୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ଉପଯୁକ୍ତ ସୁଯୋଗ ଏବଂ ଶିକ୍ଷା ହାସଲ କରିବାକୁ ପଡିଥାଏ। ସମସ୍ତ ଅଂଶଗ୍ରହଣକାରୀ କର୍ମଶାଳାରୁ ସେମାନଙ୍କ ଅଭିଜ୍ଞତା ଏବଂ ଶିକ୍ଷା ସହଭାଗ କରିଥିଲେ। ପ୍ରାରମ୍ଭରେ ଏଚ୍‌ଆର-ଏଲ୍ ଏଣ୍ଡ୍ ଡି ବିଭାଗର ସିଜିଏମ୍ ପି. କେ. ସାହୁ ସମାବେଶକୁ ସ୍ୱାଗତ କରିଥିଲେ। ଏଲ୍ ଏଣ୍ଡ୍ ଡି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ବିନିତା ତିର୍କି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ ଦୁଇଦିନିଆ କର୍ମଶାଳାରେ ସୁଶ୍ରୀ କବିତା ନେତୃତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆନ୍ତରିକ ଶକ୍ତି ଜାଗ୍ରତ କରିବା, ନେତୃତ୍ୱର ଭାର ଗ୍ରହଣ କରିବା ପାଇଁ ଅନନ୍ୟ ହେବା, ଅନ୍ୟମାନଙ୍କୁ ନିଜର ନେତୃତ୍ୱ ବଳରେ ପ୍ରଭାବିତ କରିବା, ଲିଙ୍ଗ ଦୃଷ୍ଟିକୋଣ ସହିତ ଆଲୋଚନା କରିବା, ନିଶ୍ଚୟାତ୍ମକତା ବନାମ ଆକ୍ରମଣାତ୍ମକ ବିଷୟରେ ସେ ଆଲୋଚନା କରିଥିଲେ। ବିଭିନ୍ନ ଉପାଖ୍ୟାନ, କାର୍ଯ୍ୟକଳାପ ଏବ ଭୂମିକା ନାଟକ ମାଧ୍ୟମରେ ମହିଳାଙ୍କୁ ଆଗ୍ରହ ସହିତ ବିଶ୍ୱସନୀୟତା, ନିର୍ଭରଯୋଗ୍ୟତା, ସହାନୁଭୂତି ଏବଂ ନିଷ୍ପତ୍ତି ନେବା ସହିତ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ସେ ଉତ୍ସାହିତ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ଓ କାର୍ଯ୍ୟକ୍ରମ ପରିଚାଳୀକା ସୁଶ୍ରୀ କବିତା ରାମକୃଷ୍ଣପ୍ପା ଉପସ୍ଥିତ ଥିଲେ।



କର୍ମଶାଳାରେ ଅଂଶଗ୍ରହଣ କରିଥିବା ମହିଳା ଅଧିକାରୀ।

## ୯ରେ ମିଳିତ ଟ୍ରେଡ୍ ୟୁନିଅନର ଧର୍ମଘଟ

**ରାଉରକେଲା,୫।୭(ସଙ୍ଗୀତା ଜେନା)**

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ ଜନବିରୋଧୀ ନୀତି ବିରୋଧରେ ଜୁଲାଇ ୯ ତାରିଖରେ ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ହେବ। ଦେଶର ୧୦ଟି ପ୍ରମୁଖ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ କର୍ମଚାରୀ ସଙ୍ଗଠନ ଏହି ଧର୍ମଘଟ ଡାକରା ଦେଇଛନ୍ତି। ଉକ୍ତ ଦିନ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, କ୍ଷେତ ମଜଦୁର, ଶ୍ରମଜୀବୀ ନୀତି ବିରୋଧରେ ସାରା ଭାରତବର୍ଷର ରାଜରାସ୍ତାରେ ପ୍ରତିବାଦ କରାଯିବ। ରାଉରକେଲା ତଥା ସୁନ୍ଦରଗଡ଼ରେ ଧର୍ମଘଟକୁ ପୂର୍ଣ୍ଣମାତ୍ରାରେ ସଫଳ କରାଯିବ। ଏ ନେଇ ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ସେକ୍ଟର-୧୬ ଶ୍ରମିକ ଭବନ ସିଟୁ କାର୍ଯ୍ୟାଳୟରେ ମିଳିତ ଟ୍ରେଡ୍ ୟୁନିଅନ ଓ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ଶ୍ରୀମନ୍ତ ବେହେରା, ଆଇଏନ୍‌ଟିୟୁସିର ନିହାର ଦାସ, ଏଚ୍‌ଏମ୍‌ଏସ୍‌ର ଶଶଧର ନାୟକ, ଏଆଇଟିୟୁସିର ସଦାନନ୍ଦ ସାହୁ, ଏଆଇୟୁଟିୟୁସିର ଅଜିତ ନାୟକ, ବିଷ୍ଣୁ ପଣ୍ଡା, ଏଆଇସିସିଟିୟୁର ନିତ୍ୟକିଶୋର ମହାନ୍ତି, ରାଜା ମୁନା ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଶ୍ରମ ବିରୋଧୀ ୪ଟି ଶ୍ରମକୋର୍ଡକୁ ବାତିଲ କରିବା, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ସମାନ କାର୍ଯ୍ୟକୁ ସମାନ ଦରମା, ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ, ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ସର୍ବନିମ୍ନ ମାସିକ ପେନସନ ୯ହଜାର କରିବା, ଏନ୍‌ପିଏସ୍ ଓ ଓ ୟୁପିଏସ୍‌କୁ ବାତିଲ କରି ପୁରୁଣା ପେନସନ୍ ଲାଗୁ କରିବା, ୟୁପିଏସ୍, ଇପିଏଫ୍, ଇଏସ୍‌ଆଇ, ବୋନସ ଓ ଗ୍ରାଚ୍ୟୁଇଟି ସିଲିଂ ପ୍ରତ୍ୟାହାର, ୟୁନିଅନ ପଞ୍ଜୀକରଣ ୪୫ ଦିନ ମଧ୍ୟରେ କରିବା, ବିଦ୍ୟୁତ୍ ବିଲ୍ ୨୦୨୨କୁ ପ୍ରତ୍ୟାହାର କରି ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଆଦି ୧୭ ଦଫା ଦାବି ନେଇ ଉକ୍ତ ଧର୍ମଘଟ ହେବାକୁ ଯାଉଛି। ଧର୍ମଘଟରୁ ଜରୁରୀ ସେବାକୁ ବାଦ୍ ଦିଆଯିବ। ଜିଲାର ଇସ୍ପାତ ଖଣି, ଶିଳ୍ପ, କୋଇଲା, ନିର୍ମାଣ, ଆଶା, ଅଙ୍ଗନୱାଡି, ପାଚିକା, ଗାଁ ସାଥୀ ଆଦି ବହୁସ୍କିମ୍ ଶ୍ରମିକ ପରିବହନ ଶ୍ରମିକ, ଶପ୍ସ ଆଣ୍ଡ କମର୍ସିଆଲ୍ ଶ୍ରମିକ ଏଥିରେ ସାମିଲ ହେବେ ବୋଲି ନେତୃମଣ୍ଡଳୀ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃମଣ୍ଡଳୀ।

## ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଜରୁରୀ

**ରାଉରକେଲା,୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ଜଗଦା ସିଡବ୍ଲ୍ୟୁଏସ୍ ହସ୍ପିଟାଲ ନିକଟ ଇସ୍ପାତ ସବୁଜ ବନରେ ଶୁକ୍ରବାର ଗଣ ପରିବେଶ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଓ ଦୁର୍ଗାପୁର ଇସ୍ପାତ କାରଖାନା ତଥା ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ, ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡଃ ଜୟନ୍ତ କୁମାର ଆଚାର୍ଯ୍ୟ, ବିତ୍ତ ଓ ଲେଖା ବିଭାଗର ସିନିୟର ମ୍ୟାନେଜର ରାଜେଶ ଦାସଗୁପ୍ତା, ସିଆଇଏସ୍‌ଏଫ୍ ସିନିୟର କମାଣ୍ଡାଣ୍ଟ ବିଜୟ କୁମାର, ବହୁ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବର୍ମା କହିଥିଲେ, ଭୂପୃଷ୍ଠ ଏବଂ ଜୀବଜଗତ ସ୍ଥିରତା ବଜାୟ ନିମନ୍ତେ ପରିବେଶ ସନ୍ତୁଳନ ବଜାୟ ରଖିବା ଯେଭଳି ଅପରିହାର୍ଯ୍ୟ ସେହିଭଳି ବ୍ୟାପକ ବୃକ୍ଷରୋପଣ ମଧ୍ୟ ନିତାନ୍ତ ଆବଶ୍ୟକ। ଏଣୁ ବୃକ୍ଷର ଯତ୍ନ ନେବା ଆମ ସଭିଙ୍କ ନୈତିକ କର୍ତ୍ତବ୍ୟ । ବୃକ୍ଷ ହେଉଛି ମାନବ ସଭ୍ୟତାର ଏକ ଶ୍ରେଷ୍ଠ ବନ୍ଧୁ। ଗଛର ଜୀବନ ରହିଛି। ଆମକୁ ଆଘାତ ଦେଲେ ଯେଭଳି ଆମେ କଷ୍ଟ ପାଉ ଗଛ ଦେହରେ ଆଘାତ ଦେଲେ ମଧ ତାକୁ ପୀଡ଼ା ହୁଏ। ଏଣୁ ପ୍ରକୃତିର ଅମୂଲ୍ୟ ରତ୍ନ ଗଛବୃକ୍ଷର ସଂରକ୍ଷଣ ଓ ଅଭିବୃଦ୍ଧି କରିବା ଛାତ୍ର ଓ ଯୁବ ସମାଜ ପାଇଁ ନିତାନ୍ତ ଆବଶ୍ୟକ ବୋଲି ବର୍ମା କହିଥିଲେ। ପରେ ସେ ପ୍ରଥମେ ଏକ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଏହି ଅବସରରେ ୧.୨୫ଏକର ପରିମିତ ଅଞ୍ଚଳରେ ଛତିଆନା, କର, ନିମ୍ବ, ପୁଟୁଲି, ଜାମୁନ, ସୁନାରି, ଶିଶୁ, ବକୁଳ, ଅଁଳା, ପଣସ, ପିଜୁଳି ଏବଂ ଆତ ଆଦି କିସମର ବୃକ୍ଷରୋପଣ ହୋଇଥିଲା।

ସୂଚନାଯୋଗ୍ୟ, ଉଦ୍ୟାନ କୃଷି ବିଭାଗ ନିଜସ୍ୱ ଉଦ୍ୟମରେ ଏହି ଚାରା ବିକାଶ କରିଛି ଏବଂ ଚଳିତ ବର୍ଷ ୫ହଜାର ବୃକ୍ଷରୋପଣ କରିବାର ଯୋଜନା ରଖିଛି। ସହର ଇଞ୍ଜିନିୟରିଂ ଉଦ୍ୟାନ କୃଷି ବିଭାଗର ପୁରୁଷୋତ୍ତମ ସାହୁ ଏକ ଉପସ୍ଥାପନା ପ୍ରସ୍ତୁତ କରି ଅତିଥିମାନଙ୍କୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ଇସ୍ପାତ ଇଂଲିଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୦ର ଛାତ୍ରୀଛାତ୍ରମାନେ ପରିବେଶ ଆଧାରିତ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ରାଉରକେଲା ଶିଳ୍ପାଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ବାର୍ତ୍ତା ସମ୍ପର୍କିତ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ପଦଯାତ୍ରାରେ ଯାଇଥିଲେ। ଉଦ୍ୟାନ କୃଷି ବିଭାଗର ଏଜିଏମ୍ ଡ. ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପଦଯାତ୍ରାରେ ସାମିଲ ପିଲାଙ୍କ ସହ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ।

## ସଂକ୍ଷେପରେ

### ୭ ଦଫା ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ଜିଲା କୃଷକ ସଂଘର ଦାବିପତ୍ର

ଦେବଗଡ,୫।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ୍ ସର୍ଭେକୁ ରଦ୍ଦ କରାଯିବା ସହ ୭ଦଫା ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ଜିଲା କୃଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟ ଦାବି ମଧ୍ୟରେ ରହିଛି ଶିଳ୍ପ ବିହୀନ ଦେବଗଡ଼ ଜିଲାରେ ଏକ ଶୀତଳଭଣ୍ଡାର ନିର୍ମାଣ, ରିଆମାଳ ବ୍ଲକର କୃଷିଭିତ୍ତିକ ଶିଳ୍ପ ଚିନିକଳ ସ୍ଥାପନ ଏବଂ ଆଖୁ ଚାଷ ପାଇଁ ପ୍ରୋତ୍ସାହନ, ଚାଷୀମାନେ ଦୀର୍ଘଦିନରୁ ଆବାଦ କରି ଚାଷ କରୁଥିବା ସରକାରୀ ଜମିକୁ ସମ୍ପୃକ୍ତ ଚାଷୀଙ୍କ ନାମରେ ରେକର୍ଡ ଭୁକ୍ତ କରିବା, ଦେବଗଡ ଜିଲାରେ ଥିବା ବାଲିଆପିଟା ଏବଂ ଗୋହୀରା ଆଦି ସମସ୍ତ ନାଳରେ ବନ୍ଧ କରାଯାଇ ଚାଷଜମିକୁ ଜଳ ସେଚନ କରାଯିବା, ଗୋହୀରା ବନ୍ଧରୁ ପଙ୍କୋଦ୍ଧାର କରାଯିବା ଓ ତ୍ରୁଟିପୂର୍ଣ୍ଣ ଆଧାରକାର୍ଡ ଗୁଡ଼ିକୁ ମାଗଣାରେ ସଂଶୋଧନ କରାଯିବା ଆଦି ରହିଛି। ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦେବଗଡ ଗସ୍ତ ଅବସରରେ ଜିଲା କୃଷକ ସଂଘ ପକ୍ଷରୁ ସଂଘର ସଭାପତି ପ୍ରମୋଦ କୁମାର ଝାଙ୍କର,ପବିତ୍ର ମୋହନ ପ୍ରଧାନ ଓ ଆଇନ ଉପଦେଷ୍ଟା ବିଭୁତି ଗଙ୍ଗଦେବ ପ୍ରମୁଖ ତାଙ୍କୁ ସାକ୍ଷାତ କରି ଉପରୋକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

# ଶିବ ମନ୍ଦିରରେ ରହିଛି ୧୦୦୦ ବର୍ଷର ମୂର୍ତ୍ତି

ଝାରସୁଗୁଡା,୫।୭(ଆଶିଷ ରଞ୍ଜନ ଦାଶ)


ଶିବ ମନ୍ଦିରରେ ପ୍ରାଚୀନ ମୂର୍ତ୍ତିଗୁଡିକ ରହିଛି।

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଭଇଁରଖୋଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଗରପାଲି ଗ୍ରାମର ଶିବ ମନ୍ଦିରରେ ୧୦୦୦ ବର୍ଷରୁ ଅଧିକ ପୁରୁଣା ପଥର ମୂର୍ତ୍ତି ରହିଛି। ଏହି ପ୍ରାଚୀନ ମୂର୍ତ୍ତି ମନ୍ଦିରରେ ପୂର୍ବରୁ ରହିଥିଲେ କେତେ ପ୍ରାଚୀନ ତାହା ସ୍ଥାନୀୟ ଲୋକେ ଜାଣି ନ ଥିଲେ। ମୂର୍ତ୍ତି ରଖିଥିବା ଲୋକେ ବି ଜାଣି ନ ଥିଲେ। ଶୁକ୍ରବାର ଏହି ଗ୍ରାମକୁ ଯାଇଥିବା କେତେକ ବିଶିଷ୍ଟ ବ୍ୟକ୍ତି, ଐତିହାସିକ ଏହା ୧୦୦୦ ବର୍ଷର ଅଧିକ ପୁରୁଣା ବୋଲି ଅନୁମାନ କରିଛନ୍ତି। ତେଣୁ କେଉଁ ସମୟର ଏହି ମୂର୍ତ୍ତୀ ଏବଂ ଏହାର ଇତିହାସ କଣ ସେନେଇ ଗବେଷଣା ହେଲେ ଅଧିକ ଜଣାପଡିବ ବୋଲି ସେମାନେ କହିଛନ୍ତି। ଏନେଇ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଅଧିକ ଗବେଷଣା କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏହି ପଥର ମୂର୍ତ୍ତୀଗୁଡିକ ପ୍ରାୟ ୧୨୦ ବର୍ଷ ପୂର୍ବେ ମାଟିତଳୁ ମିଳିଥିଲା। ସାଗରପାଲି ଗୌନ୍ତିଆ ମୁରଲୀଧର ପ୍ରଧାନଙ୍କ ମା' ବାଲମତି ପ୍ରଧାନ ହୀରାକୁଦ ନଦୀବନ୍ଧ ହେବା ପୂର୍ବରୁ ପୁରୁଣା ସାଗରପାଲି ଗାଁରେ ମନ୍ଦିରରେ ସ୍ଥାପନ କରିଥିଲେ। ହୀରାକୁଦ ଜଳ ଭଣ୍ଡାରରେ ସାଗରପାଲି ଗାଁ ଜଳ ସମାଧି ନେବା ପରେ ନୂତନ ଭାବରେ ଗଢି ଉଠିଥିବା ସାଗରପାଲି ଗାଁରେ ଏହି ପଥର ମୂର୍ତ୍ତୀଗୁଡିକୁ ପ୍ରଧାନ ଶିବ ମନ୍ଦିରରେ ସ୍ଥାପନ କରିବାସହ ପରବର୍ତ୍ତୀ ସମୟରେ ପୂଜାର୍ଚ୍ଚନା କରିଥିଲେ। କିଛି ବର୍ଷ ପୂର୍ବରୁ ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଏଣ୍ଡ କଲଚରାଲ ହେରିଟେଜ (ଇନଟେକ) ପକ୍ଷରୁ ଏଠାରେ ସର୍ଭେ ମଧ୍ୟ କରାଯାଇଥିଲା। ଶୁକ୍ରବାର ସାଗରପାଲି ନିକଟସ୍ଥ ଭିକମପାଲିରେ ଦ୍ୱିତୀୟ ବୁଦ୍ଧ ଗୁରୁ ପଦ୍ମ ସମ୍ଭବଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଜୟନ୍ତୀ ଉତ୍ସବରେ ଯୋଗଦେବା ପାଇଁ ଭିକମପାଲି ଆସିଥିବା ରାଜ୍ୟ ସରକାରଙ୍କ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ ସାମଲ, ଭାଷାବିତ ସୁବ୍ରତ ପୃଷ୍ଟି, ସମାଜସେବୀ ସଂଗ୍ରାମ ରାଉତ ପ୍ରମୁଖ ସାଗରପାଲି ପହଞ୍ଚି ଏହି ମୂର୍ତ୍ତିଗୁଡିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଗରପାଲିର ଏହି ମନ୍ଦିରର ଇତିହାସ ଏବଂ ସେଠାରେ ଥିବା ପ୍ରାଚୀନ ମୂର୍ତ୍ତିର ଇତିହାସ ବିଷୟରେ ସ୍ଥାନୀୟ ଲୋକେ ଅବଗତ କରାଇଥିଲେ। ଏହାର ସରକାରୀ ସ୍ତରରେ ଯେପରି ଗବେଷଣା କରାଯାଇ ପାରିବ ସେଦିଗରେ ପ୍ରୟାସ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ତେବେ ଏହି ମନ୍ଦିରରେ ଥିବା କିଛି ପଥର ମୂର୍ତ୍ତିବୌଦ୍ଧ କୀର୍ତ୍ତି ଅବଶେଷ ବୋଲି ଐତିହାସିକମାନଙ୍କ ଭିତରେ ଧାରଣା ରହିଛି। ହେଲେ ଗ୍ରାମର ମନ୍ଦିର ବହୁ ପୁରୁଣା ହୋଇଥିବାବେଳେ କିଛି ମୂର୍ତ୍ତି ମନ୍ଦିର ବାହାରେ ରହିଛି। ଫଳରେ ଖରା, ବର୍ଷା, ଶୀତରେ ଏହା ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଏହାର ସୁରକ୍ଷା ଏବଂ ଆବଶ୍ୟକ ଗବେଷଣା କରିବାର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଭକ୍ତିମୟ ପରିବେଶରେ ବାହୁଡ଼ିଲେ ତିନିଠାକୁର


ମାରୱାଡ଼ି ପଡ଼ାଠାରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଠାକୁରଙ୍କ ପହଣ୍ଡି କରୁଛନ୍ତି।

ଝାରସୁଗୁଡ଼ା,୫।୭(ଆଶିଷ ରଞ୍ଜନ ଦାଶ)


କୁକୁରଜଂଘାରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା।

ଝାରସୁଗୁଡା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହ ଶ୍ରୀଗୁଣ୍ଡିଚା ମନ୍ଦିରରୁ ସ୍ୱମନ୍ଦିରକୁ ବାହୁଡ଼ିଛନ୍ତି। ସକାଳେ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ସହିତ ଅପରାହ୍ନରେ ବାହୁଡ଼ା ହୋଇଥିଲା। ଝାରସୁଗୁଡାର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର କୁକୁରଜଂଘାଠାରେ ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜ ଓ ତାଙ୍କ ଶିଷ୍ୟ ବାବା ପ୍ରେମାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ତିନି ବିଗ୍ରହ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କ ରୀତିନୀତି ସହିତ ପୂଜାର୍ଚ୍ଚନା ପରେ ବାହୁଡ଼ା ଭକ୍ତିଭାବପୂର୍ଣ୍ଣ ପରିବେଶରେ ହୋଇଥିଲା। କୁକୁରଜଘା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ବାହୁଡ଼ାଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ। ଏଥିରେ ଗଜପତି ଭାବରେ ଅନିଲ ସିଂ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଅକ୍ଷୟ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ତିନି ବିଗ୍ରହଙ୍କ ସେବା କାର୍ଯ୍ୟ ପାଇଁ ବସନ୍ତ ଦାସ, ତ୍ରିନାଥ ତିୱାରୀ, କୈଳାଶ ତ୍ରିପାଠୀ, ଶ୍ରୀପତି ମିଶ୍ର ତଥା ବହୁ ବ୍ରାହ୍ମଣ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ରଦ୍ଧାଳୁ ମଧ୍ୟ ସହଯୋଗ କରିଥିଲେ। ଏହା ସହିତ ସରବାହାଲ, ମାରୱାଡି ପଡା, ବିଟିଏମ୍, ବେଲପାହାଡ, ଗୁମାଡେରା, ବନ୍ଧବାହାଲ, ଲଇକେରା, କିର୍ମିରାଠାରେ ମଧ୍ୟ ବାହୁଡା ଯାତ୍ରା ଭକ୍ତମୟ ପରିବେଶରେ ପାଳିତ ହୋଇଯାଇଛି। ଝାରସୁଗୁଡ଼ା ମାରୱାଡ଼ିପଡ଼ାଠାରେ ହୋଇଥିବା ବାହୁଡ଼ା ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ରଥ ଟାଣିଥିଲେ। ଏଠାରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଠାକୁରଙ୍କ ପହଣ୍ଡି କରିଥିଲେ। ବାହୁଡାଯାତ୍ରା ଅବସରରେ ଝାରସୁଗୁଡା ସହରର ବିଭିନ୍ନ ସ୍ଥାନରେ ଭକ୍ତମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

### ମୂଷଳ ଧାରା ବର୍ଷା, ରାସ୍ତାଘାଟ ବିଚ୍ଛିନ୍ନ

**ବିଭିନ୍ନ ନଦୀ, ନାଳରେ ବନ୍ୟା**

କୁଚିଣ୍ଡା, ୫।୭(ବିରଞ୍ଚି ଦର୍ଜୀ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ନଦୀ ଓ ନାଳ ଫୁଲି ଉଠିଛି। ଲଗାଣ ବର୍ଷା ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ଶନିବାର ଅପରାହ୍ନ ୧ଟାରୁ ମୂଷଳଧାରା ବର୍ଷାରେ କୁଚିଣ୍ଡା ଏନଏସି ୱାର୍ଡ ନଂ. ୧୧ ସଇଡା ବଡକିସାନପଡା ରାସ୍ତାରେ ବନ୍ୟା ପାଣି ଆସି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସମଗ୍ର ୱାର୍ଡର ଜନସାଧାରଣ ଏବେ ବନ୍ୟା ଘେରରେ ଫସି ରହିଛନ୍ତି। ସେହିପରି କହ୍ଲାପଡା, ଜୟପୁରଗଡ, ସାନଜଟିଆପାଲି, ଡୁମ୍ବେରମାଲ, ବାବୁମଲଟି, ଖଡକୁରବାହାଲ,ଚନ୍ଦନିମାଲ ଆଦି ଗ୍ରାମର ନାଳା ମାନଙ୍କରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବଭିନ୍ନ ଗ୍ରାମରେ ବର୍ଷା ଯୋଗୁଁ ଘରଦ୍ୱାର ଭାଙ୍ଗିବା ସହ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି।

## ଶିଶୁ ଶ୍ରମିକ ନିରାକରଣ ସକାଶେ ସଚେତନତା ସଭା


ଶିଶୁ ଶ୍ରମିକ ସଚେତନତା ସଭାରେ ଉପସ୍ଥିତ ଅଧିକାରୀ।

ଝାରସୁଗୁଡା,୫।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାରେ ଶିଶୁ ଶ୍ରମିକ ନିରାକରଣ ଏବଂ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଏକ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ଶିକ୍ଷାନୁଷ୍ଠାନର ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶ୍ରମ ଅଧିକାରୀ ସୁନିତା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ସରକାରଙ୍କ ଶିଶୁ ଶ୍ରମମୁକ୍ତ ଲକ୍ଷ୍ୟ ପୂରଣ ଦିଗରେ ସମସ୍ତେ ଯତ୍ନବାନ ପୂର୍ବକ କାର୍ଯ୍ୟ କରିବାକୁ ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଜିଲାବ୍ୟାପି ୧୫ ଦିନ ଧରି ସଚେତନତା ରଥ ପରିଭ୍ରମଣ କରିବା ସହିତ ସଚେତନତା ଶୋଭାଯାତ୍ରା ଆୟୋଜନ କରିବା ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରଭାଗୀୟ ଶ୍ରମଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ସଂଯୋଜନା କରି ପ୍ରାକ ସୂଚନା ପ୍ରଦାନ କରିଥିଲେ। ୧୪ବର୍ଷରୁ କମ ବୟସର ଶିଶୁ, ୧୫ରୁ ୧୮ବର୍ଷ ମଧ୍ୟରେ କିଶୋରମାନଙ୍କୁ କାର୍ଯ୍ୟରେ ନିୟୋଜନ କରାଗଲେ ଆଇନ ଅନୁଯାୟୀ କେଉଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଶ୍ରମ ଆୟୁକ୍ତ ନାୟକ ଉଲ୍ଲେଖ କରିଥିଲେ। ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାଇକ୍-କାର ଧକ୍କା, ଚାଳକ ଆହତ

ବ୍ରଜରାଜନଗର, ୫।୭(ବିଜୟ ବରାଡ଼)

ଝାରସୁଗୁଡା ଜିଲା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ଗାନ୍ଧିଛକ ବଲାଙ୍ଗିବାହାଲ ରାସ୍ତାର ଚାରଭାଟି ଦେମୂଳ ନିକଟରେ କାର ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବାଇକ ଚାଳକ ସାମାନ୍ୟ ଆହତ ହୋଇଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଗାନ୍ଧିଛକ ଫାଣ୍ଡି ଲୋଇସିଂହ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାରଭାଟି ଦେମୂଳ ନିକଟରେ ଗାନ୍ଧିଛକ ପଟୁ ଆସୁଥିବା ଜଣେ ବାଇକ ଚାଳକ ବିପରୀତ ଦିଗରୁ ଆସୁଥିବା ଏକ କାରକୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାରର ସାମ୍ନା ପଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାଇକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ବାଇକ ଚାଳକ ଜଣକ ସାମାନ୍ୟ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ବୁଝାସୁଝା କରିବା ପରେ ଉଭୟେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ।

## ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା


ଉପାନ୍ତ ଅଞ୍ଚଳ ତିଲଗିରେ ରଥାରୂଢ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ।

ଲଖନପୁର,୫।୭(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଭୁ ଜଗନ୍ନାଥଙ୍କ ବାହୁଡା . ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବେଲପାହାଡ଼, ଗୁମାଡେରା, ବନ୍ଧବାହାଲ, ଲଖନପୁର, ମଚିଦା, ପଲସଦା, ଅତାବିରା, କୁମର, କନକତୋରା, ତିଲଗି ପ୍ରଭୃତି ସ୍ଥାନରେ ବାହୁଡାଯାତ୍ରା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଉପାନ୍ତ ଅଞ୍ଚଳ ତିଲଗିରେ ବାହୁଡ଼ା ଯାତ୍ରା ଉତ୍ସାହର ସହ ହୋଇଥିଲା। ବିଶେଷକରି ୧୯ଖଣ୍ଡ ମୌଜା ଅନ୍ତର୍ଗତ ତିଲଗି ଗାଁ ରଥଯାତ୍ରା ଅଞ୍ଚଳରେ ବେଶ ପ୍ରସିଦ୍ଧି ଲାଭ କରିବା ସହ ଅଗଣିତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ।




### ବାହୁଡ଼ା ଦଶମୀରେ ଗରୁଡସ୍ତମ୍ଭ ନିକଟରେ ଦର୍ଶନ ଦେଲେ ଠାକୁର

**ଦେବଗଡ଼,୫।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ରେ ରଥଯାତ୍ରା ପରି ବାହୁଡ଼ାଯାତ୍ରାର ରହିଛି ଅନନ୍ୟ ପରମ୍ପରା। ଶନିବାର ବାହୁଡ଼ା ଦଶମୀ ତିଥିରେ ଚତୁର୍ଦ୍ଧା ଠାକୁର ରଥାରୂଢ ହୋଇ ରତ୍ନ ସିଂହାସନ ଅଭିମୁଖେ ଯାତ୍ରା କରିଥାନ୍ତି। ମାତ୍ର ଦେଗଡ଼ରେ ବାହୁଡ଼ା ଦଶମୀରେ ଠାକୁର ଜନ୍ମବେଦୀରେ ମଧ୍ୟାହ୍ନ ଭୋଗ ପରେ ଗରୁଡ଼ ସ୍ତମ୍ଭ ନିକଟରେ ତ୍ରିଭୁଜ ଆକାରରେ ବସି ଭକ୍ତଙ୍କୁ ସନ୍ଧ୍ୟା ଦର୍ଶନ ଦେଇଥାନ୍ତି। ଏହି ପରମ୍ପରା ଅନୁଯାୟୀ ଶନିବାର ମଧ୍ୟାହ୍ନ ଭୋଗ ପରେ ଚତୁର୍ଦ୍ଧା ମୂର୍ତ୍ତି ଗରୁଡ଼ ସ୍ତମ୍ଭ ନିକଟରେ ଦର୍ଶନ ଦେଉଛନ୍ତି। ଏହାକୁ ବିଭୀଷଣ ଦର୍ଶନ କୁହାଯାଉଥିବା ବେଳେ ସ୍ଥାନୀୟ ଲୋକମାନେ ଚେକା ଛାଡ଼ ମଧ୍ୟ କହିଥାନ୍ତି। ଠାକୁର ଚକେ ଲେଖାଏଁ ଛାଡି ବସୁଥିବାରୁ ଏହାକୁ ଠାକୁରଙ୍କ ଚେକାଛାଡ଼ ବୋଲି କହୁଥିବା ଶୁଣିବାକୁ ମିଳୁଛି। ରବିବାର ଏକାଦଶୀ ତିଥିରେ ଅପରାହ୍ନରେ ଠାକୁର ରଥାରୂଢ ହେବା ପରେ ପର ଦୁଇ ଦିନ ଧରି ରଥଟଣା ହେବ।

### ସମ୍ବଲପୁର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୁରସ୍କୃତ

ସମ୍ବଲପୁର,୫।୭(ପ୍ରମୋଦ ବହିଦାର)

ସମ୍ବଲପୁର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ(ଏନ୍‌କ୍ୟୁଏଏସ୍) ସାର୍ଟିଫିକେଟ୍ ହାସଲ କରିଛି। କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋପାଳପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଉପ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ କରାଯାଇଛି। ସ୍ୱାସ୍ଥ୍ୟସେବା, ପରିଛନ୍ନତା ରକ୍ଷା, ଜୈବବସ୍ତୁ ପରିଚାଳନା ଆଦି ବିଭିନ୍ନ ୭ଟି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉଭୟ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ପୁରସ୍କାର ମିଳିଛି। ୨୦୨୫ ଜୁନ ୯ ଓ ୧୦ତାରିଖରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ଦଳ ସମ୍ବଲପୁର ଗସ୍ତରେ ଆସି ଉଭୟ ଉପକେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏଠାରୁ ମିଳିଥିବା ତଥ୍ୟକୁ ତର୍ଜମା କରାଯାାଇଥିଲା। ଏହି ସାର୍ଟିଫିକେଟ ହାସଲ ପାଇଁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଉଭୟ ଗୋପାଳପାଲି ଓ ତବଲା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଯଥାକ୍ରମେ କୁଚିଣ୍ଡା ଓ ମାନେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ପରିଶ୍ରମ କରିଥିଲେ। ଏଥିରେ ଗୁଣବତ୍ତା ପ୍ରବନ୍ଧକ(କ୍ୱାଲିଟି ମ୍ୟାନେଜର) ବୈଶାଳିନୀ ସାହୁ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

## ସ୍କୁଲରେ ଚାରା ରୋପଣ

ଝାରସୁଗୁଡ଼ା,୫।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଡିଏଭି ସ୍କୁଲରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଡିଏଭି ସ୍କୁଲର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ପ୍ରତିନିଧିତ୍ୱରେ ଆୟୋଜିତ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରା ରୋପଣ ହୋଇଥିଲା। ସ୍କୁଲ ପରିସର ଓ ବାହ୍ୟ ପରିସରଭୁକ୍ତ ଖୋଲା ସ୍ଥାନରେ ଚାରା ରୋପଣ ସହିତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟକ୍ଷ ଦେବତାଙ୍କ ସହିତ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ସ୍କୁଲରେ ସପ୍ତାହବ୍ୟାପୀ ବୃକ୍ଷର ମାହାତ୍ମ୍ୟ ଉପରେ ବକ୍ତୃତା, କୁଇଜ, ଚିତ୍ରାଙ୍କନ ଆଦି ଆୟୋଜନ କରାଯାଇଥିଲା। ନୀଳିମା ପଟେଲ, ସବିତା ଧଳ, ରିଙ୍କୁ ଶର୍ମା, ଉମା ସିଂ ଚନ୍ଦେଲ, ମୋନିକା ଶ୍ରୀବାସ୍ତବ, ରଶ୍ମିତା ଲେଙ୍କା ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଡିଏଭି ସ୍କୁଲରେ ଚାରା ରୋପଣ କରାଯାଉଛି।

# ବ୍ରଜରାଜନଗର ଟନେଲ ରୋଡ୍‌ରେ ୪ ଫୁଟ ପାଣି

ବ୍ରଜରାଜନଗର, ୫।୭(ବିଜୟ ବରାଡ଼)

**ଯାତାୟାତ ବାଧାପ୍ରାପ୍ତ**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମୁଖ୍ୟ ମାର୍କେଟରୁ ଲମଟିବାହାଲ, ଯୋବ ଅଞ୍ଚଳକୁ ସଂଯୋଗ କରୁଥିବା ଏକମାତ୍ର ଟନେଲ ରୋଡ଼ରେ ଶନିବାର ସକାଳେ ଚାରି ଫୁଟରୁ ଅଧିକ ପାଣି ପ୍ରବାହିତ ହେଉଛି। ଫଳରେ ବ୍ରଜରାଜନଗର ମୁଖ୍ୟ ମାର୍କେଟ ଏବଂ ଲମଟିବାହାଲ ରାସ୍ତାରେ ଯାତାୟାତ ବିଚ୍ଛିନ୍ନ ହୋଇଛି। ଲୋକମାନେ ବାଧ ହୋଇ ୭କିଲୋମିଟର ଅଧିକ ବାଟ ଅତିକ୍ରମ କରି ମାର୍କେଟକୁ ଯିବାକୁ ବାଧ ହେଉଛନ୍ତି। ତେବେ ଗତ କିଛି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ଏହିପରି ପରିସ୍ଥିତି ଦେଖାଦେଇଛି। ଦୁଇ ଚକିଆ, ଚାରି ଚାକିଆ ଯାନ ଚଳାଚଳ ବନ୍ଦ ହୋଇଯାଇଥିବାବେଳେ ଚାଲିକି ଯିବା ମଧ୍ୟ ସମ୍ଭବ ହେଉନାହିଁ। ଫଳରେ ଏହି ଟନେଲ ରୋଡ଼ ଦେଇ ଲମଟିବାହାଲ ଯୋବ ଅଞ୍ଚଳରୁ ବ୍ରଜରାଜନଗର ମାର୍କେଟ, ୨ନମ୍ବର କୁଇଲତାପଡା, ବୁନ୍ଦିଆ କଲୋନୀ, କୁଦୋପାଲି, ବନ୍ଧବାହାଲ ଆଦି ଅଞ୍ଚଳକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମାର୍କେଟ ଅଞ୍ଚଳରୁ ବର୍ଷା ପାଣି ନିଷ୍କାସନ ପାଇଁ ଆଗୁଆ ପଦକ୍ଷେପ ନେଇଥିଲେ ଏହିପରି ପରିସ୍ଥିତି ସୃଷ୍ଟି ହୋଇ ନ ଥାଆନ୍ତା ବୋଲି ବ୍ରଜରାଜନଗରବାସୀ କହିଛନ୍ତି। ତେବେ ବ୍ରଜରାଜନଗର ପୌରାଞ୍ଚଳରେ ବର୍ଷା ଦିନେ ଜଳ ନିଷ୍କାସନ ପାଇଁ ନାଳନର୍ଦ୍ଦମା ଆଦି ସଫା କରା ନ ଗଲେ ଲୋକଙ୍କ ଘରକୁ ପାଣି ପଶିବାର ଆଶଙ୍କା ମଧ୍ୟ ରହିଛି। ତେଣୁ ପୌରପ୍ରଶାସନ ଏଥିପ୍ରତି ସଚେତନ ହୋଇ ଆଗୁଆ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।


ଟନେଲ ରୋଡ୍‌ରେ ପାଣି ପ୍ରବାହିତ ହେଉଛି।




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂତନ କଲେକ୍ସନ 'ନୁଓ୍ବା କଲେକ୍ସନ'ର ଅନାବରଣ ଶନିବାର ମାଲାବାରର ଶହୀଦନଗର ଶୋ'ରୁମ୍‌ରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ସମେତ ଶୋ'ରୁମ୍‌ର ଅଧିକାରୀ, କର୍ମଚାରୀ ଓ ଗ୍ରାହକ ତଥା ମଡେଲମାନେ ଉପସ୍ଥିତ ଅଛନ୍ତି।

# ୩୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଓମ୍‌ଫେଡ୍ ଘୋଳ ଦହି

**ଭୁବନେଶ୍ୱର, ୫।୭(ଅନୁରାଧା ମହାରଣା)**



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଓମ୍‌ଫେଡ୍ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପିପିଲିଠାରୁ ଆରମ୍ଭ କରି ପୁରୀ ବଡ଼ ଦାଣ୍ଡର ଜନ ଗହଳି ସ୍ଥାନରେ ଷ୍ଟଲ ଖୋଲି ଶ୍ରଦ୍ଧାଳୁମାନଙ୍କୁ ଗ୍ରୀଷ୍ମରୁ ରକ୍ଷା କରିବା ପାଇଁ ଘୋଳ ଦହି ବଣ୍ଟନ କରୁଛି। ପବିତ୍ର ଶ୍ରୀ ଗୁଣ୍ଡିଚା ଦିନ ୧୦ ହଜାର ଏବଂ ବାହୁଡାରେ ୧୦ ହଜାର ଘୋଳ ଦହି ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇଥିବାବେଳେ ସୁନା ବେଶ ଦିନ ୧୦ ହଜାର ପ୍ୟାକେଟ ବଣ୍ଟନ କରିବାକୁ ଯୋଜନା କରିଛି। ରଥଯାତ୍ରା ସମୟରେ ଓମ୍‌ଫେଡ ପକ୍ଷରୁ ପିପିଲିଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ବଡଦାଣ୍ଡରେ ମୋଟ ୨୨ଟି ଷ୍ଟଲ ଖୋଲାଯାଇଛି। ପୁରୀ ଟାଉନ ଭିତରେ ୭ଟି ଷ୍ଟଲ ରହିଛି। ଏହି ସବୁ ଷ୍ଟଲରେ ଓମଫେଡର ବିଭିନ୍ନ ଉତ୍ପାଦ ଯଥା ଦହି, ଲସି, ଫ୍ଲେଭର ମିଲ୍କ, ପେଡା, ଛେନାପୋଡ, ଆଇସକ୍ରିମ ଆଦି ବିକ୍ରି ମଧ୍ୟ ହେଉଛି। ଓମଫେଡ୍ ନିଜ ଉତ୍ପାଦର ପ୍ରଚାର ପ୍ରସାର କରିବା ସହ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସହାୟତା କରୁଛି। ଓମଫେଡ୍ କର୍ମଚାରୀ ଓ କିଛି ଓମଫେଡ୍ ବୁଥର ମାଲିକମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରୁଛନ୍ତି।

# ନଥିଙ୍ଗର ନୂତନ ଉତ୍ପାଦ

**ଭୁବନେଶ୍ୱର,୫।୭**

ନଥିଙ୍ଗର ନୂତନ ଉତ୍ପାଦ ତଥା ବହୁ ପ୍ରତୀକ୍ଷିତ 'ନଥିଙ୍ଗ ଫୋନ୍ (୩) ଏବଂ ନଥିଙ୍ଗ ହେଡଫୋନ୍ (୧)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ୍ ଏବଂ ସାହସିକ ନବସୃଜନ ସହିତ ଗ୍ରାହକ ପ୍ରଯୁକ୍ତିବିଦ୍ୟାକୁ ପୁନଃକଳ୍ପନା କରିବା ପାଇଁ ନଥିଙ୍ଗର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି। ସେହିଭଳି ନଥିଙ୍ଗ ଫୋନ୍ (୩) ସ୍ମାର୍ଟଫୋନ୍ କାର୍ଯ୍ୟଦକ୍ଷତା ଏବଂ ପ୍ରକାଶନର ଏକ ନୂତନ ଯୁଗ ପରିଚିତ କରାଉଛି। ଟେକ୍ନୋଲୋଜିକୁ ପୁଣି ଥରେ ବ୍ୟକ୍ତିଗତ ଅନୁଭବ ଦେବା ପାଇଁ ଡିଜାଇନ୍ କରାଯାଇଥିବାବେଳେ ଏଥିରେ ଏକ ପ୍ରୋ-ଗ୍ରେଡ୍ ଟ୍ରିପଲ୍ କ୍ୟାମେରା ସିଷ୍ଟମ୍ ସହ ଏକ କ୍ଲାସ୍-ଲିଡିଂ ୧/୧.୩' ମୁଖ୍ୟ ସେନ୍ସର ଅନ୍ତର୍ଭୁକ୍ତ ରହିଛି। ଫୋନ୍ (୩)ରେ ଏକ ନୂତନ ଟ୍ରି-ସ୍ତର ଲେଆଉଟ୍ ରହିଛି। ନଥିଙ୍ଗ ଫୋନ୍ (୩) କଳା ଏବଂ ଧଳା ରଙ୍ଗ ବିକଳ୍ପରେ ଉପଲବ୍ଧ ହେବ। ସେହିପରି ନଥିଙ୍ଗ ହେଡଫୋନ୍ (୧)ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ଓ ଶକ୍ତିଶାଳୀ ସାଉଣ୍ଡ ସିଷ୍ଟମ ସାମିଲ ରହିଛି। ଭାରତୀୟ ବଜାରରେ ଏହା କଳା ଏବଂ ଧଳା କଲରରେ ଉପଲବ୍ଧ ହେବ।

# ରାଜକୋଟରେ ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ଉଦ୍‌ଘାଟିତ



**ଭୁବନେଶ୍ୱର,୫।୭**

ବର୍ତ୍ତମାନ ସମୟରେ ଅକ୍ଷୟ ଶକ୍ତି (ସୋଲାରା ଏନର୍ଜି)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏହାକୁ ନଜରରେ ରଖି ଗୁଜରାଟର ରାଜକୋଟ୍‌ଠାରେ ଦେଶର ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ନିକଟରେ ଆରମ୍ଭ ସହ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତର ସର୍ବବୃହତ୍ ଏବଂ ସର୍ବାଧିକ ଉନ୍ନତ ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ୍ ଉତ୍ପାଦନ ପ୍ଲାଣ୍ଟ ଗୁଜରାଟର ରାଜକୋଟ୍‌ଠାରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍ ଶୁଭାରମ୍ଭ କରିଛି। ଚିଭଦେନ ରାଜକୋଟ ଗ୍ରାମରେ ଅବସ୍ଥିତ ଏହି ପ୍ଲାଣ୍ଟ ବାର୍ଷିକ ୨୪,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଉତ୍ପାଦନ ସହ ୬ ଗିଗାୱାଟ (ଜିଡବ୍ଲ୍ୟୁ) ପର୍ଯ୍ୟନ୍ତ ସୌର ଶକ୍ତି ପ୍ରକଳ୍ପ ସ୍ଥାପନକୁ ଶକ୍ତି ଓ ସମର୍ଥନ ଯୋଗାଇପାରିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ସି.ଆର୍.ପାଟିଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସରକାରୀ ପଦାଧିକାରୀ, ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମର ନେତୃତ୍ୱ ପ୍ରଦାନକାରୀ ଟିମ୍ ଏବଂ ସମସ୍ତ ନିମନ୍ତ୍ରିତ ଅତିଥିଗଣ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ଉତ୍ତମ ପଟେଲ କହିଥିଲେ, ଏହା ଗୋଟିଏ ସ୍ଥାନରେ ଭାରତର ସର୍ବବୃହତ୍ ଏବଂ ସର୍ବାଧୁନିକ ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ପ୍ଲାଣ୍ଟ ହେବ ଏବଂ ଏହାକୁ ଆମେ ରେକର୍ଡ ସମୟ ମାତ୍ର ବର୍ଷକ ମଧ୍ୟରେ ସ୍ଥାପନ କରିବାରେ ସମର୍ଥ ହୋଇଥିଲୁ। ଏଥିପାଇଁ ଆମେ ରାଜ୍ୟ ସରକାର ଏବଂ ସମସ୍ତ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେମାନଙ୍କର ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଉଛୁ। ସମ୍ପ୍ରତି ଭାରତ ତାହାର ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ ଆବଶ୍ୟକତାର ୯୦ରୁ୯୫% ଆମଦାନୀ କରୁଛି ଏବଂ ଏହି ପ୍ଲାଣ୍ଟ ସ୍ଥାପନ ଦ୍ୱାରା ଆମେ ମେକ୍ ଇନ୍ ଇଣ୍ଡିଆ ପ୍ରୟାସକୁ ସମର୍ଥନ କରିବା ସହ ସୌରଶକ୍ତି କ୍ଷେତ୍ରରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଦିଗରେ ଅର୍ଥପୂର୍ଣ୍ଣ ଭାବେ ଯୋଗଦାନ ରଖୁଛୁ।

# ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ଦିଗରେ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ




ସମାବେଶରେ ସିଇଓ ଓ ବରିଷ୍ଠ ଅଧିକାରୀଗଣ।

**ବାଲେଶ୍ୱର, ୫।୭ (ବାଞ୍ଛାନିଧି ଦେ)**

ଟିପିଏନଓଡିଏଲ୍ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାରେ ବୈଦ୍ୟୁତିକ ଭିତ୍ତିଭୂମି ସୁଦୃଢ଼ ହୋଇଛି। ବିଜୁଳି ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯାଇଛି। ବିଶେଷତଃ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଙ୍ଗଠିତ କରିଛି ବୋଲି ନୂତନ ଭାବେ ଯୋଗଦେଇଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ ଏସ୍. କାଲେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଭାବ ବିନିମୟ ସମାବେଶ ଅନୁଷ୍ଠିତ ହୋଇଥିଲା। ସିଇଓ କାଲେ ଏଥିରେ ଅଧକ୍ଷତା କରି ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ଆସିଛି। ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଫଳରେ ଏବେ ଦୁର୍ଘଟଣା ହ୍ରାସ ପାଇଛି। ୨୪ ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ୨୪ଘଣ୍ଟିଆ କଲ୍ ସେଣ୍ଟର ସ୍ଥାପନ କରାଯାଇଛି। ବନ୍ୟା, ବାତ୍ୟା, ଝଡ଼ତୋଫାନ ଓ କାଳବୈଶାଖି ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ ଭୂତଳ ଏବଂ ଓଭରହେଡ୍ ବିଦ୍ୟୁତ୍ ଲାଇନର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ସେହିପରି ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଏନଓଡିଏଲ୍ ବିଶେଷ ଗୁରୁତ୍ୱ ଦେଉଛି। ପୋର୍ଟାଲରେ ପଞ୍ଜିକରଣ ପରେ ନିଶ୍ଚିନ୍ତରେ ପ୍ରକଳ୍ପ ଯୋଗାଇବାଠାରୁ ଆରମ୍ଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରଙ୍କ ତରଫରୁ ରିହାତି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛି। ଅପରପକ୍ଷରେ ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ ମଧ୍ୟ ଗୁରୁଦାୟିତ୍ୱ ବହନ କରୁଛି। ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ଗତ କିଛି ବର୍ଷ ମଧ୍ୟରେ ୨ଲକ୍ଷ ୭୪ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଯାଉଛି ବୋଲି କହିଥିଲେ। ଟାଟା ପାୱାରର ଚିଫ୍ ଅଫ୍ ଅପରେଶନ୍ ନିଲେଶ ପୋଟଫୋଡ଼େ, ଚିଫ୍ ଅଫ୍ କମର୍ସିଆଲ ଜୟଦୀପ ରାୟ, ଚିଫ୍ ଫାଇନାନ୍ସିଆଲ ଅଫିସର ସିଲାଦିତ୍ୟ ସେନଗୁପ୍ତା, ଏଚ୍‌ଆର୍ ହେଡ୍ ରମେନ୍ଦ୍ର ବନିକ, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଓ ସୁବିଧା, ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ।

# ଆଇଜି ଡ୍ରୋନ୍ସକୁ ଭାରତର ପ୍ରଥମ ପାଟେଣ୍ଟ

**ଭୁବନେଶ୍ୱର,୫।୭ (ଅଭୟ ଦାଶ)**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଷ୍ଟାର୍ଟଅପ୍ ୟୁନିଟ୍ 'ଆଇଜି ଡ୍ରୋନ୍ସ'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ଏପରିକି ପ୍ରତିରକ୍ଷା ଡ୍ରୋନ୍ ସିମୁଲେଟର ପାଇଁ ଆଇଜି ଡ୍ରୋନ୍ସ ଭାରତର ପ୍ରଥମ ପାଟେଣ୍ଟ ହାସଲ କରିଛି। ସେହିଭଳି ଏକ ଐତିହାସିକ ପଦକ୍ଷେପ ସହ ଆଇଜି ଡ୍ରୋନ୍ସକୁ ଦେଶର ପ୍ରଥମ ସ୍ୱଦେଶୀ ଡିଫେନ୍ସ ଡ୍ରୋନ୍ ସିମୁଲେଟର ପାଇଁ ପାଟେଣ୍ଟ ପ୍ରଦାନ କରାଯାଇଛି। ଡିଫେନ୍ସ ଏକ୍ସପୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ସିମୁଲେଟର ବର୍ତ୍ତମାନ ଭାରତର ଘରୋଇ ପ୍ରତିରକ୍ଷା ଉତ୍କର୍ଷର ଏକ ପ୍ରତୀକ ଭାବେ ଉଭାହୋଇଛି। ସେହିପରି ସମ୍ପୂର୍ଣ୍ଣ ରୂପେ ଭାରତରେ ପରିକଳ୍ପିତ, ବିକଶିତ ଓ ନିର୍ମିତ ଏହି ପରବର୍ତ୍ତୀ ପିଢ଼ିର ସିମୁଲେଟର ଭାରତୀୟ ସେନା, ନୌସେନା, ବାୟୁସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପାଇଁ ସର୍ବୋଚ୍ଚ ବିଶ୍ୱସ୍ତତା, ବାସ୍ତବ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏପରିକି ଏହା ସୈନ୍ୟବାହିନୀରେ ଆମର ସୈନିକମାନଙ୍କୁ ଜିପିଏସ୍-ଡିନାଏଡ୍ ଜୋନ୍ ଓ ମଲ୍ଟି-ଡ୍ରୋନ୍ ମିଶନ ସମେତ ଅଧିକ ବିପଦପୂର୍ଣ୍ଣ ପରିବେଶଗୁଡିକରେ ଯୁଦ୍ଧ ଡ୍ରୋନ୍‌ଗୁଡିକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ସଶକ୍ତ କରିଥାଏ। ଏ ସମ୍ପର୍କରେ ଆଇଜି ଡ୍ରୋନ୍‌ର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର୍.ସି. ପାଢୀ କହିଛନ୍ତି, ଏହି ସିମୁଲେଟର ଭାରତୀୟ ପ୍ରତିରକ୍ଷା କ୍ଷେତ୍ରର ପ୍ରସ୍ତୁତିରେ ଏକ ନୂଆ ଅଧ୍ୟାୟର ପ୍ରତିନିଧିତ୍ୱ କରିଛି। ଏପରିକି ଆମର ସୈନ୍ୟ ବଳକୁ ଏହା ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ, ଅତ୍ୟାଧୁନିକ ସିମୁଲେଶନ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଫଳରେ ସେମାନେ ଯେପରି ପରବର୍ତ୍ତୀ ଯୁଦ୍ଧ ସ୍ଥିତି ପାଇଁ ଯୁଦ୍ଧ-ପ୍ରସ୍ତୁତ ରହିବେ ବୋଲି ଆମେ ତାହା ନିଶ୍ଚିତ କରିଛୁ। ଏହି ପାଟେଣ୍ଟ ଉଦ୍ଭାବନ ମାଧ୍ୟମରେ ଭାରତୀୟ ନିର୍ମାଣ ଓ ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଇଜି ଡ୍ରୋନ୍ସର ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି ପାଢୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଆଉଟଡୋର୍ ପ୍ରଡକ୍ଟସରେ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୫।୭**

ପ୍ରତି ଥର ପରି ଚଳିତ ଥର ମଧ୍ୟ ଆମାଜନ.ଇନ୍ ପ୍ରାଇମ୍ ଡେର ଆଉଟଡୋର୍ ପ୍ରଡକ୍ଟସ ଉପରେ ଆକର୍ଷଣୀୟ ଅଫର ଦିଆଯାଉଛି। ବିଶେଷକରି ଏହି ନବମ ସଂସ୍କରଣ ୨୦୨୫ ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅବସରରେ ଗ୍ରାହକ ହାର୍ଲି ଡାଭିଡସନ୍, ୟୁରେକା, ବୋଶ୍ ଏବଂ ଅନ୍ୟାନ୍ୟ ଶୀର୍ଷ ବ୍ରାଣ୍ଡର ଘର, ରୋଷେଇ ଘର ଏବଂ ଆଉଟଡୋର୍ ଉତ୍ପାଦଗୁଡିକରେ ଅତୁଳନୀୟ କଲେକ୍ସନ ସୁଲଭ ମୂଲ୍ୟରେ ପାଇପାରିବେ। ସ୍ମାର୍ଟ ହୋମ୍ ସଲ୍ୟୁସନ୍ ଏବଂ ମୋଟରବାଇକ୍‌ଠାରୁ ଫର୍ନିଚର ଏବଂ ଅନ୍ୟାନ୍ୟ ପର୍ଯ୍ୟନ୍ତି ଗ୍ରାହକମାନେ ଆଇସିଆଇସିଆଇ ଏବଂ ଏସ୍‌ବିଆଇ ବ୍ୟାଙ୍କ କାରବାରରେ ୧୦% ତୁରନ୍ତ ରିହାତି ପାଇପାରିବେ। ସେହିଭଳି ସର୍ବନିମ୍ନ ମୂଲ୍ୟରେ ୭୫୦ ରୁ ଅଧିକ ଋତୁକାଳୀନ ଏବଂ ଏଭରଗ୍ରୀନ୍ ବେଷ୍ଟସେଲର୍ ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହା ସହ ଛୋଟ ଉପକରଣ ଏବଂ ଫର୍ନିଚର ଉପରେ ୧୨୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଏପରିକି ଗ୍ରାହକମାନେ ଏୟାର କୁଲର, ଆସେସୋରିଜ୍ ଏବଂ ପାଣି ବୋତଲ ସମେତ ଗ୍ରୀଷ୍ମକାଳୀନ ଆବଶ୍ୟକ ସାମଗ୍ରୀ ଉପରେ ମଧ୍ୟ ଶ୍ରେଷ୍ଠ ଡିଲ୍ ଉପଭୋଗ କରିପାରିବେ। ସେହିପରି ଏହି ଶ୍ରେଷ୍ଠ ଫର୍ନିଚରଗୁଡ଼ିକ ମଧ୍ୟରେ ଆଧୁନିକ ଜୀବନଶୈଳୀ ସହ ପ୍ରସ୍ତୁତ ଡ୍ରୋଗୋର ପ୍ରିମିୟମ୍ ଫର୍ନିଚର କଲେକ୍ସନ, ଏନିଗ୍ମାଟିକ୍ କାଠ କାର୍ଯ୍ୟର ପ୍ରିମିୟମ କାଠ ଫର୍ନିଚର ସଂଗ୍ରହ ରହିଛି। ସ୍ମାର୍ଟ ହୋମ୍ ଉପକରଣ ବର୍ଗରେ ୟୁରେକା ଫୋର୍ବସ୍‌ରୁ ଆରମ୍ଭ କରି ଆକ୍ୱାଗାର୍ଡ ବ୍ଲେଜ୍ ଇନଷ୍ଟା ୱାଟର ପ୍ୟୁରିଫାୟର୍ ଭଳି ଉତ୍ପାଦ ଉପଲବ୍ଧ ରହିଛି। ବିଏଲ୍‌ଡିସି-ଚାଳିତ ସିଲିଂ ଫ୍ୟାନ୍‌ଠାରୁ ଆରମ୍ଭ କରି ସହଜ ସ୍ମାର୍ଟ ନିୟନ୍ତ୍ରଣ ପର୍ଯ୍ୟନ୍ତ ସାମଗ୍ରୀ ଉପଲବ୍ଧ।

# ବାକାର୍ଡି ଇଣ୍ଡିଆର ଲିଗାସି ହ୍ୱିସ୍କି ବିଶ୍ୱସ୍ତରୀୟ ପୁରସ୍କାରରେ ସମ୍ମାନିତ

WORLD 25 WHISKIES AWARDS GOLD

ଉତ୍କୃଷ୍ଟ ତଥା ବିଶ୍ୱସ୍ତରୀୟ ଭାରତୀୟ କାରିଗରିର ନିଦର୍ଶନ ସ୍ୱରୂପ ବାକାର୍ଡି ପ୍ରିମିୟମ୍ ଇଣ୍ଡିଆନ୍ ହ୍ୱିସ୍କି ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ପଦକ ଏବଂ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ହାସଲ କରିଛି।

ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ମଦ ଉଦ୍ୟୋଗର ଅନ୍ୟତମ ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅଟେ। ଏଥିରେ ସାରା ପୃଥିବୀରେ ଉପଭୋକ୍ତା ଓ ବାଣିଜ୍ୟ ପାଇଁ ଅସାଧାରଣ ତଥା ସର୍ବଶ୍ରେଷ୍ଠ ହ୍ୱିସ୍କିଗୁଡ଼ିକୁ ଚୟନ ଏବଂ ପ୍ରୋତ୍ସାହିତ କରାଯାଇଥାଏ। ହ୍ୱିସ୍କିଗୁଡ଼ିକୁ ନୋଜ୍, ପ୍ୟାଲେଟ୍, ଫିନିଶ୍, ବାଲାନ୍ସ, କ୍ୱାଲିଟି, ବିଶେଷତା, ଜଟିଳତା ତଥା କାର୍ଯ୍ୟକ୍ଷମତାର ମାନଦଣ୍ଡରେ ବିଚାର କରାଯାଇଥାଏ।

ଏହି ଦୃଷ୍ଟିରୁ ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ହ୍ୱିସ୍କି ପ୍ରେମୀ, ଉଦ୍ୟୋଗ ବିଶେଷଜ୍ଞ ତଥା ଅନୁରାଗୀମାନଙ୍କୁ ଏକତ୍ରିତ ହେବା ତଥା ହ୍ୱିସ୍କି କାରିଗରିର ଶୀର୍ଷ କୃତିତ୍ୱର ଉତ୍ସବ ପାଳନର ଏକ ଉତ୍କୃଷ୍ଟ ମଞ୍ଚ ଭାବେ କାମ କରିଥାଏ।

ଏହି ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମରେ ସବୁଠାରୁ ଉତ୍କୃଷ୍ଟ ହ୍ୱିସ୍କିଗୁଡ଼ିକୁ ଚୟନ, ପୁରସ୍କୃତ ଏବଂ ପ୍ରୋତ୍ସାହିତ କରାଯାଇଥାଏ ଓ ସ୍ୱାଦ, ଜଟିଳତା ତଥା ବିଶେଷତାର ସୀମାକୁ ପରିବ୍ୟାପ୍ତ କରିଥିବା ହ୍ୱିସ୍କି ପ୍ରସ୍ତୁତକାରୀଙ୍କ ପାରଙ୍ଗମତାକୁ ଲୋକଲୋଚନକୁ ଅଣାଯାଇଥାଏ।

ସ୍ୱର୍ଣ୍ଣପଦକ ନିଶ୍ଚିତ ଭାବେ ଉତ୍କର୍ଷର ଏକ ନିଦର୍ଶନ ଅଟେ କାରଣ ପ୍ରତ୍ୟେକ ପ୍ରତିଯୋଗୀ ହ୍ୱିସ୍କିକୁ ୧୦୦ଟି ନିର୍ଦ୍ଦିଷ୍ଟ ମାନଦଣ୍ଡରେ ମୂଲ୍ୟାୟନ କରାଯାଇଥାଏ। ତା' ସହିତ ଦ ଡ୍ରିଙ୍କ୍ସ ବିଜ୍‌ନେସ୍ ଏସିଆ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା 'ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫'ରେ ରୌପ୍ୟପଦକ ବିଶ୍ୱ ଦରବାରରେ ଲିଗାସିର ବୃଦ୍ଧିଶୀଳ ଆଦୃତିକୁ ଆହୁରି ସୁଦୃଢ଼ କରିଛି।

ବାକାର୍ଡି ଇଣ୍ଡିଆର ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକର ବିପଣନ ନିର୍ଦ୍ଦେଶକ ମହେଶ କାଞ୍ଚନଙ୍କ ମତରେ, "ଲିଗାସି ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ଓ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ଜିତିବାକୁ ନେଇ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ଏହା ଏକ ଯୁଗାନ୍ତକାରୀ ମୁହୂର୍ତ୍ତ ଯାହା ଭାରତୀୟ ହ୍ୱିସ୍କିକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବାର ଆମର ଦୂରଦୃଷ୍ଟିକୁ ଦୃଢ଼ୀକୃତ କରିଛି। ଏହି ସ୍ୱୀକୃତି ବୋଲ୍ଡ, ନିଆରା ଏବଂ ଭାରତୀୟ ଐତିହ୍ୟ ସହ ନିବିଡ଼ ଭାବେ ଜଡ଼ିତ ବିଶ୍ୱସ୍ତରୀୟ ସ୍ପିରିଟ୍ସ ତିଆରି କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରମାଣ ଅଟେ। ଆମେ ସୀମାରୁ ଆଗକୁ ଯିବା, ନବପ୍ରବର୍ତ୍ତନ କରିବା ଏବଂ ଆକାର ବିସ୍ତାର କରିବା ଜାରି ରଖିଥିବା ବେଳେ, ଲିଗାସି ଭାରତୀୟ ହ୍ୱିସ୍କି ପାଇଁ ଗୌରବ, ଉଦ୍ଦେଶ୍ୟ ତଥା ବୈଶ୍ୱିକ ସମ୍ଭାବନା କ୍ଷେତ୍ରରେ ନୂଆ ପଥ ପ୍ରଶସ୍ତ କରିବା ଲାଗି ନେତୃତ୍ୱ ନେଉଛି।"

ଭାରତୀୟ ଶସ୍ୟରେ ଉତ୍ପାଦିତ ଭାରତୀୟ ଏବଂ ସ୍କଟିଶ ମଲ୍ଟର ଏକ ଅନନ୍ୟ ସମ୍ମିଶ୍ରଣ, ଲିଗାସି ଫ୍ରୁଟି ନୋଟ୍, ହାଲୁକା ସ୍ମୋକ୍, ଟୋଷ୍ଟେଡ୍ ଓକ୍ ଓ ମସଲାର ସୁଗନ୍ଧ ସହ ଦେଇଥାଏ ଏକ ସମୃଦ୍ଧ, ସ୍ମୁଦ୍ ସ୍ୱାଦ, ଯାହା ଏହାକୁ ଅତ୍ୟନ୍ତ ସୁସ୍ୱାଦୁ ଓ ସମ୍ପୂର୍ଣ୍ଣ ସନ୍ତୁଳିତ ପାନୀୟରେ ପରିଣତ କରିଥାଏ। ନିଜର କରାଗିରି ଓ ସ୍ୱାଦ ମାଧ୍ୟମରେ ଭାରତର ସଂସ୍କୃତି ଓ ଉତ୍ସାହକୁ ପ୍ରତିଫଳିତ କରୁଥିବା ଲିଗାସି ବଜାର ପ୍ରବେଶ ପରଠାରୁ ହିଁ ଜନସାଧାରଣଙ୍କ ଗହଣରେ ଅଭୂତପୂର୍ବ ଆଦୃତି ଲାଭ କରିପାରିଛି।

ଲିଗାସି କେବଳ ଏକ ସ୍ପିରିଟ୍ ନୁହେଁ, ବରଂ ଏହା ଭାରତୀୟ କାରିଗରିର ଏକ ଉତ୍ସବ - ଏକ ସମୃଦ୍ଧ, ଅତି ସୂକ୍ଷ୍ମ ଅଭିବ୍ୟକ୍ତି - ଯାହା କାଳଜୟୀ ଐତିହ୍ୟ ସହ ଆଧୁନିକତାକୁ ଏକାକାର କରିଥାଏ। ଏହି ଅନ୍ତର୍ଜାତୀୟ ସମ୍ମାନ କେବଳ ଯେ ଲିଗାସିର ଉତ୍କୃଷ୍ଟ ଗୁଣକୁ ପ୍ରମାଣିତ କରିଛି ତାହା ନୁହେଁ ବରଂ ପ୍ରିମିୟମ୍ ସେଗମେଣ୍ଟରେ ଏକ ଉଦୀୟମାନ ତାରକା ଭାବେ ଏହି ହ୍ୱିସ୍କିର ଉପସ୍ଥିତିକୁ ଦୃଢ଼ସ୍ଥାପିତ କରିଛି। ଏହା ଭାରତୀୟ ହ୍ୱିସ୍କି ଜଗତରେ ବାକାର୍ଡିର ଉପସ୍ଥିତିକୁ ଏକ ସୁଦୃଢ଼ ଓ ସମ୍ମାନଜନକ ସ୍ଥିତି ମଧ୍ୟ ପ୍ରଦାନ କରିଛି।

Legacy™

ଲିଗାସି ହ୍ୱିସ୍କି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ମେଘାଳୟ, ଆସାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, କେରଳ, ପଣ୍ଡିଚେରୀ ଓ ଗୋଆର ପ୍ରମୁଖ ବଜାରରେ ୩ଟି ଆକାର (୭୫୦ ମିଲି, ୩୭୫ ମିଲି, ଏବଂ ୧୮୦ ମିଲି)ରେ ଉପଲବ୍ଧ। ଏହା ସାରା ବିଶ୍ୱ ମଧ୍ୟରୁ ଭାରତକୁ ନିଜର ପ୍ରମୁଖ ବଜାରରେ ପରିଣତ କରିବା ପାଇଁ ବାକାର୍ଡିର ପ୍ରତିବଦ୍ଧତାର ପରିଚାୟକ ଅଟେ।

*ଦାବିତ୍ୟାଗ: ଏହି ଆଲେଖ୍ୟ ମଦ୍ୟପାନୀୟ ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଧ୍ୟାନରେ ରଖାଯିବା ଆବଶ୍ୟକ ଯେ, ଆଲକହଲ୍ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଏବଂ ଏହା ଅପ୍ରାପ୍ତବୟସ୍କଙ୍କ ପାଇଁ ନିଷେଧ।*

# ପାଖରେ ପାଣିଟାଙ୍କି, ପିଇବାକୁ ମିଳୁନାହିଁ

## ୪୦ରୁ ଊର୍ଦ୍ଧ୍ୱ ପରିବାର ପାଇଁ ବିଶୁଦ୍ଧ ପାଇପ୍ ଜଳ ଦିବାସ୍ୱପ୍ନ

ସମ୍ବଲପୁର, ୫।୭ (ପ୍ରମୋଦ ବହିଦାର)

ପାଣିଟାଙ୍କି (ଜଳ ବିଶୋଧନ ଓ ଯୋଗାଣ କେନ୍ଦ୍ର) ପାଖରେ ଥାଇ ଜଳକଷ୍ଟ ଭୋଗୁଛନ୍ତି ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୨୨ର ବାସିନ୍ଦା। ଏଠାରେ ଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ବିଶୁଦ୍ଧ ପାନୀୟ ଜଳ ଦିବାସ୍ୱପ୍ନ ପାଲଟିଛି। ସମ୍ବଲପୁର ସହରର ସର୍ବପୁରାତନ ମୁଦିପଡ଼ା ପାଣିଟାଙ୍କିରୁ ମାତ୍ର ୯ ଶହ ମିଟର ଦୂରରେ ଅବସ୍ଥିତ ମାଳିପଡ଼ାରେ ବସବାସ କରୁଥିବା ୪୦ ପରିବାର ଗୃହକୁ ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ବିଛା ଯାଇଛି। ମାତ୍ର ଜଳ ଯୋଗାଣ ସଂଯୋଗୀକରଣ ହୋଇନାହିଁ। ଏହାକୁ ନେଇ ବିଭିନ୍ନ ସମୟରେ ଉକ୍ତ ଅଞ୍ଚଳବାସୀ ସମ୍ବଲପୁର ସହରରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାୟିତ୍ୱରେ ଥିବା ୱାଟର କର୍ପୋରେଶନ ଅଫ ଓଡ଼ିଶା (ୱାଟ୍‌କୋ) ମହାପ୍ରବନ୍ଧକ ବ୍ରହ୍ମେଶ୍ୱର ଦାସ ସମ୍ବଲପୁରଙ୍କୁ ଲିଖିତ ଭାବେ ଜଣାଇବା ସହିତ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଓ ସମ୍ବଲପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ କୌଣସି ସୁଫଳ ମିଳି ନାହିଁ ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବିଗତ ୫ବର୍ଷ ହେଲା କେନ୍ଦ୍ର ସରକାରଙ୍କ ଅମୃତଧାରା ଯୋଜନାରେ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ବିଛାଯାଇଛି। ମାତ୍ର ଉକ୍ତ ପାଇପ୍‌କୁ ସହରରେ ଜଳ ଯୋଗାଣ ହେଉଥିବା ମୁଖ୍ୟ ପାଇପ୍‌ରେ ସଂଯୋଗ କରାଯାଉ ନ ଥିବାରୁ ଜଳ ଯୋଗାଣ ଆରମ୍ଭ ହୋଇ ପାରିନାହିଁ। ଫଳରେ ଦୀର୍ଘ ବର୍ଷ ଧରି ଏଠାରେ ଘର କରି ରହିଥିବା ପରିବାର ନିଜ କୂଅ ବା ନଳକୂପ ଉପରେ ନିର୍ଭର କରି ଆସୁଛନ୍ତି। ଅନ୍ୟପକ୍ଷେ ନିଜ ଘରେ ନଳକୂପ ବା କୂଅ ଖୋଳିବାକୁ ଅକ୍ଷମ କେତେକ ପରିବାର ରାସ୍ତା ପାର୍ଶ୍ୱରେ ଥିବା ଷ୍ଟାଣ୍ଡ ପଏଣ୍ଟ କିମ୍ବା ନଳକୂପ ବା ନିକଟସ୍ଥ ପୋଖରୀ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ତେବେ ଗ୍ରୀଷ୍ମ କାଳରେ ଭୂତଳ ଜଳସ୍ତର ହ୍ରାସ ଓ ପୋଖରୀ ଶୁଖିଗଲେ ଅଞ୍ଚଳବାସୀଙ୍କ ଏହି ଜଳକଷ୍ଟ ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏପରିକି ଦୂଷିତ ଜଳ ବ୍ୟବହାର କରି ବିଭିନ୍ନ ଜଳବାହିତ ରୋଗରେ ପୀଡ଼ିତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଶନିବାର ଅଞ୍ଚଳର ବିଦ୍ୟାଧର ପଣ୍ଡା, ହରିହର ପାଣି, ପ୍ରମୋଦ ଖମାରୀ, ଅନିଲ ପାଣିଗ୍ରାହୀ, ସୁଧାଂଶୁ ଶେଖର ମହାରଣା ପ୍ରମୁଖ ୱାଟ୍‌କୋ ମହାପ୍ରବନ୍ଧକ ଦାସଙ୍କୁ ସାକ୍ଷାତ କରି ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ତେବେ ଏ ଦିଗରେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ କରାଯିବ ବୋଲି ମହାପ୍ରବନ୍ଧକ ଦାସ କହିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ

କୁଚିଣ୍ଡା, ୫।୭(ବିରଞ୍ଚି ଦର୍ଭା): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନଏସି ୱାର୍ଡ ନଂ.୨ ବିହାରିପଡାରେ ଘର ଆଇବେଷ୍ଟସ ସେଡ ପାଇଁ ୱେଲଡିଂ କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ପଶ୍ଚିମବଙ୍ଗ ଗଙ୍ଗାପ୍ରସାଦର ନାସିର ସେକ(୪୦)। କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ କୁଚିଣ୍ଡା ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ଶନିବାର ସକାଳେ ମୃତ ଶ୍ରମିକ ଅନ୍ୟ ଶ୍ରମିକଙ୍କ ସହ ଆଇବେଷ୍ଟସ ସେଡିଂ କାମ କରୁଥିଲେ। ଅସାବଧାନତା ଯୋଗୁ ନାସିରଙ୍କ ମୁଣ୍ଡରେ ବିଦ୍ୟୁତ୍ ତାର ଲାଗି ଯିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ କୁଚିଣ୍ଡା ଉପଖଣ୍ଡ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମଧ୍ୟ କୁଚିଣ୍ଡାରେ ଏଭଳି ଆଇବେଷ୍ଟସ ସେଡିଂ କରୁଥିବା ସମୟରେ ଜଣେ ଯୁବକଙ୍କ ଜୀବନ ଯାଇଥିଲା।

# ସୂଚନା ଓ ଲୋକସମ୍ପର୍କ ଅଫିସ, ପାଠାଗାର ଉଦ୍‌ଘାଟିତ



ମନ୍ତ୍ରୀ ରବି ନାରାୟଣ ନାଏକ ଫିତାକାଟି ସୂଚନା ଲୋକସମ୍ପର୍କ ଅଫିସକୁ ଉଦ୍‌ଘାଟନ କରୁଛନ୍ତି।

**କୁଚିଣ୍ଡା,୫।୭(ବିରଞ୍ଚି ଦର୍ଭା):** ଦୀର୍ଘ ଦିନ ଧରି ସମ୍ବଲପୁର ଜିଲା କୁଚିଣ୍ଡାରେ ବନ୍ଦ ଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟକୁ ପ୍ରଶାସନର ପ୍ରତିଶ୍ରୁତି ଅନୁଯାୟୀ ଶନିବାର ଜନସାଧାରଣଙ୍କ ପାଇଁ ଖୋଲାଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଦୀର୍ଘ ସାଢେ ୩ବର୍ଷ ହେବ କୁଚିଣ୍ଡାରେ ଥିବା ସୂଚନା ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ଓ ପାଠାଗାରକୁ ସ୍ଥାନୀୟ ପ୍ରଶାସନ ବନ୍ଦ କରିଦେବା ସହିତ ସେଠାରେ କାର୍ଯ୍ୟରତ ଥିବା ଏକମାତ୍ର ପିଅନଙ୍କୁ ଉପଜିଲାପାଳ କାର୍ଯ୍ୟାଳୟ ନେଇଯାଇଥିଲା। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ କୁଚିଣ୍ଡା ସାମ୍ବାଦିକ ରୀତିମତ ଉପଜିଲାପାଳ, ଜିଲାପାଳ ଏବଂ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକଙ୍କୁ ବିଭିନ୍ନ ସମୟରେ ଅନୁରୋଧ କରାଯାଇଥିଲା। ହେଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଏପରିକି ଗତ ଏପ୍ରିଲ ୨୨ରେ ସମ୍ବଲପୁରଠାରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ମଧ୍ୟ କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆନଯିବାରୁ ଗତ ଜୁନ ୩୦ରେ କୁଚିଣ୍ଡା ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ୧୦ ଦିନ ମଧ୍ୟରେ କାର୍ଯ୍ୟାଳୟ ଖୋଲାଯିବାକୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ତଦଅନୁଯାୟୀ ଶନିବାର ପ୍ରଶାସନ ପକ୍ଷରୁ ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟ ଓ ପାଠାଗାରକୁ କଳା ପରିଷଦ ପରିସରରେ ଖୋଲାଯାଇଛି। ମନ୍ତ୍ରୀ ନାଏକ ଅଳ୍ପଦିନ ମଧ୍ୟରେ ଏହି କାର୍ଯ୍ୟାଳୟରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଡେପୁଟି କଲେକ୍ଟର ସରିତା ଓରାମ, ତହସିଲଦାର ମିତାଲି ମଧୁମିତା ଦଳେଇ ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ,ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ବିଡ଼ିଓ ଜୟନ୍ତ ସାହୁ,ଏନଏସି ଇଓ ମନୋରଞ୍ଜନ ସୁନା,ଏସ୍‌ଡିପିଓ ପ୍ରଦୀପ ଦାସ ପ୍ରମୁଖଙ୍କ ସମେତ କୁଚିଣ୍ଡା ସାମ୍ବାଦିକ ସଂଘ ସଦସ୍ୟ ସାମିଲ ହୋଇଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ସୁପାରିସ କଲେ ଡିଇଓ

**କୁଚିଣ୍ଡା, ୫।୭(ବିରଞ୍ଚି ଦର୍ଭା):** କୁଚିଣ୍ଡା ବ୍ଲକ କୁସୁମୀ ବଳରାମ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଥିଲେ। ତଦନ୍ତ ପରେ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ପତ୍ର ସଂଖ୍ୟା–୫୫୦୪/୨୫।୬।୨୦୨୫ ଯୋଗେ ପ୍ରଧାନ ଶିକ୍ଷୟିତ୍ରୀ ଲିଲି ପୁନମ ସୋରେଙ୍ଗଙ୍କ ଅନ୍ୟତ୍ର ବଦଳି ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସୁପାରିଶ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲର ଦୁଇଟି ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଦାୟିତ୍ୱରେ ଥିଲେ ମଧ୍ୟ ହେଡକ୍ୱାର୍ଟର୍ସରେ ନ ରହି ମଧ୍ୟ ଘରଭଡ଼ା ନେଉଛନ୍ତି। ସ୍କୁଲରେ ଇକୋ କ୍ଲବ ଯୋଜନାରେ ଗୋଟିଏ ବି ଗଛ ନ ଲଗାଇ ମିଥ୍ୟା ବିଲ କରାଯାଉଛି। ସ୍କୁଲ ପରିସରରେ ଥିବା ଦେବଦାରୁ ଗଛକୁ ବିନା ଅନୁମୋଦନରେ କାଟି ହଷ୍ଟେଲ ଜାଳେଣି କାଠଭାବେ ବ୍ୟବହାର କରାଯାଇଛି। ଏଭଳି ବେଆଇନ କାମ ବାବଦରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ପ୍ରଥମେ କୁଚିଣ୍ଡା ବିଇଓ, ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ। ଫଳରେ ସେମାନେ ଜନଶୁଣାଣି ପୋର୍ଟାଲରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ପରେ ଜିଲା ଶିକ୍ଷାଧିକାରୀଙ୍କ ଚିଠି ନଂ–୪୧୪୧/୨୦୨୫ ମେ ୨୦ରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ, ମୁଖ୍ୟ କିରାଣୀ ପ୍ରହ୍ଲାଦ ରୋହିଦାସ ଓ କୁଚିଣ୍ଡା ବିଇଓ ଗୀତା ପଧାନ କୁସୁମୀ ହାଇସ୍କୁଲ ଆସି ତଦନ୍ତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତାଙ୍କର ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବା ପରେ ଅଭିଯୋଗର ସତ୍ୟତା ଥିବା ଅବଗତ ହୋଇ ଜିଲା ଶିକ୍ଷାଧିକାରୀ ପ୍ରଧାନ ଶିକ୍ଷୟିତ୍ରୀ ସୋରେଙ୍ଗଙ୍କ ଅନ୍ୟତ୍ର ବଦଳି ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସୁପାରିଶ କରିଛନ୍ତି। ବେଆଇନଭାବେ ଉଠାଇଥିବା ଘରଭଡ଼ା ଟଙ୍କାକୁ ଆଦାୟ କରିବା ପାଇଁ ଆକାଉଣ୍ଟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜମି ଅଧିଗ୍ରହଣ ପାଇଁ ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅଧୀନରେ କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)–ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ବିଜ୍ଞପ୍ତି

### ରେଳ ମନ୍ତ୍ରଣାଳୟ (ରେଲୱେ ବୋର୍ଡ)

**ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ର ଧାରା 20-F(4) ଅଧୀନରେ ସର୍ବସାଧାରଣ ବିଜ୍ଞପ୍ତି**

**ଗାର୍ଡେନ ରିଚ୍, କୋଲକାତା, ୦୫।୦୭।୨୦୨୫**

ଯେତେବେଳେ କି ଭାରତ ସରକାରଙ୍କ ରେଳପଥ ମନ୍ତ୍ରାଳୟର ବିଜ୍ଞପ୍ତି ନଂ. S.O. 291 (E) Dated: 15th January 2025 ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ–II, ଧାରା–୩, ଉପବିଭାଗ–II ତା୧୫।୦୧।୨୦୨୫ରେ ପ୍ରକାଶିତ ହୋଇଥିଲା (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଏବଂ ଏହା ରେଳପଥ ଅଧିନିୟମ – ୧୯୮୯ (୧୯୮୯ର ୨୪)ର ଧାରା 20Eର ଉପବିଭାଗ (I) ଅଧୀନରେ (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଜାରି କରାଯାଇଥିଲା। କେନ୍ଦ୍ର ସରକାର ଏତଦ୍ୱାରା ଓଡ଼ିଶା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରେ ବିଶ୍ରା ତହସିଲର କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)–ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ସାଧାରଣ ଉଦ୍ଦେଶ୍ୟ ପାଇଁ ସମସ୍ତ ବାଧାମୁକ୍ତ ଥିବା କେନ୍ଦ୍ର ସରକାରଙ୍କ ସହ ସମ୍ପୂର୍ଣ୍ଣ ରୂପେ ଅଧିକାରଭୁକ୍ତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମିର ପରିଚାଳନା, ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ସମ୍ବନ୍ଧେ ଘୋଷଣା କରୁଛନ୍ତି।

ଏବଂ ଏହି ହେତୁ ପ୍ରଥମ ଗେଜେଟ୍ ବିଜ୍ଞପ୍ତି ନଂ. S.O. 5410 (E) Dated: 21st December 2023ର ଭାରତୀୟ ରାଜପତ୍ରରେ ତା୨୧।୧୨।୨୦୨୩ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାର 20A ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ସକାଳ (ଓଡ଼ିଆ) ଓ ନବଭାରତ (ହିନ୍ଦୀ)ରେ ଯଥାକ୍ରମେ ତା୧୫।୦୧।୨୦୨୪ ଓ ୧୬।୦୧।୨୦୨୪ରେ ପ୍ରକାଶ ପାଇଥିଲା ଏବଂ ଦ୍ୱିତୀୟ ଗେଜେଟ୍ ବିଜ୍ଞପ୍ତି ନଂ. S.O. 291(E) Dated 15th January 2025ଟି ଭାରତୀୟ ରାଜପତ୍ରରେ ତା୧୫।୦୧।୨୦୨୫ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ବିଭାଗ 20E ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ପ୍ରମେୟ ଓ ପ୍ରଗତିବାଦୀରେ (ଓଡ଼ିଆ) ତା୧୭।୦୧।୨୦୨୫ରେ ପ୍ରକାଶ ପାଇଥିଲା।

ତା୧୯।୦୫।୨୦୨୫ରେ ନିମ୍ନସ୍ୱାକ୍ଷରକାରୀ ପ୍ରକଳ୍ପ ପାଇଁ ତାଙ୍କର ଆକଳନକୁ ଚୂଡ଼ାନ୍ତ କରିଛନ୍ତି ଏବଂ ଏହି ବିଷୟକୁ ଉପ–ମୁଖ୍ୟଯନ୍ତ୍ରୀ (ନିର୍ମାଣ), ଦକ୍ଷିଣ–ପୂର୍ବ ରେଳପଥ, ରାଉରକେଲାଙ୍କୁ ସୂଚନା ପ୍ରଦାନ କରାଯାଇଛି।

### ସୂଚୀ

**ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)–ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଅଧୀନରେ ଜମିର ସଂକ୍ଷିପ୍ତ ବିବରଣୀ**

ଯଦି କୌଣସି ଦାବି/ମତାମତ ଥାଏ ତାହାର ସମାଧାନ ପାଇଁ ବ୍ୟକ୍ତିଗତ ଏଜେଣ୍ଟଙ୍କ ଦ୍ୱାରା/ଆଇନଗତ ଓକିଲଙ୍କ ଦ୍ୱାରା ଉପସ୍ଥିତ ହେବାପାଇଁ ଅନୁରୋଧ କରାଯାଉଛି। ଗ୍ରାମୱାରୀ ବିବରଣୀ ଓ ସମୟ ନିମ୍ନରେ ଦିଆଯାଉଛି।

**ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନ**

ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ୍, ସୁନ୍ଦରଗଡ଼

ରିପୋର୍ଟିଙ୍ଗ ତାରିଖ: ୧୦।୦୭।୨୦୨୫ ଓ ପରଠାରୁ, ସମୟ: ରବିବାର ଓ ଛୁଟିଦିନ ବ୍ୟତୀତ ଅଫିସ୍ ସମୟ।

**ମୌଜା: କପାଟିମୁଣ୍ଡା**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | 652 | ଗୋଡ଼ା–୨ | 0.05 | 0.03 | ଅସ୍ତ ଓରାମ, ମଙ୍ଗସି ଓରାମ, ବିଞ୍ଜୁସ ଓରାମ, ପି.: ହରି ଓରାମ, ନିର୍ମଳ ଓରାମ, ବିନୋଦ ଓରାମ, ପି.: ମଦର ଓରାମ, ହିଲାରୁଷ ଓରାମ, ପି.: ଟ୍ରେମ୍ବୁ ଓରାମ, ଜା: ଓରାମ ଖ୍ରୀଷ୍ଟିଆନ, ବା: ନିଜଗାଁ |
| 2 | 13 | 653 | ଗୋଡ଼ା–୨ | 0.34 | 0.07 | ଗହନ ଡୁରୀ, ପି.: ଲଲସଇ ଡୁରୀ, ଜା: ଡୁରୀ, ବା: ନିଜଗାଁ |
| 3 | 19 | 655 | ଗୋଡ଼ା–୨ | 0.19 | 0.16 | ଚିମା ଓରାମ, ପି.: ଭୁଗଲୁ ଓରାମ, ପୁଣ ଖେସ୍, ସମ ଖେସ୍, ଚନ୍ଦୁ ଖେସ୍, ପି.: ଲୁଟୁଆ ଓରାମ, ଖୁଡି ଓରାମ, ଭଗ୍ନ ଓରାମ, ପି.: ତୀଲକ ଓରାମ, ଜା: ଓରାମ, ବା: ନିଜଗାଁ |
| | | 656 | ଗୋଡ଼ା–୨ | 0.33 | 0.16 | |
| 4 | 30 | 658 | ଗୋଡ଼ା–୨ | 2.18 | 0.05 | ଝମନ ମହତ, ପି.: ଝରି ମହତ, ସୁଫଳ ମହତ, ପି.: କାର୍ତ୍ତିକ ମହତ, ବୁଧୁ ମହତ, ମଧୁ ମହତ, ପି.: ଗଣେଶ ମହତ, ଖେତ୍ରୁ ମହତ, ସରାଠୁ ମହତ, ପି.: ପଞ୍ଚୁ ମହତ, ଜା: କୁଡୁମ, ବା: ନିଜଗାଁ |
| | | 665 | ଗୋଡ଼ା–୨ | 2.35 | 0.04 | |
| 5 | 76 | 663 | ଗୋଡ଼ା–୨ | 0.06 | 0.06 | ମଉଧେଇ ଓରାମ, ପି.: ମିନୁ ଓରାମ, କ୍ୱାକିଂ ଓରାମ, ପି.: ସମାର ଓରାମ, ଜା: ଓରାମ, ବା: ନିଜଗାଁ |
| | | 664 | ଗୋଡ଼ା–୨ | 0.17 | 0.14 | |
| | | | | Total | Ac.0.71 | |

**ମୌଜା: ବରହବାସ**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 12 | 181 | ଘରବାରି | 0.27 | 0.16 | ଜଗନ୍ନାଥ ମହାଲି, ଜ୍ଞାନାଥ ମହାଲି, ପି.: ସନିକ ମହାଲି, ଜା: ମହାଲି, ବା: ନିଜଗାଁ |
| | | 182 | ଗୋଡ଼ା–୨ | 0.54 | 0.03 | |
| | | | | Total | Ac.0.19 | |

C.A.L.A.-cum-Land Acquisition Officer
Sundargarh

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

लापता: आवश्यक सूचना



**गुमशुदा पुरूष विरेन्द्र सिंह, उम्र–50 वर्ष**

सर्व साधारण को सूचित किया जाता है कि आवेदिका गीता देवी के द्वारा अपने पति विरेन्द्र सिंह, उम्र–50 वर्ष की गुमशुदगी के संबंध में चाकुलिया थाना में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा विरेन्द्र सिंह, उम्र–50 वर्ष, पिता–स्व0 जनार्दन सिंह, पता–ग्राम–नया बाजार, थाना–चाकुलिया, जिला–पूर्वी सिंहभूम, जमशेदपुर जो गुड़गाँव, हरियाणा में गाड़ी चलाते थे।

दिनांक–21.06.2025 से उनसे सम्पर्क नहीं हो पा रहा है। गुमशुदा पुरूष का हुलिया निम्न प्रकार है:–उम्र–50 वर्ष, कद–05 फीट 08 इंच, रंग–सांवला, पहनावा–जिन्स कुर्ता तथा भाषा–हिन्दी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनु0पु0पदा0, घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 356601 (Police)25-26*D

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT, RANCHI

**NirupanBhawan,3rd Floor,Room No. 401, 56-Set,Doranda,Ranchi-834002**

**e-Procurement (Very Short Tender Notice)**
**Letter of Invitation (LOI) No.-16/2025-26 2nd Call**
**e-Tender Ref No:–RCD/SID/AP/RAN/16/2025-26 Date:- 03.07.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Radhanagar Ghatiyali more (Telidih Vikramdih road) to JMP-4 (sector-12) via Satanpur including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro Districtin the State of Jharkhand. (Tetative Length 08.10 K.m.)*Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 08.10 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee. Tender fee will be recived through online mode only. The quotationershave to deposit a fixed amount ofRs 20,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 07.07.2025,10:30 AM |
| 7 | Last Date/Time of Bid Submission | 14.07.2025 12:00PM |
| 8 | Last Date/Time of Submission of Tender Fee & EMD | 14.07.2025 12:00PM |
| 9 | Date and Time of Bid opening | 15.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |
| 13 | PR NO.- | 355130 (2025-26) D |

Note:-Only e-Tender shall be accepted.

**Sd./-(Ravi Shankar Pravakar)Executive Engineer, Soil Investigation Division, Advance Planning, Road Construction Department,Ranchi**

PR 356607 (Road)25-26*D

## ODISHA PUBLIC SERVICE COMMISSION CUTTACK

### NOTICE

**No. 4595/P.S.C., Dt.03.07.2025**
**PF1-1E-04-2025/26 (DR-III)**

**Recruitment to the post of Assistant Conservator of Forest & Forest Ranger**
**(Advertisement No. 08 of 2023-24)**

No. D-120:- In continuation to this Office Notice No. 3723/PSC, dtd. 31.05.2025, it is for information of all qualified candidates that **the Physical Standard and Endurance Test (Walking)** for recruitment to the post of **Assistant Conservator of Forest, Group-A (JB) & Forest Ranger, Group-B**, pursuant to Advertisement No. 08 of 2023-24 shall be conducted by the Principal Chief Conservator of Forests, Odisha **at Regional Plant Resource Centre (RPRC) Campus, Nayapalli, Bhubaneswar** from **14.07.2025 to 20.07.2025** as per the following schedule.

**Venue:** Regional Plant Resource Centre (RPRC) Campus, Nayapalli, Bhubaneswar

**PROGRAMME FOR PHYSICAL STANDARD AND ENDURANCE TEST (WALKING):**

| Sl. No. | Roll No. | Physical Standard Test: Date & Time of Reporting | Physical Standard Test: Date & Time of Event | Endurance Test (Walking): Date & Time of Reporting | Endurance Test (Walking): Date & Time of Event |
|---|---|---|---|---|---|
| 01. | 100117, 100154, 100174, 100241, 100468, 100533, 100535, 100602, 100692, 100760, 101005, 101014, 101260, 101329, 101391, 101862, 101956, 102042, 102132, 102232, 102252, 200084, 200099, 200252, 200353, 200399, 200578, 200934, 201058, 201153, 201457, 201459, 201577, 201579, 201658, 201670, 201739, 201752, 201964, 202135, 202171, 202286, 202296, 300025, 300034, 300042, 300045, 300125, 300128, 300132, 300176, 300207, 300243, 300253, 300281, 300289, 300292, 300322, 300337, 300358, 300428, 300429, 300440, 300508, 300556, 300607, 300611, 300672, 300696. 300706, 300716, 300734, 300747, 300754, 300770, 300835, 300904, 300911, 300912, 300939, 301045, 301049, 301053, 301102, 301126, 301148, 301157, 301161, 301276 & 301345 **= 90 candidates** | 14.07.2025 10.00 A.M. | 14.07.2025 10.30 A.M. to 05.30 P.M. | 15.07.2025 04.30 A.M. | 15.07.2025 05.30 A.M. to 09.30 A.M. |
| 02. | 301365, 301370, 301374, 301386, 301404, 301420, 301479, 301531, 301538, 301593, 301623, 301626, 301659, 301670, 301692, 301705, 301709, 301711, 301740, 301766, 301779, 301900, 301936, 301947, 301949, 302025, 302030, 302031, 302044, 302081, 302129, 302141, 302178, 302253, 302263, 302322, 302368, 302387, 302389, 302402, 302453, 302457, 302459, 302524, 302537, 302606, 302615, 302666, 302687, 302727, 302863, 302879, 302897, 302927, 302941, 302989, 302990, 303142, 303151, 303168, 303171, 303172, 303239, 303241, 303254, 303268, 303291, 303327, 303414, 303425, 303496, 303499, 303508, 303523, 303548, 303565, 303581, 303630, 303737, 303741, 303746, 303759, 303762, 303780, 303909, 303915, 303929, 303935, 303937 & 303986 **= 90 candidates** | 15.07.2025 10.00 A.M. | 15.07.2025 10.30 A.M. to 05.30 P.M. | 16.07.2025 04.30 A.M. | 16.07.2025 05.30 A.M. to 09.30 A.M. |
| 03. | 304011, 304018, 304086, 304107, 304116, 304147, 304180, 304209, 304234, 304263, 304282, 304288, 304305, 304309, 304335, 304345, 304371, 304386, 304394, 304397, 304427, 304428, 304442, 304551, 304596, 304605, 304676, 304679, 304701, 304706, 304724, 304727, 304744, 304755, 304758, 304793, 304804, 304806, 304814, 304820, 304823, 304906, 304953, 304962, 304988, 305056, 305057, 305061, 305127, 305231, 305267, 305282, 305341, 305347, 305366, 305397, 305486, 305517, 305529, 305572, 305616, 305654, 305655, 305704, 305768, 305815, 305825, 305833, 305859, 305882, 305902, 305924, 305960, 305966, 305971, 305999, 306013, 306030, 306093, 306129, 306137, 306145, 306157, 306206, 306217, 306284, 306304, 306344, 306438 & 306440 **= 90 candidates** | 16.07.2025 10.00 A.M. | 16.07.2025 10.30 A.M. to 05.30 P.M. | 17.07.2025 04.30 A.M. | 17.07.2025 05.30 A.M. to 09.30 A.M. |
| 04. | 306463, 306490, 306516, 306531, 306548, 306561, 306611, 306630, 306641, 306659, 306687, 306760, 306778, 306816, 306841, 306950, 306962, 307048, 307049, 307071, 307078, 307095, 307120, 307124, 307125, 307175, 307232, 307237, 307328, 307415, 307467, 307530, 307544, 307690, 307695, 307709, 307766, 307842, 307866, 307927, 307945, 307946, 307964, 307977, 307995, 308019, 308029, 308084, 308140, 308142, 308159, 308162, 308253, 308298, 308302, 308397, 308617, 308702, 308723, 308744, 308758, 308766, 308803, 308810, 308814, 308829, 308865, 308905, 308962, 308976, 309027, 309049, 309072, 309105, 309107, 309134, 309161, 309172, 309177, 309268, 309283, 309320, 309328, 309355, 309388, 309389, 309405, 309429, 309433 & 309439 **= 90 candidates** | 17.07.2025 10.00 A.M. | 17.07.2025 10.30 A.M. to 05.30 P.M. | 18.07.2025 04.30 A.M. | 18.07.2025 05.30 A.M. to 09.30 A.M. |
| 05. | 309480, 309494, 309539, 309547, 309592, 309658, 309660, 309662, 309688, 309754, 309776, 309778, 309787, 309789, 309833, 309864, 309884, 309888, 309944, 309955, 310000, 310062, 310066, 310133, 310135, 310153, 310265, 310269, 310272, 310326, 310359, 310398, 310401, 310418, 310422, 310439, 310510, 310532, 310538, 310610, 310653, 310690, 310700, 310705, 310716, 310724, 310777, 310805, 310845, 310896, 310951, 310964, 310967, 311072, 311100, 311141, 311144, 311232, 311277, 311299, 311361, 311425, 311427, 311454, 311458, 311566, 311568, 311635, 311650, 311689, 311757, 311766, 311815, 311825, 311844, 400018, 400037, 400161, 400172, 400256, 400319, 400375, 400396, 400446, 400452, 400475, 400489, 400586, 400632 & 400633 **= 90 candidates** | 18.07.2025 10.00 A.M. | 18.07.2025 10.30 A.M. to 05.30 P.M. | 19.07.2025 04.30 A.M. | 19.07.2025 05.30 A.M. to 09.30 A.M. |
| 06. | 400639, 400705, 400767, 400815, 400817, 400903, 400931, 400960, 400969, 400993, 401083, 401112, 401118, 401159, 401172, 401288, 401453, 401501, 401554, 401635, 401727, 401767, 401841, 401855, 401887, 401890, 401931, 401965, 401997, 402000, 402236, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403074, 403077, 403078, 403229, 403264, 403346, 403361, 403653, 500026, 500051, 500281, 500385, 500402, 500517, 500826, 500965, 501052, 501130, 501189, 501304, 501407, 501595, 501865, 501973, 502269, 502578, 502659, 502874, 502932, 503024, 503032, 503298, 503451, 503473, 503513, 503548, 503562, 503693, 503780, 503792 & 504047 **= 83 candidates** | 19.07.2025 10.00 A.M. | 19.07.2025 10.30 A.M. to 05.30 P.M. | 20.07.2025 04.30 A.M. | 20.07.2025 05.30 A.M. to 09.30 A.M. |

The Intimation letters for the above short listed candidates will be available in the website of the Commission at http://opsc.gov.in from **09.07.2025** to be downloaded by the candidates concerned. The candidates are required to produce Original Photo Identity Proof, the downloaded Intimation Letter at the venue and the time of the Physical Test as indicated in the Intimation Letter. The candidates not appearing in the Test shall stand disqualified.

**Instructions to the Candidates for the Physical Standard & Endurance Test:**

1. The candidates should report at the venue (RPRC, Bhubaneswar) as per the schedule mentioned against their Roll Number.
2. The Physical Test will be followed by Endurance Test (Walking test).
3. The candidate will produce the following documents:
   a) Production of self-downloaded and self-attested copy of Intimation Letter issued by OPSC.
   b) Original Identity proof such as Aadhaar/PAN card/Voter I card/Passport/Driving License.
4. For further clarification, if any, the candidate may contact DFO, Chandaka (WL) Division on his **Mobile No. 9438879500.**
5. Only one person (parent/guardian/relatives) will be allowed with the candidate during the test when preferred by the candidate.

OIPR-12002/11/0258/2526

**Sd./- Secretary**

# ରାଶନ କାର୍ଡ ପାଇଁ ବ୍ଲକକୁ ଦୌଡ଼ି ନୟାନ୍ତ

**ଲାଠୋର,୫।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜାମଟୁଁଆ ଗ୍ରାମର ଛାୟା ରଣା ରାଶନ କାର୍ଡ ପାଇଁ ବ୍ଲକକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲା ପରେ ମଧ୍ୟ ତାଙ୍କୁ କାର୍ଡ ପ୍ରଦାନ କରାଯାଉ ନଥିବା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସ୍ୱାମୀ ଖଗେଶ୍ୱର, ଝିଅ ଅନ୍ୱେଷା ଓ ପୁଅ ଆୟୁଷଙ୍କୁ ନେଇ ଛାୟାଙ୍କ ପରିବାର। ସ୍ୱାମୀ ଖଗେଶ୍ୱର ଏବଂ ପୁଅ ଆୟୁଷ ଶାଶୁ ପାନବାଇ ରଣାଙ୍କ ନାମରେ ଥିବା ରାଶନ କାର୍ଡରେ ଅନ୍ତର୍ଭୁକ୍ତ ଅଛନ୍ତି। ହେଲେ ଛାୟା ଏବଂ ଝିଅ ଅନ୍ୱେଷାଙ୍କ ନାମ ଶାଶୁଙ୍କ ରାଶନ କାର୍ଡରେ ଅନ୍ତର୍ଭୁକ୍ତ ହୋଇନାହିଁ। ନାମ ଯୋଡିବାକୁ ଯୋଗାଣ ସହାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଫଳରେ କୌଣସି ଉପାୟ ନପାଇ ଛାୟା ତାଙ୍କ ନାମରେ ରାଶନ କାର୍ଡ ପ୍ରଦାନ ପାଇଁ ଦୁଇ ବର୍ଷ ପୂର୍ବେ ଆବଶ୍ୟକ କାଗଜପତ୍ର ଖପ୍ରାଖୋଲ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜମା ଦେଇଛନ୍ତି। ହେଲେ ତାଙ୍କୁ ଆଜିଯାଏ ରାଶନ କାର୍ଡ ପ୍ରଦାନ କରାଯାଇ ନାହିଁ। ବାରମ୍ବାର ଖପ୍ରାଖୋଲ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡ଼ି କାର୍ଡ ପ୍ରଦାନ ପାଇଁ ଅନୁରୋଧ କରିଥିଲେ ହେଁ ବିଭାଗୀୟ କର୍ମଚାରୀ ଆଜିକାଲି କହି ସମୟ ଗଡ଼େଇ ଚାଲିଛନ୍ତି। ଫଳରେ ମା' ଝିଅ ରାଶନ ପାଇବାରୁ ବଞ୍ଚିତ ରହିଛନ୍ତି। ଜାମଟୁଆଁ ଗ୍ରାମର ଅନେକ ପରିବାରରେ ଏଭଳି ସମସ୍ୟା ରହିଛି। ଫଳରେ ଯୋଜନାର ସୁଫଳ ପାଇ ନ ପାରି ଭୋକ ଓପାସରେ ଅନେକ ସମୟରେ ରହିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଏନେଇ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲାଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମର କେତେ ଲୋକ ରାଶନ ପାଇବାରୁ ବଞ୍ଚିତ ଅଛନ୍ତି ତା'ର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ରାଶନ କାର୍ଡ ପାଇବାରୁ ବଞ୍ଚିତ ଜାମଟୁଆଁ ଗ୍ରାମର ଛାୟା ରଣା।

# ୯ ଦିନ ହେଲା ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍

**ପାଟଣାଗଡ଼,୫।୭(ସଚ୍ଚିଦାନନ୍ଦ ମହାଛୁରା):** ପାଟଣାଗଡ଼ ବ୍ଲକରେ ସମିତି ସଭ୍ୟାସଭ୍ୟ ଓ ଏନଏସିରେ କାଉନସିଲରମାନଙ୍କ ଆନ୍ଦୋଳନ ଶନିବାର ନବମ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ଧୀରେ ଧୀରେ ଉଗ୍ରରୂପ ନେଉଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ସମିତି ସଭ୍ୟାସଭ୍ୟମାନେ ଶନିବାର ବ୍ଲକ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦକରିଦେଇଥିଲେ। ପରେ ଆନ୍ଦୋଳନକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଫଳରେ ବିଡ଼ିଓ ସୁମନ ମିଞ୍ଜଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଅଫିସ ବାହାରେ ବସିରହିଥିଲେ। ଅପରପକ୍ଷରେ ସରକାରୀ କାର୍ଯ୍ୟ ବ୍ଲକ ଓ ଏନଏସିରେ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପଡିଛି। ଫଳରେ ବିଭିନ୍ନ କାମ ପାଇଁ ବ୍ଲକ ଓ ଏନଏସି କୁ ଆସୁଥିବା ଲୋକେ ନିରାଶ ହୋଇ ଘରକୁ ଫେରୁଥିବାର ଦେଖିବାକୁ ମିଳୁଛି।

# ପ୍ରଧାନ ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟିଟିଲାଗଡ଼,୫।୭(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗତ ୩୦ ତାରିଖରେ ପ୍ରଧାନ ଆଚାର୍ଯ୍ୟ ମହାପାତ୍ର ଅବସର ଗ୍ରହଣ କରିଛନ୍ତି। ବରିଷ୍ଠ ଆଚାର୍ଯ୍ୟ ମଦନ ମୋହନ ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଡମ୍ବରୁଧର କର୍ମୀ, କୋଷାଧ୍ୟକ୍ଷ ଶେଷଦେବ ମେହେର, ଝୁମିରାଣୀ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ସହଧର୍ମିଣୀ ତରଙ୍ଗିଣୀ ମହାପାତ୍ର , ସ୍ୱାତି ସୁମନ, ନୂତନ ପ୍ରଧାନ ଆଚାର୍ଯ୍ୟ ଦାଶରଥି ଘିଭେଲା ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ କୈଳାଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ବରିଷ୍ଠ ଆଚାର୍ଯ୍ୟ ଯୁଧିଷ୍ଠିର ପାଢୀ, ସଂଯୁକ୍ତା ପାଣିଗ୍ରାହୀ ତଥା ପରିଚାଳନା ସମିତିର ସମ୍ପାଦକ ଓ ସଭାପତି ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ମହାପାତ୍ରଙ୍କ ଛାତ୍ର ବତ୍ସଳତା, କାର୍ଯ୍ୟରେ ନିଷ୍ଠାପରତା ଓ ତାଙ୍କ କାର୍ଯ୍ୟକାଳ ସମୟରେ ବିଦ୍ୟାଳୟରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକର ଉଦାହରଣ ଦେଇଥିଲେ। ଏହାର ଉତ୍ତରରେ ମହାପାତ୍ର ନିଜ ବକ୍ତବ୍ୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜର ସାମଗ୍ରିକ ବିକାଶ କରି ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ସଙ୍ଗୀତ ଆଚାର୍ଯ୍ୟ ସୋହନ ମାଝୀ ବିଦାୟକାଳୀନ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟଙ୍କୁ ଉପଢୌକନ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ନୂତନ ପ୍ରଧାନ ଆଚାର୍ଯ୍ୟ ଘିଭେଲାଙ୍କୁ ସ୍ୱାଗତ କରାଯାଇଥିଲା । ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

**ଦେଓଗାଁ,୫।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତର ବରିଷ୍ଠ କଂଗ୍ରେସ କର୍ମୀ ବଳରାମ ନାୟକଙ୍କୁ ଶନିବାର ଜଣେ ଦୁର୍ବୃତ୍ତ କୁତୁର୍ଲା କଲେଜ ନିକଟରେ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ସମୟରେ ବଳରାମ ଏକ ବାଇକ୍‌ରେ ସ୍ଥାନୀୟ କଲେଜ ନିକଟରେ ବସୁଥିବା ସାପ୍ତାହିକ ବଜାରକୁ ଆସୁଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ଜଣେ ଯୁବକ ତାଙ୍କ ମୁଣ୍ଡକୁ ଏକ ବାଡିରେ ପିଟି ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡଫାଟି ଗଭୀର ଆଘାତ ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବଳରାମଙ୍କ ଅଭିଯୋଗକୁ ଆଧାର କରି ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ରାଣୀପୁର ଝରିଆଲ ବିକାଶ ପାଇଁ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

**କଣ୍ଟାବାଞ୍ଜି,୫।୭(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ବଙ୍ଗୋମୁଣ୍ଡା ବ୍ଲକର ଐତିହାସିକ ସ୍ଥଳ ରାଣୀପୁର ଝରିଆଲ ୬୪ ଯୋଗିନୀ ପୀଠର ବିକାଶ ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପୀଠ ଦେଶର ଏକ ଅନନ୍ୟ ଐତିହାସିକ ସ୍ଥଳ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ଉପସ୍ଥିତିରେ ଓଡ଼ିଶା ପର୍ଯ୍ୟଟନ ବିଭାଗ କମିଶନର ବଳବନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ଓଟିଡିସିର ଆର୍କିଟେକ ରାଣୀପୁର ଝରିଆଲରେ ହେବାକୁ ଥିବା ଉନ୍ନତିମୂଳକ କାର୍ଯ୍ୟର ଡିପିଆର୍ ଦେଖାଇ ଥିଲେ। ଏହି ବୈଠକରେ ବଙ୍ଗୋମୁଣ୍ଡା ବ୍ଲକ ସମିତି ସଭ୍ୟ ଭୋଲାନାଥ ବେହେରା, ଯୋଗେଶ ଅଗ୍ରୱାଲଙ୍କ ସମେତ ବ୍ଲକର ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ।


## ଜମି ଅଧିଗ୍ରହଣ ପାଇଁ ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅଧୀନରେ କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ବିଜ୍ଞପ୍ତି

### ରେଳ ମନ୍ତ୍ରଣାଳୟ (ରେଲୱେ ବୋର୍ଡ)

**ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ର ଧାରା 20-F(4) ଅଧୀନରେ ସର୍ବସାଧାରଣ ବିଜ୍ଞପ୍ତି**

**ଗାର୍ଡେନ ରିଚ୍, କୋଲକାତା, ୦୫।୦୭।୨୦୨୫**

ଯେତେବେଳେ କି ଭାରତ ସରକାରଙ୍କ ରେଳପଥ ମନ୍ତ୍ରାଳୟର ବିଜ୍ଞପ୍ତି ନଂ. S.O. 291 (E) Dated: 15th January 2025 ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ-II, ଧାରା-୩, ଉପବିଭାଗ-II ତା୧୫।୦୧।୨୦୨୫ରେ ପ୍ରକାଶିତ ହୋଇଥିଲା (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଏବଂ ଏହା ରେଳପଥ ଅଧିନିୟମ – ୧୯୮୯ (୧୯୮୯ର ୨୪)ର ଧାରା 20Eର ଉପବିଭାଗ (I) ଅଧୀନରେ (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଜାରି କରାଯାଇଥିଲା। କେନ୍ଦ୍ର ସରକାର ଏତଦ୍ୱାରା ଓଡ଼ିଶା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରେ ବିଶ୍ରା ତହସିଲର କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ସାଧାରଣ ଉଦ୍ଦେଶ୍ୟ ପାଇଁ ସମସ୍ତ ବାଧାମୁକ୍ତ ଥିବା କେନ୍ଦ୍ର ସରକାରଙ୍କ ସହ ସମ୍ପୂର୍ଣ୍ଣ ରୂପେ ଅଧିକାରଭୁକ୍ତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମିର ପରିଚାଳନା, ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ସମ୍ବନ୍ଧେ ଘୋଷଣା କରୁଛନ୍ତି।

ଏବଂ ଏହି ହେତୁ ପ୍ରଥମ ଗେଜେଟ୍ ବିଜ୍ଞପ୍ତି ନଂ. S.O. 5410 (E) Dated: 21st December 2023ର ଭାରତୀୟ ରାଜପତ୍ରରେ ତା୨୧।୧୨।୨୦୨୩ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାର 20A ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ସକାଳ (ଓଡ଼ିଆ) ଓ ନବଭାରତ (ହିନ୍ଦୀ)ରେ ଯଥାକ୍ରମେ ତା୧୫।୦୧।୨୦୨୪ ଓ ୧୬।୦୧।୨୦୨୪ରେ ପ୍ରକାଶ ପାଇଥିଲା ଏବଂ ଦ୍ୱିତୀୟ ଗେଜେଟ୍ ବିଜ୍ଞପ୍ତି ନଂ. S.O. 291(E) Dated 15th January 2025ଟି ଭାରତୀୟ ରାଜପତ୍ରରେ ତା୧୫।୦୧।୨୦୨୫ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ବିଭାଗ 20E ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ପ୍ରମେୟ ଓ ପ୍ରଗତିବାଦୀରେ (ଓଡ଼ିଆ) ତା୧୭।୦୧।୨୦୨୫ରେ ପ୍ରକାଶ ପାଇଥିଲା।

ତା୧୯।୦୫।୨୦୨୫ରେ ନିମ୍ନସ୍ୱାକ୍ଷରକାରୀ ପ୍ରକଳ୍ପ ପାଇଁ ତାଙ୍କର ଆକଳନକୁ ଚୂଡ଼ାନ୍ତ କରିଛନ୍ତି ଏବଂ ଏହି ବିଷୟକୁ ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ), ଦକ୍ଷିଣ-ପୂର୍ବ ରେଳପଥ, ରାଉରକେଲାଙ୍କୁ ସୂଚନା ପ୍ରଦାନ କରାଯାଇଛି।

### ସୂଚୀ

**ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଅଧୀନରେ ଜମିର ସଂକ୍ଷିପ୍ତ ବିବରଣୀ**

ଯଦି କୌଣସି ଦାବି/ମତାମତ ଥାଏ ତାହାର ସମାଧାନ ପାଇଁ ବ୍ୟକ୍ତିଗତ ଏଜେଣ୍ଟଙ୍କ ଦ୍ୱାରା/ଆଇନଗତ ଓକିଲଙ୍କ ଦ୍ୱାରା ଉପସ୍ଥିତ ହେବାପାଇଁ ଅନୁରୋଧ କରାଯାଉଛି। ଗ୍ରାମୱାରୀ ବିବରଣୀ ଓ ସମୟ ନିମ୍ନରେ ଦିଆଯାଉଛି।

**ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନ**

ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ୍, ସୁନ୍ଦରଗଡ଼

ରିପୋର୍ଟିଙ୍ଗ ତାରିଖ: ୧୦।୦୭।୨୦୨୫ ଓ ପରଠାରୁ, ସମୟ: ରବିବାର ଓ ଛୁଟିଦିନ ବ୍ୟତୀତ ଅଫିସ୍ ସମୟ।

**ମୌକା: କପାଟିମୁଣ୍ଡା**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | 652 | ଗୋଡ଼ା-୨ | 0.05 | 0.03 | ଅସ୍ତ ଓରାମ, ମନ୍ସସି ଓରାମ, ବିଞ୍ଜୁସ ଓରାମ, ପି.: ହରି ଓରାମ, ନିର୍ମଳ ଓରାମ, ବିନୋଦ ଓରାମ, ପି.: ମଦର ଓରାମ, ହିଲାରୁଷ ଓରାମ, ପି.: ଟ୍ରେମ୍ବୁ ଓରାମ, ଜା: ଓରାମ ଖ୍ରୀଷ୍ଟିଆନ, ବା: ନିଜଗାଁ |
| 2 | 13 | 653 | ଗୋଡ଼ା-୨ | 0.34 | 0.07 | ଗହନ ତୁରୀ, ପି.: ଲଲସଇ ତୁରୀ, ଜା: ତୁରୀ, ବା: ନିଜଗାଁ |
| 3 | 19 | 655 | ଗୋଡ଼ା-୨ | 0.19 | 0.16 | ଚିମା ଓରାମ, ପି.: ଭୁଗଲୁ ଓରାମ, ପୁଣ ଖେସ୍, ସମ ଖେସ୍, ଚନ୍ଦୁ ଖେସ୍, ପି.: ଲୁଟୁଆ ଓରାମ, ଖୁଡି ଓରାମ, ଭଗ୍ନ ଓରାମ, ପି.: ତୀଲକ ଓରାମ, ଜା: ଓରାମ, ବା: ନିଜଗାଁ |
| | | 656 | ଗୋଡ଼ା-୨ | 0.33 | 0.16 | |
| 4 | 30 | 658 | ଗୋଡ଼ା-୨ | 2.18 | 0.05 | ଝମନ ମହତ, ପି.: ଝରି ମହତ, ସୁଫଳ ମହତ, ପି.: କାର୍ତ୍ତିକ ମହତ, ବୁଧୁ ମହତ, ମଧୁ ମହତ, ପି.: ଗଣେଶ ମହତ, ଖେଡୁ ମହତ, ସରାଠୁ ମହତ, ପି.: ପଞ୍ଚୁ ମହତ, ଜା: କୁଡୁମ, ବା: ନିଜଗାଁ |
| | | 665 | ଗୋଡ଼ା-୨ | 2.35 | 0.04 | |
